# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୨/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, November 22/2023 | Page 16 | ₹ 7.00 | BALASORE


୪୯ଶ ଭାଗ ୩୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 356 | ମୂଲ୍ୟ ₹୭/-



ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

DSPL - 404



## ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଆଉ ଏକ ବଳିଷ୍ଠ ପଦକ୍ଷେପ

"ଷ୍ଟେଟ୍ ସପୋର୍ଟ ଟୁ ମହାତ୍ମା ଗାନ୍ଧୀ ନରେଗା"
ଆଉ ୫ଟି ଜିଲ୍ଲାର ୧୦ଟି ବ୍ଲକ୍‌କୁ ସମ୍ପ୍ରସାରିତ

### ସାମିଲ ହୋଇଥିବା ଜିଲ୍ଲା ଓ ବ୍ଲକ୍:

| ଜିଲ୍ଲା | ବ୍ଲକ୍ |
|---|---|
| ଗଜପତି | ମୋହନା, ନୂଆଗଡ |
| କନ୍ଧମାଳ | ଫିରିଙ୍ଗିଆ, ବାଲିଗୁଡା |
| କୋରାପୁଟ | ବୋରିଗୁମ୍ମା, ଦଶମନ୍ତପୁର |
| ନବରଙ୍ଗପୁର | ଝରିଗାଁ, ପାପଡାହାଣ୍ଡି |
| ରାୟଗଡ | କାଶୀପୁର, କଲ୍ୟାଣସିଂହପୁର |

**୨ଲକ୍ଷ ୩୩ ହଜାର ୩୮ ପରିବାର ଓ**
**୩ ଲକ୍ଷ ୮୩ ହଜାର ୮୬୬ ଶ୍ରମିକ ହେବେ ଉପକୃତ**

ମନରେଗା ଯୋଜନା ମାଧ୍ୟମରେ :
- ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପ୍ରଦାନ
- ୩୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି
- ପ୍ରଥମ ୧୦୦ ଦିନ ପର୍ଯ୍ୟନ୍ତ, ଦୈନିକ ୧୧୫ ଟଙ୍କାର ଅତିରିକ୍ତ ମଜୁରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ
- ଦୈନିକ ୩୫୨ ଟଙ୍କା ହାରରେ ୨୦୦ ଦିନର ଅତିରିକ୍ତ ଶ୍ରମ ଦିବସ ଯୋଗାଣ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

OIPR-19001/13/0073/2324

**ଜି-୨୦ ନେତାଙ୍କ ଭର୍ଚୁଆଲ ସମିଟ୍‌ରେ ଯୋଗଦେବେ ପୁଟିନ୍**

ଭାରତ ବୁଧବାର ଆୟୋଜନ କରୁଥିବା ଜି-୨୦ ନେତାମାନଙ୍କ ଭର୍ଚୁଆଲ ସମିଟ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ ଯୋଗଦେବେ ବୋଲି କ୍ରେମ୍ଲିନ୍ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଗତ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ପୁଟିନ୍ ଯୋଗଦେଇ ପାରି ନ ଥିଲେ। ତାଙ୍କ ପ୍ରତିନିଧି ଭାବେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭ ସମିଟ୍‌ରେ ଯୋଗ ଦେଇଥିଲେ। ଭର୍ଚୁଆଲ ସମିଟ୍‌ରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ମଧ୍ୟ ଯୋଗଦେବେ।



## ସଂକ୍ଷେପରେ

### ବଳାତ୍କାରର ୩ ବର୍ଷ ପରେ ପୀଡ଼ିତାଙ୍କୁ ହତ୍ୟା କଲେ ଅଭିଯୁକ୍ତ

**ନୂଆଦିଲ୍ଲୀ,୨୧।୧୧:** ଉତ୍ତରପ୍ରଦେଶର କୌଶମ୍ବି ଜିଲାରେ ଜଣେ ୧୯ ବର୍ଷୀୟା ବଳାତ୍କାର ପୀଡ଼ିତାଙ୍କୁ ମଙ୍ଗଳବାର ସକାଳେ ବଳାତ୍କାରୀ ଓ ତାଙ୍କ ଭାଇ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଅଭିଯୁକ୍ତ ପଓ୍ବନ ନିଶାଦ ୩ ବର୍ଷ ତଳେ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରି ଜେଲ ଯାଇଥିଲେ। କିଛିଦିନ ପୂର୍ବରୁ ପଓ୍ବନ ଜାମିନରେ ଆସିଥିବାବେଳେ ତାଙ୍କ ଭାଇ ଅଶୋକ ଏକ ହତ୍ୟା ମାମଲାରେ ନିକଟରେ ଜେଲରୁ ଫେରିଥିଲେ। ସେମାନେ ପୀଡ଼ିତାଙ୍କ ପରିବାରକୁ ମାମଲା ପ୍ରତ୍ୟାହାର କରିନେବାକୁ ଚାପ ପକାଇ ବିଫଳ ହେବା ପରେ ପୀଡ଼ିତାଙ୍କୁ ବିଚ୍ ରାସ୍ତାରେ ସ୍ପଷ୍ଟ ଦିବାଲୋକରେ ହାଣି ହତ୍ୟା କରିଛନ୍ତି। ଫେରାର ହୋଇଯାଇଥିବା ୨ ଭାଇଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

### ଜେଲରୁ ୨୧ ଦିନିଆ ଛୁଟିରେ ଗୁର୍‌ମିତ

**ଚଣ୍ଡିଗଡ଼,୨୧।୧୧:** ବଳାତ୍କାର ମାମଲାରେ ହରିୟାଣାର ରୋହତକ ଜିଲା ସୁନାରିଆ ଜେଲରେ ଥିବା ଡେରା ସଚା ସୌଦା ମୁଖ୍ୟ ଗୁର୍‌ମିତ ରାମ ରହିମ ସିଂଙ୍କୁ ଅଦାଲତ ମଙ୍ଗଳବାର ୨୧ ଦିନିଆ ଛୁଟିରେ ଛାଡ଼ିଛନ୍ତି। ଚଳିତବର୍ଷ ଏହାକୁ ମିଶାଇ ଗୁର୍‌ମିତ ୩ ଥର ଜେଲରୁ ସାମୟିକ ମୁକୁଳିଲେଣି। ଛୁଟି ଅବଧି ମଧ୍ୟରେ ୫୬ ବର୍ଷୀୟ ଗୁର୍‌ମିତ ଉତ୍ତରପ୍ରଦେଶର ବଘପତ୍‌ରେ ଥିବା ଡେରା ସଚା ସୌଦା ଆଶ୍ରମ ଯିବା କାର୍ଯ୍ୟକ୍ରମ ରହିଛି। ୨ ଜଣ ଶିଷ୍ୟାଙ୍କୁ ବଳାତ୍କାର କରିବା ଅପରାଧରେ ଡେରା ମୁଖ୍ୟ ୨୦ ବର୍ଷ ଜେଲଦଣ୍ଡ ପାଇଛନ୍ତି। ସେ କିଛିଦିନ ପାଇଁ ଛୁଟିରେ ଯିବା ପାଇଁ ଆବେଦନ କରିଥିଲେ। ବଳାତ୍କାର, ହତ୍ୟା ଭଳି ଗମ୍ଭୀର ଅପରାଧରେ ଦୋଷୀସାବ୍ୟସ୍ତ ଜଣେ ବ୍ୟକ୍ତିଙ୍କୁ ଛୁଟିରେ ଛଡ଼ାଯିବାକୁ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଅଧ୍ୟକ୍ଷ ହରଜିନ୍ଦର ସିଂ ଧାମି ଦୃଢ଼ ବିରୋଧ କରିଛନ୍ତି।


ଗୁର୍‌ମିତ ରାମ ରହିମ ସିଂ

### ବିଶ୍ୱକପ୍ ଫାଇନାଲ ବେଳେ ଟିଭି ବନ୍ଦ କରିଦେବାରୁ ପୁଅକୁ ହତ୍ୟା

**ନୂଆଦିଲ୍ଲୀ,୨୧।୧୧(ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଗତ ରବିବାର ବିଶ୍ୱକପ୍ କ୍ରିକେଟ୍‌ର ଫାଇନାଲ ମ୍ୟାଚ୍ ଚାଲିଥିବାବେଳେ ପୁଅ ଟିଭି ବନ୍ଦ କରିଦେବାରୁ ବାପା ତାଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଉତ୍ତରପ୍ରଦେଶର କାନପୁରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ଗଣେଶ ପ୍ରସାଦଙ୍କୁ ଗିରଫ କରିଛି। ଗଣେଶ ଟିଭିରେ କ୍ରିକେଟ ମ୍ୟାଚ୍ ଦେଖୁଥିବାବେଳେ ପୁଅ ଦୀପକ ନିଶାଦ ତାଙ୍କୁ ପ୍ରଥମେ ରାତ୍ର ଭୋଜନ ରୋଷେଇ କରି ପରେ ଟିଭି ଦେଖିବାକୁ କହିଥିଲେ। ଗଣେଶ ତାହା ନ ଶୁଣି ଟିଭି ଦେଖିବା ଜାରି ରଖିବାରୁ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ରାଗିଯାଇ ଦୀପକ ଟିଭି ସୁଇଚ୍ ଅଫ୍ କରିଦେଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ବଚସାରୁ ମାରପିଟ୍ ଆରମ୍ଭ ହୋଇଥିଲା। ଗଣେଶ ଏକ ବିଦ୍ୟୁତ୍ କେବୁଲ୍ ଦୀପକଙ୍କ ବେକରେ ଗୁଡ଼ାଇ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୋଲିସ କହିଛି।


ଉତ୍ତର ଗାଜାସ୍ଥିତ ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲର ରକେଟ ମାଡ଼ ପରର ଦୃଶ୍ୟ। ଏହି ଆକ୍ରମଣରେ ଅନ୍ୟୂନ ୨୦ ପାଲେଷ୍ଟିନୀୟ ନିହତ ହୋଇଛନ୍ତି।

## ୭୫୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ନ୍ୟାଶନାଲ ହେରାଲ୍ଡ ଉପରେ ଇଡି କାର୍ଯ୍ୟାନୁଷ୍ଠାନ**

**ନୂଆଦିଲ୍ଲୀ,୨୧।୧୧**

'ନ୍ୟାଶନାଲ ହେରାଲ୍ଡ' ବିରୋଧରେ ମଙ୍ଗଳବାର ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ),୨୦୦୨ ବଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କଂଗ୍ରେସ ମାଲିକାନାରେ ଥିବା ୟଙ୍ଗ୍ ଇଣ୍ଡିଆନ୍ ଅଧୀନ ଏହି ଖବରକାଗଜର ୭୫୧.୯ କୋଟି ଟଙ୍କାର ସମ୍ପତ୍ତିକୁ ସଂଘୀୟ ଏଜେନ୍ସି ବାଜ୍ୟାପ୍ତ କରିଛି।

ନ୍ୟାଶନାଲ ହେରାଲ୍ଡର ପ୍ରକାଶକ ଆସୋସିଏଟେଡ୍ ଜର୍ନାଲ୍ସ ଲିଃ (ଏଜେଏଲ୍) ଏବଂ ଏହାର ହୋଲ୍ଡିଂ କମ୍ପାନୀ ୟଙ୍ଗ୍ ଇଣ୍ଡିଆନ୍ ବିରୋଧରେ ପ୍ରୋଭିଜନାଲ ଅର୍ଡର ଜାରି କରାଯାଇଥିବା ନେଇ ଇଡି ପକ୍ଷରୁ ଏକ୍ସ'ରେ କୁହାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ଜଡ଼ିତ ଥିବା ୟଙ୍ଗ୍ ଇଣ୍ଡିଆନ୍ କମ୍ପାନୀର ୯୦.୨୧ କୋଟି ଟଙ୍କା ମୂଲ୍ୟର ନିବେଶ ଅଂଶଧନକୁ ଜବତ କରାଯାଇଛି। ସେହିପରି ନ୍ୟାଶନାଲ ହେରାଲ୍ଡର ଦିଲ୍ଲୀ ଓ ମୁମ୍ବାଇ କାର୍ଯ୍ୟାଳୟ ଏବଂ ଲକ୍ଷ୍ନୌସ୍ଥିତ ନେହେରୁ ଭବନକୁ ଆଟାଚ୍ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୬୧.୬୯ କୋଟି ଟଙ୍କା ହେବ। ଇଡି ବାଜ୍ୟାପ୍ତ କରିଥିବା ସମ୍ପତ୍ତିର ମୋଟ ପରିମାଣ ୭୫୨ କୋଟି ଟଙ୍କା ହୋଇଥିବା ଜଣାପଡ଼ିଛି। ଏହି ମାମଲାରେ ଠକେଇ, ଷଡ଼ଯନ୍ତ୍ର ଏବଂ ଏଜେଏଲ୍‌ର ଅଧିଗ୍ରହଣ ସମୟରେ ଆପରାଧିକ ବିଶ୍ୱାସ ଭଙ୍ଗ କରାଯାଇଥିବା ଅଭିଯୋଗ ରହିଛି। ଏଜେନ୍ସି ଏନେଇ ଉଭୟ ସୋନିଆ, ତାଙ୍କ ପୁଅ ରାହୁଲ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଜେରା କରିସାରିଛି। ଅନ୍ୟପକ୍ଷେ ନିର୍ବାଚନ ଚାଲିଥିବା ପ୍ରତ୍ୟେକ ରାଜ୍ୟରେ ଭାଜପାର ପରାଜୟ ନିଶ୍ଚିତ ଥିବା ଜାଣି ସେମାନେ ସେଥିରୁ ଧ୍ୟାନ ହଟାଇବା ପାଇଁ ଇଡି ଦ୍ୱାରା ଏଜେଏଲ୍ ସମ୍ପତ୍ତି ବାଜ୍ୟାପ୍ତ କରାଇଛନ୍ତି ବୋଲି କଂଗ୍ରେସ ନେତା ଅଭିଷେକ ମନୁ ସିଂଘ୍ଭୀ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାର ପ୍ରତିଶୋଧମୂଳକ ମନୋଭାବ ନେଇ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରିଆସୁଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଏଥିସହ ଉକ୍ତ ମାମଲାରେ ମନିଲଣ୍ଡରିଂ କିମ୍ବା ଆର୍ଥିକ କାରବାର ହୋଇ ନ ଥିବା କହୁଛି।

# ମୁକ୍ତି ଆଶାରେ ପଣବନ୍ଦୀ

## ଚୂଡ଼ାନ୍ତ ପର୍ଯ୍ୟାୟରେ ୫ ଦିନିଆ ଅସ୍ତ୍ରବିରତି ସନ୍ଧି

**ଦୋହା/ଗାଜା ସିଟି/ ଜେରୁଜେଲମ୍,୨୧।୧୧**

ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ପରଠୁ ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀ କରି ରଖିଥିବା ଲୋକଙ୍କୁ ଖୁବ୍‌ଶୀଘ୍ର ମୁକ୍ତ କରିପାରନ୍ତି। ଏନେଇ ହମାସ୍ ଓ ଇସ୍ରାଏଲ ମଧ୍ୟରେ କାତାର ମଧ୍ୟସ୍ଥତା କରୁଛି। ସନ୍ଧି ନିକଟତର ହୋଇଥିବା ହମାସ୍ ନେତା ଇସ୍‌ମାଇଲ ହାନିୟେ ସୂଚନା ଦେବା ପରେ ପଣବନ୍ଦୀଙ୍କ ମୁକ୍ତି ଆଶା ଉଜ୍ଜ୍ୱଳ ହୋଇଛି।

ହମାସ୍ ଫାଇଟରମାନେ ସୀମାପାର ଆକ୍ରମଣରେ ୧,୨୦୦ ଇସ୍ରାଏଲୀଙ୍କୁ ହତ୍ୟା କରିଥିବାବେଳେ ଇସ୍ରାଏଲର ପ୍ରତିଆକ୍ରମଣରେ ପ୍ରାୟ ୧୩,୩୦୦ ପାଲେଷ୍ଟିନୀୟ ନିହତ ହେଲେଣି।

**ଲଶ୍କରକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା କଲା ଇସ୍ରାଏଲ୍**

ସେମାନଙ୍କ ମଧ୍ୟରେ ଅନେକ ହଜାର ଶିଶୁ ରହିଛନ୍ତି। ହମାସ୍ ଆତଙ୍କବାଦୀ ପ୍ରାୟ ୨୪୦ ଜଣଙ୍କୁ ପଣବନ୍ଦୀ କରିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଛାଡ଼ିଦେଇଛନ୍ତି। ସମସ୍ତ ପଣବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରି ଆଣିବା ପାଇଁ ଇସ୍ରାଏଲୀମାନେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଚାପ ପକାଉଛନ୍ତି। ସମସ୍ତଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ଅସ୍ତ୍ରବିରତି ଉପରେ ଇସ୍ରାଏଲ ଚିନ୍ତା କରିବ ନାହିଁ ବୋଲି ନେତାନ୍ୟାହୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ଏଭଳି ସମୟରେ କାତାରର ମଧ୍ୟସ୍ଥତା ଆଶ୍ୱସ୍ତି ଆଣିଦେଇଛି। କାତାରରେ ହମାସ୍‌ର ଏକ ରାଜନୈତିକ ଅଫିସର ରହିଛି। ସେଠାରେ ଥିବା ହମାସ୍ ନେତା ହାନିୟେ ଏକ ଟେଲିଗ୍ରାମ ପୋଷ୍ଟରେ କହିଛନ୍ତି, ଆମେ ସନ୍ଧି ଉପରେ ଡିଲ୍‌ର ନିକଟତର ହୋଇଛୁ।

ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ପଣବନ୍ଦୀଙ୍କ ମୁକ୍ତି ପାଇଁ ସହମତି ପ୍ରକାଶ ପାଇବାକୁ ଯାଉଛି ବୋଲି ସୋମବାର କହିଥିଲେ। ସୂତ୍ରରୁ ମିଳିଥିବା ସୂଚନାନୁସାରେ ସ୍ଥଳଭାଗରେ ୫ ଦିନ ପାଇଁ ଅସ୍ତ୍ରବିରତି କରାଯିବ। ଏଥିସହ ଦକ୍ଷିଣ ଗାଜାରେ ମଧ୍ୟ ଇସ୍ରାଏଲ ଏୟାର ଅପରେଶନ୍ ବନ୍ଦ କରିବ। ଏହା ବଦଳରେ ହମାସ୍ ୫୦ରୁ ୧୦୦ ପଣବନ୍ଦୀଙ୍କୁ ମୁକ୍ତ କରିବ। ଆଉ ଏକ ପାଲେଷ୍ଟିନୀୟ ଗୋଷ୍ଠୀକୁ ଇସ୍ରାଏଲ ମୁକ୍ତ କରିବ। ଇସ୍ରାଏଲୀ ଜେଲଗୁଡ଼ିକରେ ଥିବା ମହିଳା ଓ ଶିଶୁଙ୍କ ସମେତ ମୋଟ ୩୦୦ ପାଲେଷ୍ଟିନୀୟ ମୁକ୍ତ ହେବେ ବୋଲି ଡିଲ୍‌ରେ ଆପାତତଃ ଚୂଡ଼ାନ୍ତ ହୋଇଛି। ସଂଘର୍ଷ ଚାଲିଥିବାବେଳେ ଉଭୟ ପକ୍ଷର ଏହି ମାନବୀୟ ଅସ୍ତ୍ରବିରତିକୁ ଭାରତ ସ୍ୱାଗତ କରିଛି। ଇତିମଧ୍ୟରେ ୨୬/୧୧ ମୁମ୍ବାଇ ଆକ୍ରମଣକାରୀ ପାକିସ୍ତାନର ଲଶ୍କର-ଇ-ତୋଇବା (ଏଲ୍‌ଇଟି)କୁ ଇସ୍ରାଏଲ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିଛି। ୬ ଇହୁଦୀଙ୍କ ସମେତ ୧୬୬ ଜଣଙ୍କ ଜୀବନ ଯାଇଥିବା ଏହି ଆକ୍ରମଣର ୧୫ ବର୍ଷ ପୂର୍ତ୍ତି ପୂର୍ବରୁ ଉକ୍ତ ପଦକ୍ଷେପକୁ ପ୍ରଶଂସା କରାଯାଉଛି।

### ପାଲେଷ୍ଟିନୀୟ ଶରଣାର୍ଥୀଙ୍କ ପାଇଁ ଭାରତର ୨.୫ ନିୟୁତ ସହାୟତା

ପାଲେଷ୍ଟିନୀୟ ଶରଣାର୍ଥୀମାନଙ୍କ ପାଇଁ ଭାରତ ୨.୫ ନିୟୁତ ଡଲାର ମୂଲ୍ୟର ସହାୟତା ଦେଇଛି। ଗାଜାର କଠିନ ସମୟରେ ଭାରତ ପକ୍ଷରୁ ପ୍ରଦାନ କରାଯାଇଥିବା ବାର୍ଷିକ ସହାୟତାକୁ ଜାତିସଂଘ ରିଲିଫ୍ ଆଣ୍ଡ ଓ୍ବାର୍କ୍ସ ଏଜେନ୍ସି ଫର୍ ପାଲେଷ୍ଟିନିଆନ୍ ରେଫ୍ୟୁଜିଜ୍ (ୟୁଏନ୍‌ଆରଡବ୍ଲୁଏ) ପ୍ରଶଂସା କରିଛି। ଯୁଦ୍ଧ ପରଠୁ ୨.୩ ନିୟୁତ ପାଲେଷ୍ଟିନୀୟ ନିଜ ବାସସ୍ଥାନ ହରାଇ ବିସ୍ଥାପିତ ହେଲେଣି।

### ଯାତ୍ରୀଙ୍କୁ କୌଶଳରେ ଓହ୍ଲାଇଦେଲା ଇଣ୍ଡିଗୋ

**ବେଙ୍ଗାଲୁରୁ,୨୧।୧୧**

ଚେନ୍ନାଇ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ମାତ୍ର ୮ ଜଣ ଯାତ୍ରୀ ଥିବାରୁ ଏହା ବେଙ୍ଗାଲୁରୁ ଏୟାରପୋର୍ଟରୁ ଉଡ଼ାଣ ବନ୍ଦ କରି ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିବା ଅଭିଯୋଗ ହୋଇଛି। ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନରେ ଚେନ୍ନାଇ ପଠାଇଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସେଠାରେ କୌଣସି ବିମାନ ନ ଥିବାରୁ ଯାତ୍ରୀମାନେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗତ ରବିବାର ରାତି ୯ଟା ୩୦ ମିନିଟ ସମୟରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଏଭଳି ଘଟଣା ଘଟିଛି। ଯାତ୍ରୀଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଧ୍ୟ ଥିଲେ। ସେମାନଙ୍କ ରହିବା ପାଇଁ ମଧ୍ୟ ଏୟାରଲାଇନ୍ସ କର୍ତ୍ତୃପକ୍ଷ କୌଣସି ବ୍ୟବସ୍ଥା କରି ନ ଥିଲେ ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଇଣ୍ଡିଗୋ କ୍ଷମା ମାଗିଛି।

## ପ୍ରସ୍ତାବିତ ୩ ଆଇନର ହିନ୍ଦୀ ନାମ ରହିବ

**ସଂସଦୀୟ ସ୍ଥାୟୀ କମିଟିର ଅନୁମୋଦନ**

**ନୂଆଦିଲ୍ଲୀ,୨୧।୧୧**

ପ୍ରସ୍ତାବିତ ୩ ଆପରାଧିକ ଆଇନକୁ ଦିଆଯାଇଥିବା ହିନ୍ଦୀ ନାମ ଅସାମ୍ବିଧାନିକ ନୁହେଁ ବୋଲି ମଙ୍ଗଳବାର ଏକ ସଂସଦୀୟ କମିଟି କହିଛି। ଏଥିସହ ଏନେଇ କେତେକ ରାଜନୈତିକ ଦଳ ଓ ସେଗୁଡ଼ିକର ନେତାମାନଙ୍କ ସମାଲୋଚନାକୁ ପ୍ୟାନେଲ ଖଣ୍ଡନ କରିଛି।

ଭାଜପା ଏମ୍‌ପି ବ୍ରିଜ୍‌ଲାଲଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ଏହା ଉପରେ ସମ୍ବିଧାନ ଅନୁଚ୍ଛେଦ ୩୪୮ର ଅବତାରଣା କରିଛି। କମିଟି କହିଛି, ସୁପ୍ରିମକୋର୍ଟ ଓ ହାଇକୋର୍ଟଗୁଡ଼ିକ ଏବଂ ଆଇନ, ବିଲ୍ ଓ ଅନ୍ୟ ଆଇନଗତ ଦସ୍ତାବିଜରେ ଇଂଲିଶ୍ ଭାଷା ବ୍ୟବହାର କରାଯିବ। ସଂହିତାର ଅକ୍ଷରଗୁଡ଼ିକ ଇଂଲିଶରେ ରହିବ। ଏହା ୩୪୮କୁ ଉଲ୍ଲଂଘନ କରୁନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହା ଉପରେ ଦେଇଥିବା ଜବାବକୁ ନେଇ କମିଟି ସନ୍ତୁଷ୍ଟ। ଉକ୍ତ ରିପୋର୍ଟ ରାଜ୍ୟ ସଭାରେ ଦାଖଲ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍-୨୦୨୩), ଭାରତୀୟ ନାଗରି ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ-୨୦୨୩) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ-୨୦୨୩)କୁ ଗତ ଅଗଷ୍ଟ ୧୧ରେ ଲୋକସଭାରେ ଆଗତ କରାଯାଇଥିଲା। ଏହି ପ୍ରସ୍ତାବିତ ଆଇନଗୁଡ଼ିକ ଯଥାକ୍ରମେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି-୧୮୬୦), ଆପରାଧିକ ଦଣ୍ଡ ପ୍ରକ୍ରିୟା (ସିଆର୍‌ପିସି-୧୮୯୮) ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ (ଆଇଇଏ-୧୮୭୨) ପରିବର୍ତ୍ତେ କାର୍ଯ୍ୟକାରୀ ହେବ। ପ୍ରକାଶ ଯେ, ଉପରୋକ୍ତ ୩ ଆଇନରେ ହିନ୍ଦୀ ନାମ ବ୍ୟବହାର ପଛରେ କେନ୍ଦ୍ର ସରକାରଙ୍କ କି ଯୁକ୍ତି ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ପ୍ରଶ୍ନ କରିଥିଲେ। ସେହିପରି ତାମିଲନାଡୁର ଶାସକ ଦ୍ରାବିଡ ମୁନେତ୍ରା ଗାଝାଗାମ୍ (ଡିଏମ୍‌କେ) ମଧ୍ୟ ଆପରାଧିକ ଆଇନଗୁଡ଼ିକରେ ହିନ୍ଦୀ ନାମ ବ୍ୟବହାରକୁ କଡ଼ା ବିରୋଧ କରିଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହାକୁ କେନ୍ଦ୍ରର ଭାଷାଗତ ବିସ୍ତାରବାଦ ପଦକ୍ଷେପ ବୋଲି ଅଭିହିତ କରିଥିଲେ। ଆଇନଗୁଡ଼ିକର ହିନ୍ଦୀ ନାମକରଣକୁ ମାଡ୍ରାସ୍ ବାର୍ ଆସୋସିଏଶନ୍ ସମ୍ବିଧାନ ବିରୋଧୀ ଆଖ୍ୟା ଦେଇ ଏହା ବିରୋଧରେ ଏକ ପ୍ରସ୍ତାବ ଗୃହୀତ କରିଥିଲା।

## ଜିଲାପାଳଙ୍କ ଗାଡ଼ି ମାଡ଼ିଯାଇ ୩ ମୃତ

**ପାଟନା,୨୧।୧୧**

ବିହାରର ମଧୁବଣୀ ଜିଲାରେ ମଙ୍ଗଳବାର ସକାଳେ ଜଣେ ଜିଲାପାଳଙ୍କ ସରକାରୀ ଗାଡ଼ି ମାଡ଼ିଯିବାରୁ ୨ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି। ମାଧେପୁରା ଜିଲାପାଳ ବିଜୟ ପ୍ରକାଶ ମୀନାଙ୍କ କାର୍ ୫୭ ନମ୍ବର ଜାତୀୟ ରାଜପଥର ପୁର୍‌ୱାରି ଟୋଲା ଗ୍ରାମ ନିକଟରେ ପ୍ରଥମେ ଜଣେ ମହିଳା, ତାଙ୍କର ୭ ବର୍ଷୀୟା ଝିଅ ଏବଂ ପରେ ୨ ଜଣ ଶ୍ରମିକଙ୍କୁ ଧକ୍କା ଦେଇଥିଲା। ମହିଳା ଗୁରିଆ ଦେବୀ(୨୮) ଓ ତାଙ୍କ ଝିଅ ଦୁର୍ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଗୁରୁତର ଆହତ ଶ୍ରମିକଙ୍କ ମଧ୍ୟରୁ ଅଶୋକ ସିଂଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। କାର୍‌ରେ ଜିଲାପାଳ ଛଟ୍ ଉତ୍ସବରେ ଯୋଗଦେବା ପାଇଁ ପାଟନାରୁ ମାଧେପୁରା ଯାଉଥିଲେ। ଜିଲାପାଳଙ୍କୁ ତାଙ୍କ ଅଙ୍ଗରକ୍ଷୀ ଉଦ୍ଧାର କରି ଘଟଣାସ୍ଥଳରୁ ଏକ ବାଇକ୍‌ରେ ନେଇଯାଇଥିବାବେଳେ ଆହତମାନଙ୍କୁ ଛାଡ଼ି ପଳାଇଥିଲେ। ଉତ୍ତ୍ୟକ୍ତ ଲୋକେ ପହଞ୍ଚି ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ମୃତକ ଓ ଆହତଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଲାଗି ଲୋକେ ଦାବି କରିଛନ୍ତି। ଶ୍ରମିକ ଦୁଇଜଣ ରାଜପଥ ମରାମତି କାମରେ ନିୟୋଜିତ ଥିଲେ।

## ସ୍କୁଲ୍‌ରେ ପଢ଼ାଯିବ ରାମାୟଣ, ମହାଭାରତ

**ପାଠ୍ୟପୁସ୍ତକରେ ସାମିଲ ଲାଗି ଏନ୍‌ସିଇଆର୍‌ଟି କମିଟିର ସୁପାରିସ**

**ନୂଆଦିଲ୍ଲୀ,୨୧।୧୧**

ସ୍କୁଲ୍ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସଂଶୋଧନ ପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଗଠନ କରିଥିବା ଉଚ୍ଚସ୍ତରୀୟ କମିଟି ରାମାୟଣ ଏବଂ ମହାଭାରତକୁ ପାଠ୍ୟପୁସ୍ତକରେ ସାମିଲ କରିବାକୁ ସୁପାରିସ କରିଛି। ଏଥିସହିତ ଶ୍ରେଣୀଗୃହ କାନ୍ଥରେ ସମ୍ବିଧାନର ପ୍ରସ୍ତାବନାକୁ ଲିପିବଦ୍ଧ କରିବା ପାଇଁ ମଧ୍ୟ ସୁପାରିସ କରାଯାଇଥିବା କମିଟି ଅଧ୍ୟକ୍ଷ ସି.ଆଇ. ଆଇଜାକ୍ ମଙ୍ଗଳବାର କହିଛନ୍ତି। ଗତବର୍ଷ ଗଢ଼ାଯାଇଥିବା ୭ ଜଣିଆ କମିଟି ସାମାଜିକ ବିଜ୍ଞାନ ଚୂଡ଼ାନ୍ତ ପେପର ପାଇଁ ଅନେକ ସୁପାରିସ କରିଥିବା ଜଣାପଡ଼ିଛି। ଉକ୍ତ ସୁପାରିସଗୁଡ଼ିକୁ ୧୯ ଜଣିଆ ନ୍ୟାଶନାଲ ସିଲାବସ୍ ଆଣ୍ଡ ଟ୍ରେନିଂ ଲର୍ନିଂ ମ୍ୟାଟେରିଆଲ କମିଟି (ଏନ୍‌ଏସ୍‌ଟିସି) ବିଚାରକୁ ନେଇପାରନ୍ତି। ଉକ୍ତ କମିଟି ସ୍କୁଲ୍ ପିଲାଙ୍କ ପାଇଁ ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ଚୂଡ଼ାନ୍ତ କରିବା ପାଇଁ ଜୁଲାଇରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ରାମାୟଣ ଓ ମହାଭାରତ ଶିକ୍ଷାଦେବା ଉଲ୍ଲେଖନୀୟ ଘଟଣା ବୋଲି ଆଇଜାକ୍ କହିଛନ୍ତି। ପିଲାମାନେ ଛୋଟ ବୟସରେ ସେମାନଙ୍କ ଆତ୍ମସମ୍ମାନ ସାଙ୍ଗକୁ ରାଷ୍ଟ୍ର ପାଇଁ ଦେଶଭକ୍ତି, ଗୌରବ ଆଣିବା ଶିଖିପାରିବେ। ଦେଶଭକ୍ତି ଅଭାବରୁ ପ୍ରତିବର୍ଷ ହଜାର ହଜାର ଛାତ୍ରୀଛାତ୍ର ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛନ୍ତି। ସେଥିପାଇଁ ସେମାନେ ନିଜର ମୌଳିକତ୍ୱକୁ ଜାଣିବା ଓ ନିଜ ଦେଶ ତଥା ସଂସ୍କୃତି ପାଇଁ ସେମାନଙ୍କ ମଧ୍ୟରେ ଭଲପାଇବା ବିକଶିତ କରିବାକୁ ହେବ ବୋଲି ଆଇଜାକ୍ କହିଛନ୍ତି।

**ଦଶମ ଦିନରେ ଉଦ୍ଧାର କାର୍ଯ୍ୟ**

## ସୁଡ଼ଙ୍ଗରୁ ଆସିଲା ଶ୍ରମିକଙ୍କ ଭିଡିଓ



ସୁଡ଼ଙ୍ଗ ନିକଟରେ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ଉଦ୍ଧାରକାରୀ କର୍ମଚାରୀ। ଟନେଲରେ ଫସିଥିବା ଜଣେ ଶ୍ରମିକଙ୍କ ଲାଇଭ୍ ଭିଜୁଆଲ (ଇନ୍‌ସେଟ୍)।

**ଉତ୍ତରକାଶୀ,୨୧।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସୁଡ଼ଙ୍ଗରେ ଫସିଥିବା ୪୧ ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟ ମଙ୍ଗଳବାର ଦଶମ ଦିନରେ ପହଞ୍ଚିଛି। ଶ୍ରମିକଙ୍କ ଉଦ୍ଧାର ଲାଗି ବାର୍‌କୋଟ୍ ଶେଷ ଭାଗରୁ ଏକ ବିକଳ୍ପ ସୁଡ଼ଙ୍ଗ ନିର୍ମାଣ ଆରମ୍ଭ ହୋଇଛି। ଉକ୍ତ ବ୍ୟାକ୍‌ଅପ୍ ଟନେଲର ବ୍ୟାସ ପାଖାପାଖି ୩ ମିଟର ରହିବ। ବର୍ତ୍ତମାନ ସୁଦ୍ଧା ଉଦ୍ଧାର କାର୍ଯ୍ୟ ପାଇଁ ୮ ମିଟର ଟନେଲ ନିର୍ମାଣ ହୋଇଛି। ଟନେଲ ଅଞ୍ଚଳରେ ଡ୍ରୋନ୍ ସର୍ଭେ ଉଦ୍ୟମ ବିଫଳ ହୋଇଥିବାବେଳେ ଭଗ୍ନାବଶେଷ ଯୋଗୁ ଡିଆର୍‌ଡିଓ ନିୟୋଜିତ କରିଥିବା ରୋବୋ ସୁଡ଼ଙ୍ଗର ଗଡ଼ାଣି ସ୍ଥାନ ଚଢ଼ିପାରି ନ ଥିଲା। ଇତିମଧ୍ୟରେ ଭୂଲମ୍ବ ଦିଗରେ ଖନନ ପାଇଁ ଏକ ରାସ୍ତା ନିର୍ମାଣ ପ୍ରାୟତଃ ଶେଷ ହୋଇଛି।

ସୁଡ଼ଙ୍ଗରେ ଫସିଥିବା ଶ୍ରମିକମାନଙ୍କ ପ୍ରଥମ ଭିଡିଓ ମଙ୍ଗଳବାର ସକାଳେ ସାମନାକୁ ଆସିଛି। ଭଗ୍ନାବଶେଷ ଦେଇ ସୁଡ଼ଙ୍ଗ ଭିତରକୁ ଯାଇଥିବା ୬ ଇଞ୍ଚ ଓସାରର ପାଇପ୍ ଯୋଗେ ଅଧିକ ପରିମାଣର ରନ୍ଧା ଖାଦ୍ୟ ଶ୍ରମିକମାନଙ୍କ ପାଖକୁ ପଠାଯିବା ସହ ଏଣ୍ଡୋସ୍କୋପିକ୍ କ୍ୟାମେରା ସହାୟତାରେ ସେମାନଙ୍କ ଭିଡିଓ ଉତ୍ତୋଳନ କରାଯାଇଛି। ଉକ୍ତ କ୍ୟାମେରା ଦ୍ୱାରା ଫସିଥିବା ଶ୍ରମିକଙ୍କୁ ଗଣାଯିବା ସହ ଟନେଲର ଆଭ୍ୟନ୍ତରୀଣ ସ୍ଥିତି ସମ୍ପର୍କରେ ଜଣାପଡ଼ିବ। ଭିଡିଓରେ ହଳଦିଆ ଓ ଧଳା ହେଲମେଟ୍‌ ପିନ୍ଧିଥିବା ଶ୍ରମିକମାନେ ପାଇପ୍‌ଲାଇନ ଜରିଆରେ ଖାଦ୍ୟ ସାମଗ୍ରୀ ଗ୍ରହଣ କରିବା ସହ ପରସ୍ପର ମଧ୍ୟରେ କଥା ହେଉଥିବା ଦେଖାଯାଇଥିଲା। ସେମାନେ କ୍ୟାମେରା ଆଗରେ ଲାଇନରେ ଛିଡ଼ାହୋଇ ଭଲ ଥିବା ହାତ ଟେକି ଜଣାଇଥିଲେ। ଓ୍ବାକି-ଟକିରେ ସେମାନେ ଉଦ୍ଧାରକାରୀ ଟିମ୍ ସହ କଥା ହୋଇଥିଲେ।

### ରାଉରକେଲାରୁ ଗଲା ପାଇପ୍

ଉତ୍ତରାଖଣ୍ଡର ସିଲ୍‌କ୍ୟାରା ସୁଡ଼ଙ୍ଗ ତଳେ ଫସିଥିବା ଶ୍ରମିକମାନଙ୍କ ଉଦ୍ଧାରକୁ ନେଇ ସାରା ଦେଶ ଉତ୍କଣ୍ଠାର ସହ ପ୍ରତୀକ୍ଷା କରିଥିବାବେଳେ ଓଡ଼ିଶାର ରାଉରକେଲାସ୍ଥିତ ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରୁ ସ୍ୱତନ୍ତ୍ର ଗ୍ରେଡ୍‌ର ପାଇପ୍ ବିମାନ ଯୋଗେ ସେଠାକୁ ପଠାଯାଇଛି। ଉଦ୍ଧାର କାର୍ଯ୍ୟରେ ଉକ୍ତ ପାଇପ୍‌କୁ ବ୍ୟବହାର କରାଯିବ। ସୋମବାର ଏକ ବୃହତ୍ ପରିବହନ ବିମାନରେ ଦୁଇ ଥରରେ ପାଇପ୍ ନିଆଯାଇଥିବାବେଳେ ମଙ୍ଗଳବାର ମଧ୍ୟ ପାଇପ୍ ପରିବହନ କରାଯାଇଛି। ସୁଡ଼ଙ୍ଗ ନିକଟରେ ନିୟୋଜିତ ଥିବା ଏନ୍‌ଡିଆର୍‌ଏଫ୍ ଏବଂ ଅନ୍ତର୍ଜାତୀୟ ଉଦ୍ଧାରକାରୀ ଟିମ୍ ଉକ୍ତ ପାଇପ୍‌କୁ ଉଦ୍ଧାର କାର୍ଯ୍ୟରେ ଲଗାଇବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୨/୨୦୨୩ | Bhubaneswar, Wednesday, November 22/2023 | ପୃଷ୍ଠା-୧

ଅହିଂସାର ରେଶମ 'କରୁଣା ସିଲ୍କ': ପୃଷ୍ଠା-୩

# ଚୋର ସନ୍ଦେହ: ୨ ଜଣଙ୍କୁ ପିଟି ହତ୍ୟା

## ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ଅଧୀନ ସାହୁଟିକ୍ରା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମୋବାଇଲ ଚୋର ସନ୍ଦେହରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକମାନେ ଠେଙ୍ଗା, ବାଡ଼ି ଆଦି ମାରଣାସ୍ତ୍ରରେ ପିଟି ପିଟି ୨ଜଣ ଯୁବକଙ୍କୁ ହତ୍ୟା କରିଛନ୍ତି। ମୃତକ ଦ୍ୱୟ ହେଲେ ବରଗଡ଼ ଥାନା ପଣ୍ଡରୀପଥର ନିବାସୀ ବିଜୟ ବାଗ(୨୦) ଏବଂ ବିକୁ ଜାଲ(୨୨)। ଉଭୟଙ୍କ ମୃତଦେହକୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ସୁରଜ କର୍ମୀ (୨୨) ଗୁରୁତର ହୋଇଛନ୍ତି। ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲାସ୍ଥିତ ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସେହିପରି ମୃତାହତଙ୍କ ବାଇକ୍‌କୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ପୋଡ଼ାଜଳା କରିଥିବା ସୂଚନା ମିଳିଛି। ଚୋରି ସନ୍ଦେହରେ ଲୋକେ ଉତ୍ତେଜିତ ହୋଇ ଏଭଳି କାଣ୍ଡ ଭିଆଇଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ଦିନ ଦ୍ୱିପ୍ରହରରେ ବିଚ୍‌ରାସ୍ତାରେ ଲୋକେ ଯେଭଳି ଆଇନକୁ ହାତକୁ ନେଇ ୨ଜଣଙ୍କୁ ପିଟି ପିଟି ହତ୍ୟା କଲେ, ସେଥିରୁ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ପଦାରେ ପଡ଼ିଯାଇଛି । ଏହି ଘଟଣା ଜିଲାବାସୀଙ୍କୁ ସ୍ତବ୍ଧ କରିଛି ।

ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ସମୟରେ ସାହୁଟିକ୍ରା-ଧାଙ୍ଗେର ରାସ୍ତାରେ ସ୍ଥାନୀୟ କେତେକ ଲୋକ ଚୋର ସନ୍ଦେହ କରି ୩ଜଣ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆକ୍ରମଣରେ ଉକ୍ତ ଯୁବକମାନେ ଲହୁଲୁହାଣ ହୋଇସାରିଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତରମାନେ ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବରଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବିକୁଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନା ଆଇଆଇସି ଇସମାଇଲ ଏକ୍କାଙ୍କୁ ପଚାରିବାରୁ ଏହାର ତଦନ୍ତ ଚାଲିଛି ବୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବରଗଡ଼ ସାହୁଟିକ୍ରା-ଧାଙ୍ଗେର ରାସ୍ତାରେ ଗତ କିଛିଦିନ ହେଲା ଲୁଟ୍‌ପାଟ୍ ବଢ଼ିଛି। ମଙ୍ଗଳବାର ଲୋକମାନେ ମୃତାହତଙ୍କ ସମେତ ୪ଜଣଙ୍କୁ ଚୋର ସନ୍ଦେହରେ ଧରିବାକୁ ଗୋଡ଼ାଇଥିଲେ। ତେବେ ଉକ୍ତ ମୃତାହତ ୩ଜଣ ଲୋକଙ୍କ ହାବୁଡ଼ରେ ପଡ଼ିଥିବା ବେଳେ ଅନ୍ୟ ଜଣେ ଖସିଯିବାରେ ସକ୍ଷମ ହୋଇଥିଲେ।

# ଫିଫା-ଏଆଇଏଫ୍ଏଫ୍ ଟ୍ୟାଲେଣ୍ଟ ଏକାଡେମୀ ଉଦ୍‌ଘାଟିତ




ଏଆଇଏଫଏଫ-ଫିଫା ଟ୍ୟାଲେଣ୍ଟ ଏକାଡେମୀ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

## ଏଆଇଏଫ୍ଏଫ୍-ଓଡ଼ିଶା ସରକାରଙ୍କ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)

ଭାରତୀୟ ଫୁଟ୍‌ବଲ ଇତିହାସରେ ମଙ୍ଗଳବାର ଯୋଡ଼ିହୋଇଛି ଏକ ନୂଆ ଅଧ୍ୟାୟ। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ-କାତାର ଫିଫା ବିଶ୍ୱକପ୍ ୨୦୨୬ ଓ ଏଏଫ୍‌ସି ଏସିଆନ କପ୍ ୨୦୨୭ କ୍ୱାଲିଫାୟର୍ସ ରାଉଣ୍ଡ-୨ ମ୍ୟାଚ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫିଫା-ଏଆଇଏଫ୍ଏଫ୍ ଟ୍ୟାଲେଣ୍ଟ ଏକାଡେମୀ ଉଦ୍‌ଘାଟନ କରିଛନ୍ତି। ମ୍ୟାଚ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଭୟ ଦଳର ଅଧିନାୟକଙ୍କ ସହ ପରିଚିତ ହେବା ପରେ ଏକାଡେମୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେ, ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପ୍‌ମେଣ୍ଟ ମୁଖ୍ୟ ଆର୍ସେନ ୱେଙ୍ଗର, ମୁଖ୍ୟ ଶାସନ ସଚିବ ପି.କେ. ଜେନା, ନବୀନ ଓଡ଼ିଶା ଏବଂ ୫-ଟି ☞ ପୃଷ୍ଠା-୨

Muthoot Finance
ଗୋଲ୍ଡ୍ ଲୋନ୍
ଭରସା ଭାରତର
1800 313 1212

# ୫ ବର୍ଷରେ ମଲେଣି ୨,୮୧୭ ବନ୍ୟପ୍ରାଣୀ

## ବନ ବିଭାଗରେ ଖାଲିପଡ଼ିଛି ୧୦ ହଜାର ପଦବୀ

ଭୁବନେଶ୍ୱର,୨୧।୧୧(ଅନିଲ ଦାସ)

ରାଜ୍ୟର ଜଙ୍ଗଲରେ ବନ୍ୟପ୍ରାଣୀ ସୁରକ୍ଷିତ ନାହାନ୍ତି। ରେଳ ଦୁର୍ଘଟଣା, ରାସ୍ତା ଦୁର୍ଘଟଣା, ବିଦ୍ୟୁତ୍ ଆଘାତ, ଶିକାରୀ ଏବଂ ବିଷ ପ୍ରୟୋଗ ଯୋଗୁ ଅଧିକାଂଶ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ବିଭିନ୍ନ କାରଣରୁ ଗତ ୫ ବର୍ଷରେ ରାଜ୍ୟରେ ୨,୮୧୭ ବନ୍ୟପ୍ରାଣୀଙ୍କ ଜୀବନ ଯାଇଛି। ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟରେ ୪୩୦ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ବାଘ, ୩୧ କଲରାପତରିଆ ବାଘ ଏବଂ ୨,୩୫୨ ଜଣ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ଓ ଚିଲିକା ବନଖଣ୍ଡରେ ସର୍ବାଧିକ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ବନଖଣ୍ଡରେ ୨୩୧ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ଚିଲିକା ବନଖଣ୍ଡରେ ୨୨୦ ବନ୍ୟଜନ୍ତୁଙ୍କ ମୃତ୍ୟୁ ହୋଇଛି। ଏହି ବନ୍ୟଜନ୍ତୁଙ୍କ ମୃତ୍ୟୁ ବିଭିନ୍ନ ରୋଗ, ରେଳ ଦୁର୍ଘଟଣା, ରାସ୍ତା ଦୁର୍ଘଟଣା, ବିଦ୍ୟୁତ୍ ଆଘାତ, ☞ ପୃଷ୍ଠା-୨

# ଶ୍ରେଣୀଗୃହରେ ଉଠବସ୍: ଛାତ୍ରଙ୍କ ମୃତ୍ୟୁ

ରସୁଲପୁର,୨୧।୧୧(ରଞ୍ଜିତ ରାଉତ)



ରୁଦ୍ରନାରାୟଣ ସେଠୀ

ଯାଜପୁର ଜିଲା କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ସାନଓରାଳି ସୂର୍ଯ୍ୟନାରାୟଣ ନୋଡାଲ ଉପ୍ରା ବିଦ୍ୟାଳୟର ଶ୍ରେଣୀ କକ୍ଷରେ ଉଠବସ୍‌ବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେ ହେଲେ ସାନଓରାଳି ଗ୍ରାମର ନିତ୍ୟାନନ୍ଦ ସେଠୀଙ୍କ ପୁଅ ତଥା ୪ର୍ଥ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ସେଠୀ(୧୧)। ମଙ୍ଗଳବାର ବିଦ୍ୟାଳୟରେ ଶିକ୍ଷକ ସମ୍ପୃକ୍ତ ଛାତ୍ରଙ୍କୁ ଉଠ୍‌ବସ୍ ହେବାକୁ କହିଥିଲେ। ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ର ଜଣକ ୩/୪ଥର ଉଠ୍‌ବସ ହେଉଥିବାବେଳେ ଅସୁସ୍ଥ ହୋଇ ଚଟାଣରେ ଟଳିପଡ଼ିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଛାତ୍ରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ☞ ପୃଷ୍ଠା-୨

ଆଜିର ସମ୍ପାଦକୀୟ | ଶରଣାର୍ଥୀ ବୃଦ୍ଧି

DSPL - 405

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
***
ଭୋଟରଙ୍କ ବିଶେଷ ଅବଗତି ନିମନ୍ତେ ସୂଚନା

ଲୋକ ପ୍ରତିନିଧିତ୍ୱ ଅଧିନିୟମ ୧୯୫୦ ଅନୁଯାୟୀ –

• କୌଣସି ବ୍ୟକ୍ତି ଏକରୁ ଊର୍ଦ୍ଧ୍ୱ ନିର୍ବାଚନମଣ୍ଡଳୀରେ ପଞ୍ଜିକୃତ ହୋଇପାରିବେ ନାହିଁ ।
• କୌଣସି ବ୍ୟକ୍ତି ନିର୍ବାଚନମଣ୍ଡଳୀରେ ଏକାଧିକ ଥର ପଞ୍ଜିକୃତ ହେବେ ନାହିଁ ।

ତେଣୁ ସମସ୍ତ ନାଗରିକଙ୍କୁ ଅନୁରୋଧ ଏକାଧିକ ସ୍ଥାନରେ ପଞ୍ଜିକରଣ ନ କରି କେବଳ ଗୋଟିଏ ସ୍ଥାନରେ ଭୋଟର ପଞ୍ଜିକରଣ କରନ୍ତୁ ।

ଏଥି ନିମନ୍ତେ ବାସସ୍ଥାନ ସ୍ଥାନାନ୍ତର ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରନ୍ତୁ ।

ଅନ୍‌ଲାଇନ୍ ରେ ଭୋଟର ହେଲ୍ପଲାଇନ ଆପ୍ (VHA) / voters.eci.gov.in ରେ ଏହି ସୁବିଧା ଉପଲବ୍ଧ ।

ନଚେତ୍

ବିଶେଷ ଅଭିଯାନ ଦିନର ଶେଷ ଦିନ, ନଭେମ୍ବର ୨୫ ତାରିଖ ନିକଟତମ ବୁଥ୍ ପରିଦର୍ଶନ କରି ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରନ୍ତୁ ।

Scan & Download
ଭୋଟ୍ର ହେଲ୍ପଲାଇନ ଆପ୍
or
voters.eci.gov.in

ବିଶେଷ ଅଭିଯାନ ଦିବସ
2023
ନଭେମ୍ବର
ଶନିବାର
25

OIPR-12113/13/0010/2324

Follow us on : CEO Odisha Ceoodisha odishaceo Chief Electoral Officer Odisha 1950

DSPL - 403

CDA

ALLOTMENT OF LIG HOUSING UNIT AT NARANPUR, CUTTACK

- CDA invites application through offline mode for allotment of 320 affordable housing units at Naranpur for Low Income Group (LIG)
- 2BHK Flats each 904 Sq. ft. super built up area (SBA) with supporting amenities

The Project has been registered in ORERA vide
Regd No - RP/07/2022/00736 & RP/07/2022/00737

For more information visit
http://www.cdacuttack.nic.in
(Refer the detailed brochure)

Last Date for Submission: 21.12.2023

- Applicants must be a citizen of India and over 18 years of age with an income group Rs.1,80,000/- (rupees one lakh eighty thousand) to Rs. 6,00,000/- (rupees Six lakh) per annum.
- Proof of annual income like processed ITR / Income Certificate from Revenue Authority
- The applicant should not have benefitted earlier by CDA/CMC/Govt Agency with allotment of any plots/houses/ flats

OIPR-13037/13/0166/2324

The allotment shall be selected through lottery



HELP DESK
8984777987, 7735001067
(Note: Contact on working days from 10am to 5.30pm)

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତରଭୁଜ;
ପୂରୁବ କଥାକୁ ମନେ ହେଜ;
ପାସୋର ଗଲାଣି କୁଣ୍ଡା ବୋଝ,
କୁଲା ବିକି ହେଲା ଚାତର;
ମାଆ ବିକୁଥିଲା କୁଲା ଟୋକେଇ,
ବାପ ବିକୁଥିଲା ପତର।**


ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ। ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇ ଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି, ତାହା ସେ ସ୍ମୃତିରେ ଆଣିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତୋହର ଦେଖି !
ମୋର ଡେଇଁଲା ଡାହାଣ ଆଖି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରି ପାରି ନ ଥା'ନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଧାୟକ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଅସମ୍ପୂର୍ଣ୍ଣ

## ବାରବାଟୀ-କଟକ ନିର୍ବାଚନୀ ମାମଲା

**କଟକ,୨୧।୧୧ (କାର୍ତ୍ତିକ ସାହୁ)**

ବାରବାଟୀ-କଟକ ନିର୍ବାଚନୀ ମାମଲାରେ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ଦିନ ଯୁକ୍ତି ଉପସ୍ଥାପନ କରାଯାଇଛି। ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ହାଇକୋର୍ଟରେ କରାଯାଇଥିବା ଅଭିଯୋଗଗୁଡ଼ିକ ବିପକ୍ଷରେ ମୋକିମଙ୍କ ଓକିଲ ଯୁକ୍ତି ଉପସ୍ଥାପନ କରିଛନ୍ତି। ହେଲେ ଏହା ଅସମ୍ପୂର୍ଣ୍ଣ ରହିଛି। ତେଣୁ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ବୁଧବାରକୁ ଧାର୍ଯ୍ୟ କରିଛନ୍ତି। ଦେବାଶିଷଙ୍କ ପକ୍ଷରୁ ହୋଇଥିବା ପ୍ରାର୍ଥନାରେ ମୋକିମଙ୍କ ନୋମିନେସନ ଠିକ୍ ଭାବେ ହୋଇ ନାହିଁ, ତେଣୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇ ପୁନଃ ନିର୍ବାଚନ କରାଯାଉ ବୋଲି ଦର୍ଶାଯାଇଥିଲା। ବିଧାୟକ ମୋକିମଙ୍କ ପକ୍ଷରୁ ପ୍ରଥମେ ସୋମବାର ଯୁକ୍ତି ଉପସ୍ଥାପନ କରାଯାଇ ଏସବୁ ଠିକ୍ ନୁହେଁ ବୋଲି ଦର୍ଶାଯାଇଥିଲା। ବିଧାୟକଙ୍କ କାର୍ଯ୍ୟକାଳ ୧ ବର୍ଷରୁ କମ୍ ଥିବାରୁ ନିୟମ ଅନୁସାରେ ଉପନିର୍ବାଚନ ହୋଇପାରିବ ନାହିଁ ବୋଲି ଦର୍ଶାଯାଇଥିଲା। ବୁଧବାର ଯୁକ୍ତି ଉପସ୍ଥାପନ ପାଇଁ ରହିଥିବା ପ୍ରସଙ୍ଗ ଅନୁସାରେ ଦେବାଶିଷଙ୍କ ପକ୍ଷରୁ ଦର୍ଶାଯାଇଛି , ବିଧାୟକ ମୋକିମ ନୋମିନେସନ୍‌ବେଳେ ପ୍ରେସ୍‌କ୍ରାଇବ୍ଡ ଫର୍ମାଟ୍‌ରେ ନୋମିନେସନ ଆବେଦନ କରିନାହାନ୍ତି। ନୋମିନେସନ ଆବେଦନ ପାଇଁ ଥିବା ଫର୍ମ-୨(ବି) ଆଧାରରେ ଯୁକ୍ତି ଉପସ୍ଥାପନ ହେବ ବୋଲି ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନୀମଣ୍ଡଳୀର ବିଜୟୀ ପ୍ରାର୍ଥୀ କଂଗ୍ରେସ ବିଧାୟକ ମହମ୍ମଦ୍ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ମୋକିମ୍ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ସାମନ୍ତରାୟ ଅଭିଯୋଗ କରିଛନ୍ତି। ଆବେଦନକାରୀ ଦେବାଶିଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ୍ କାନୁନ୍‌ଗୋ, ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ବିଧାୟକ ମୋକିମ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

# ଶିକ୍ଷା, ସୁରକ୍ଷା, ରୋଜଗାର ଦାବିରେ ଛାତ୍ର ସମାବେଶ

**ଭୁବନେଶ୍ୱର,୨୧।୧୧ (ଅନୁରାଧା ମହାରଣା)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ଶାଖା ତରଫରୁ ମଙ୍ଗଳବାର ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ଛାତ୍ର ହୁଙ୍କାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସ୍ୱାଧୀନତା ସଂଗ୍ରାମୀ ପଡ଼ିଆଠାରୁ ବାହାରି ରାମ ମନ୍ଦିର ଓ ମାଷ୍ଟରକ୍ୟାଣ୍ଟିନ ରାସ୍ତା ଦେଇ ଲୋୟର୍ ପିଏମଜିଠାରେ ପହଞ୍ଚିଥିଲା। ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। ବିଭିନ୍ନ କ୍ୟାମ୍ପସରୁ ଛାତ୍ରୀଛାତ୍ରମାନେ ଏହି ସମାବେଶରେ ଯୋଗଦେଇ ବିଭିନ୍ନ ଦାବି କରିଥିଲେ। ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ କରିବା, ଅଧ୍ୟାପକ ପଦବୀ ପୂରଣ କରାଯିବା, ଓଡ଼ିଆ ଯୁବକଙ୍କୁ ଓଡ଼ିଶାରେ ରୋଜଗାର ଦେବା, ରୁଚିକା ଓ ମମିତା ମେହେର୍ ଭଳି ଘଟଣାରେ ନ୍ୟାୟ ପ୍ରଦାନ ଆଦି ୪୧ ଦାବି ନେଇ ହୁଙ୍କାର ସମାବେଶ ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଯାଜ୍ଞବଲ୍‌କ ଶୁକ୍ଲା ଓ ରାଜ୍ୟ ସମ୍ପାଦକ ଅରଜିତ ପଟ୍ଟନାୟକ ତୁରନ୍ତ ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ରାଜ୍ୟ ସହସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ ରୋଜଗାର, ସହସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ମହିଳା ସୁରକ୍ଷା, ସହସମ୍ପାଦକ ସଞ୍ଜନା କହଁର ଜନଜାତି ସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗରେ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ଜିଲାରୁ ସଦସ୍ୟମାନେ ଯୋଗଦେଇ ଛାତ୍ର ସଂସଦ ନିର୍ବାଚନ କରିବା, ଅଧ୍ୟାପକ ପଦବୀ ପୂରଣ କରିବା, ହସ୍ତତନ୍ତ ଶିଳ୍ପକୁ ଗୁରୁତ୍ୱ ଦେବା, ମହିଳା ସୁରକ୍ଷା ପାଇଁ ବ୍ଲକସ୍ତରରେ କାର୍ଯ୍ୟକାରୀ କରିବା, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ରୋକ ଲଗାଇବା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷା ଶାସନ ସଚିବଙ୍କୁ ଦିଆଯାଇଛି। ଆଗାମୀ ଦିନରେ ରାଜ୍ୟ ସରକାର ଏହି ସ୍ଥିତିରେ ସୁଧାର ନ ଆଣିଲେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ରାଜ୍ୟ ସମ୍ପାଦକ ଅର୍ଜିତ ପଟ୍ଟନାୟକ କହିଛନ୍ତି।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏବିଭିପି ପକ୍ଷରୁ ଛାତ୍ର ହୁଙ୍କାର ସମାବେଶ।

# ସାର୍ଟିଫାଏଡ୍ କପି ଦେବାକୁ ସୋମାଲିକାଙ୍କୁ ନିର୍ଦ୍ଦେଶ

## ତିର୍ତ୍ତୋଲ ବିଧାୟକଙ୍କ ବିବାହ ଆବେଦନ ମାମଲା

**କଟକ,୨୧।୧୧ (କାର୍ତ୍ତିକ ସାହୁ)**

କଟକ ବିବାହ ପଞ୍ଜୀକରଣ ଅଧିକାରୀ ତଥା ସବ୍‌ରେଜିଷ୍ଟ୍ରାର ପ୍ରତ୍ୟୁଷା ନନ୍ଦଙ୍କ ବିବାହ ସମ୍ପର୍କିତ ସାର୍ଟିଫାଏଡ୍ କପି ଦାଖଲ କରିବାକୁ ମଙ୍ଗଳବାର ସୋମାଲିକା ଦାଶଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନ ରଦ୍ଦ କରିବା ନେଇ ଦାଏର ପିଟିଶନ ଅନୁଯାୟୀ, ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ସୋମାଲିକା ମଙ୍ଗଳବାର ହାଜର ହୋଇ ନିଜର ପକ୍ଷ ରଖିଥିଲେ। ପ୍ରତ୍ୟୁଷା ପୂର୍ବରୁ ବିବାହିତା ବୋଲି ସୋମାଲିକା ଯୁକ୍ତି ବାଢ଼ିଥିଲେ। ବିଧାୟକଙ୍କ ବାନ୍ଧବୀ ପ୍ରତ୍ୟୁଷା ପଞ୍ଜୀକରଣ ଅଧିକାରୀଙ୍କୁ ଅବିବାହିତ ବୋଲି ଦେଇଥିବା ତଥ୍ୟ ଭୁଲ୍ ବୋଲି ସୋମାଲିକା ପଞ୍ଜୀକରଣ ଅଧିକାରୀଙ୍କୁ ଦର୍ଶାଇଥିଲେ। ପ୍ରତ୍ୟୁଷାଙ୍କ ବିବାହ ସମ୍ପର୍କିତ ପ୍ରମାଣ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ମଧ୍ୟ ଦାଖଲ କରିଥିଲେ। ପୂର୍ବରୁ ପ୍ରତ୍ୟୁଷା ବିବାହ କରିଥିବା ଓ ପରେ ଛାଡ଼ପତ୍ର ହୋଇଥିବା ସଂକ୍ରାନ୍ତରେ ପ୍ରମାଣ ଅଧିକାରୀଙ୍କୁ ଦେଇଥିଲେ। ଆସନ୍ତା ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ବିଜୟ ଶଙ୍କର କଟକ ଅରୁଣୋଦୟ ମାର୍କେଟ ଅଞ୍ଚଳର ପ୍ରତ୍ୟୁଷାଙ୍କୁ ବିବାହ ନିମନ୍ତେ କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ଏହା ଜଣାପଡ଼ିବା ପରେ ବିଜୟ ଶଙ୍କରଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟି ବିଜୟ ଶଙ୍କରଙ୍କ ବିବାହ ଆବେଦନକୁ ରଦ୍ଦ କରିବାକୁ ଦାବି କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଫିଫା-ଏଆଇଏଫ୍‌ଏଫ୍...

ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଏକାଡେମୀରେ ଦେଶର ୧୪ ବର୍ଷରୁ କମ୍ ୫୦ ପ୍ରତିଭାସମ୍ପନ୍ନ ଖେଳାଳି ତାଲିମ ନେବେ। ଏହା ମଧ୍ୟରେ ଓଡ଼ିଶାର ୧୫ ଖେଳାଳି ରହିବେ। ଫିଫା ପକ୍ଷରୁ ନିଯୁକ୍ତ କୋଚ୍ ଏବଂ ଏଆଇଏଫ୍‌ଏଫ୍ ଓ ଓଡ଼ିଶା କୋଚ୍ ଏବଂ କର୍ମକର୍ତ୍ତାଙ୍କ ଦ୍ୱାରା ଏହି ଏକାଡେମୀ ପରିଚାଳିତ ହେବ। "ଭାରତରେ ବିଶେଷକରି ଯୁବବର୍ଗଙ୍କ ମଧ୍ୟରେ ଫୁଟ୍‌ବଲ ଏକ ଲୋକପ୍ରିୟ କ୍ରୀଡ଼ା। ଭାରତରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଉପଯୁକ୍ତ ଟ୍ରେନିଂ ପାଇଲେ ଆମ ଦଳ ଭବିଷ୍ୟତରେ ଉନ୍ନତ ପ୍ରଦର୍ଶନ କରିପାରିବ। ଆମେ ଫିଫା ଓ ଏଆଇଏଫ୍‌ଏଫ୍ ସହିତ ପାର୍ଟନର ହୋଇ ଏପରି ଏକାଡେମୀ କରିଥିବାରୁ ମୁଁ ବହୁତ ଖୁସି। ଭାରତରେ ଫୁଟ୍‌ବଲର ବିକାଶ ପାଇଁ ଏଆଇଏଫ୍‌ଏଫ୍ ସହଯୋଗରେ ଆମେ ଫୁଟ୍‌ବଲ ପ୍ରକଳ୍ପ ଏବଂ ଏଥିସମ୍ପର୍କିତ କାର୍ଯ୍ୟକୁ ସମର୍ଥନ କରିବୁ" ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହା ପୂର୍ବରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ଫୁଟ୍‌ବଲ ଏକାଡେମୀ ପରିସରରେ ଅପରାହ୍ଣରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏଆଇଏଫ୍‌ଏଫ୍ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପ୍‌ମେଣ୍ଟ ମୁଖ୍ୟ ଆର୍ସେନ ୱେଙ୍ଗରଙ୍କ ଉପସ୍ଥିତିରେ ଏଆଇଏଫ୍‌ଏଫ୍ ସଭାପତି ଚୌବେ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣା ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଚୌବେ ଓଡ଼ିଶା ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। "ଭାରତୀୟ ଫୁଟ୍‌ବଲକୁ ସବୁମତେ ସମର୍ଥନ କରିଥିବାରୁ ମୁଁ ଓଡ଼ିଶା ସରକାର ଓ ଫିଫା ସଭାପତିଙ୍କୁ ଧନ୍ୟବାଦ ଜଣାଉଛି। ଏହାର ଫଳସ୍ୱରୂପ କିମ୍ବଦନ୍ତୀ ଆର୍ସେନ ୱେଙ୍ଗର ଏବେ ଭାରତ ଆସିବା ସମ୍ଭବ ହୋଇପାରିଛି। ତାଙ୍କ ଦିଗ୍‌ଦର୍ଶନ, ନେତୃତ୍ୱ, ବୈଷୟିକ ଯୋଜନା ଏବଂ ରଣନୀତି ଆଦି ଭାରତକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହେବ। ଏହି ଏକାଡେମୀ ଦ୍ୱାରା ଆମେ ଆସନ୍ତା ୩ ବର୍ଷ ମଧ୍ୟରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଏବଂ ସିନିୟର ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛୁ" ବୋଲି ଚୌବେ କହିଥିଲେ। ୱେଙ୍ଗର ମଧ୍ୟ ଏଠାକାର ବ୍ୟବସ୍ଥାରେ ଖୁସି ପ୍ରକାଶ କରିଥିଲେ। "ମୁଁ ମୋ ଟିମ୍ ସହ ଭାରତ ଆସିଥିବାରୁ ବହୁତ ଖୁସି ଅଛି। ଓଡ଼ିଶାରେ ଭିତ୍ତିଭୂମିର ମାନ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ। ୨୧୧ ଦେଶ ମଧ୍ୟରେ ପ୍ରକୃତ ୟୁଥ୍ ଏଜୁକେଶନ ନ ଥିବା ମୁଁ ଅନୁଭବ କରୁଛି। ଯେଉଁଠାରେ ୟୁଥ୍‌ଙ୍କ ପାଇଁ ଭଲ ଏଜୁକେଶନ ସିଷ୍ଟମ୍ ରହିଛି ସେଠାରେ ଅନେକ ଖେଳିବାକୁ ସୁଯୋଗ ପାଉନାହାନ୍ତି। ବିଶ୍ୱର ସବୁ ପ୍ରତିଭାଙ୍କୁ ସୁଯୋଗ ଦେବା ଆମ ପ୍ରୋଗ୍ରାମର ମୁଖ୍ୟ ଲକ୍ଷ୍ୟ। ଉଚ୍ଚ ମାନର ପ୍ରତିଯୋଗିତା ସେମାନଙ୍କୁ ବଡ଼ ଖେଳାଳିରେ ପରିଣତ କରିବ। ଏଥିପାଇଁ କେତେଦିନ ଲାଗିବ ତାହା ଆମେ ଜାଣିନାହୁଁ। ମାତ୍ର ଏଜୁକେଶନ ବିନା ଆମେ ଯେଉଁଠି ଅଛୁ ସେଠାରେ ରହିଯିବୁ। ଭାରତକୁ ବୃହତ୍ତର ଦୃଷ୍ଟିରୁ ଫୁଟ୍‌ବଲ ମାନଚିତ୍ରକୁ ଆଣିବା ଆମର ଲକ୍ଷ୍ୟ। ଆମେ ୧୫ ବର୍ଷରୁ ଫୁଟ୍‌ବଲ ଖେଳିବା ଆରମ୍ଭ କରିବା ଉଚିତ ନୁହେଁ, ଏହା ୫ କିମ୍ବା ୬ ବର୍ଷରୁ ହେବା ଉଚିତ" ବୋଲି ୱେଙ୍ଗର ପ୍ରକାଶ କରିଛନ୍ତି। ୱେଙ୍ଗର ଓଡ଼ିଶାକୁ ଆସିବା ଆମ ପାଇଁ ବଡ଼ ସମ୍ମାନ ସଦୃଶ ବୋଲି ଭିନିଲ ପ୍ରକାଶ କରିଥିଲେ। ୱେଙ୍ଗରଙ୍କ ଉଦ୍ଦେଶ୍ୟରେ ଭିନିଲ କହିଥିଲେ ଯେ ଆପଣଙ୍କ ଉପସ୍ଥିତିରେ ଏଠାରେ ଅନେକ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଛି। ସାରା ବିଶ୍ୱରେ ଫୁଟ୍‌ବଲ ପ୍ରେମୀଙ୍କ ପାଇଁ ଆପଣ ପ୍ରେରଣା ସଦୃଶ। ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ଭୁବନେଶ୍ୱରକୁ ବାଛିଥିବାରୁ ଆପଣଙ୍କୁ ଏବଂ ଫିଫାକୁ ଆନ୍ତରିକ ଧନ୍ୟବାଦ। କ୍ରୀଡ଼ାମନ୍ତ୍ରୀ କହିଥିଲେ ଯେ ଭାରତରେ ପ୍ରଥମଥର ପାଇଁ ଏଆଇଏଫ୍‌ଏଫ୍-ଫିଫା ଏକାଡେମୀ ପ୍ରସ୍ତୁତ ହୋଇଛି। ଏହା ଓଡ଼ିଶାକୁ ଗ୍ଲୋବାଲ ସ୍ପୋର୍ଟ୍ସ ହବ୍‌ରେ ପରିଣତ କରିବାରେ ଦ୍ରୁତ ସହାୟକ ହେବ।

## ୫ ବର୍ଷରେ ମଲେଣି...

ଶିକାରୀ ଏବଂ ବିଷ ପ୍ରକ୍ରିୟାକରଣ ଯୋଗୁ ମୃତ୍ୟୁ ଘଟିଛି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଏହି ସମୟରେ ଜୀବଜନ୍ତୁଙ୍କ ଆବାସସ୍ଥଳୀ ବଣଜଙ୍ଗଲ ମଧ୍ୟ ଉଜୁଡ଼ି ଯାଇଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଗତ ୫ ବର୍ଷରେ ୧୩,୫୧୧.୧୬୪ ହେକ୍ଟର ଜଙ୍ଗଲ ଜମିରୁ ଗଛ କଟାଯାଇ ଅଣଜଙ୍ଗଲ ଜମିରେ ପରିଣତ କରାଯାଇଛି। ତେବେ ୨୦୧୮ରୁ ୨୦୨୨ ମଧ୍ୟରେ ରାଜ୍ୟ ସରକାର ଜଙ୍ଗଲ କ୍ଷତିକୁ ଭରଣା କରିବା ପାଇଁ ୧୫,୭୪୯.୯୩୦ ହେକ୍ଟର ଜଙ୍ଗଲ ଜମିରେ ବନୀକରଣ କରିଛନ୍ତି। ଏଥିପାଇଁ ସରକାର ୧୧୩.୫୦ କୋଟି ଟଙ୍କା କ୍ଷତିପୂରକ ବନୀକରଣ ବାବଦରେ ଖର୍ଚ୍ଚ କରିଛନ୍ତି। କେବଳ ସେତିକି ନୁହେଁ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ମଧ୍ୟ ବହୁ ପଦବୀ ଦୀର୍ଘ ବର୍ଷ ଧରି ଖାଲିପଡ଼ିଛି। ବିଜେଡି ସଭ୍ୟ ପ୍ରଶାନ୍ତ ବେହେରା ଜଙ୍ଗଲ ବିଭାଗରେ କେଉଁ ପାହ୍ୟାର କେତେ ପଦବୀ ଖାଲିଥିବା ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି, ବିଭାଗର ଗ୍ରେଡ୍-ଏ'ର ୪୯୨ ଅନୁମୋଦନ ପଦବୀରୁ ୨୧୦ ପଦବୀ ଖାଲି ପଡ଼ିଥିବା ବେଳେ ଗ୍ରେଡ୍-ବି'ରେ ଅନୁମୋଦିତ ୭୫୯ରୁ ୪୧୦, ଗ୍ରେଡ୍-ସି'ରେ ୧୦,୩୭୮ରୁ ୪୦୧ ଏବଂ ଗ୍ରେଡ୍-ଡି'ରେ ୯୯୨ରୁ ୪୩୭ ପଦବୀ ଖାଲିପଡ଼ିଛି। ସେହିପରି ୨୪ ଜଣ ଆସିଷ୍ଟାଣ୍ଟ ଫରେଷ୍ଟ କଞ୍ଜରଭେଟର ଡେରାଡୁନ୍‌ରେ ଥିବା ସେଣ୍ଟ୍ରାଲ ଏକାଡେମୀରେ ତାଲିମ ନେଉଛନ୍ତି। ସେହି ଅଧିକାରୀମାନେ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ। ତେବେ ଖାଲିଥିବା ୪୫ଟି ଆସିଷ୍ଟାଣ୍ଟ ଫରେଷ୍ଟ କଞ୍ଜରଭେଟର ପଦବୀ ଶୀଘ୍ର ପୂରଣ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ସେହିପରି ୨୯ ଜଣ ଫରେଷ୍ଟ ରେଞ୍ଜର ଅନୁଗୋଳଠାରେ ଥିବା ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜରେ ତାଲିମ ନେଉଛନ୍ତି। ଏଥିସହିତ ଆହୁରି ୧୩୧ ନୂଆ ଫରେଷ୍ଟ ରେଞ୍ଜର ପଦବୀ ପୂରଣ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ବନଖଣ୍ଡରେ ୮୦୬ ଫରେଷ୍ଟ ଗାର୍ଡଙ୍କୁ ନିୟୋଜିତ କରାଯାଇଥିବା ବେଳେ ଖାଲିଥିବା ୧,୬୭୭ ଫରେଷ୍ଟ ଗାର୍ଡ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଶ୍ରେଣୀଗୃହରେ ଉଠବସ୍...

ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ବିଦ୍ୟାଳୟ ଶିକ୍ଷକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ, ଶ୍ରେଣୀଗୃହରେ ପାଠପଢ଼ା ଯାଉଥିବା ସମୟରେ ରୁଦ୍ର ନାରାୟଣ ବାହାରେ ବୁଲାବୁଲି କରୁଥିଲେ। ଶିକ୍ଷକ ଏହା ଦେଖି ତାଙ୍କୁ ଶ୍ରେଣୀ କକ୍ଷକୁ ଡାକିବା ସହ କେତେକ ପାଠ ସମ୍ପର୍କରେ ପଚାରିଥିଲେ। ସେ ଉତ୍ତର ଦେଇ ନ ପାରିବାରୁ ଶିକ୍ଷକ ଉଠବସ୍ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ନିତ୍ୟାନନ୍ଦଙ୍କ ବଡ଼ପୁଅ ଫୁସ୍‌ଫୁସ୍ ଜନିତ ରୋଗର ଶିକାର ହୋଇ ଛୋଟବେଳୁ ମୃତ୍ୟୁବରଣ କରିଥିଲେ। ଏବେ ସାନପୁଅଙ୍କ ଅକାଳ ବିୟୋଗ ପରିବାର ଲୋକଙ୍କୁ ବହୁ ଦୁଃଖ ପହଞ୍ଚାଇଛି। ଛାତ୍ରଙ୍କ ମୃତଦେହ ସଂରକ୍ଷିତ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନ ହେଲା ପତ୍ର ନ ଥିବା ପୁଅ ବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିବ। ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହ ସ୍ନେହ ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରସ୍ପରକୁ ସନ୍ଦେହ କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ବ୍ୟତିବ୍ୟସ୍ତ ହେବାକୁ ପଡ଼ିପାରେ। ସଭାସମିତି, ଆଲୋଚନା ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କିଛିଟା ଶ୍ରମ ସ୍ୱୀକାର କରିପାରିଲେ ଅବଶ୍ୟ ସଫଳତା ପାଇବେ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ** କାମଗୁଡ଼ିକ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। କୌଣସି ଜିନିଷ ଦେବା ନେବାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହେବ। ସମ୍ପର୍କୀୟଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଯାନ ବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** ଆଜି କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବସ୍ତ ହୋଇପାରନ୍ତି। ପରିବାର, ଗୃହ, ଯାନ ବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସଂପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ଏହା ସହ ବ୍ୟବସାୟରେ ଲାଭବାନ ହେବେ।

**ସିଂହ** ଆଜି ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ଆଲୋଚନା ପରିସରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି।

**କନ୍ୟା** ଆଜି ଭଲ ସମ୍ପର୍କ ଥିବା ମିତ୍ରମାନେ ଶତ୍ରୁତା ଆଚରଣ କରିବାର ସୂଚନା ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ପ୍ଲଟିଂ କାରବାରରେ ମାନମନାନ୍ତର ଦେଖା ଦେଇପାରେ। ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା** କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଅଫିସରେ କାଗଜପତ୍ର କିମ୍ବା ଫାଇଲ୍ କାମକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟ, ପରିବହନ, ପ୍ଲଟିଂ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା** ଆଜି କର୍ମକ୍ଷେତ୍ରରୁ ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସି ହେବେ। ସାୟାହ୍ନେ ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ମକର** ନିଜର ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ସାମାନ୍ୟ ଯୁକ୍ତିତର୍କ ପରେ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଆପଣ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ନିଜର ଉପରିସ୍ଥ ଅଫିସର କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବହୁତ ଖର୍ଚ୍ଚଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

ଆଜି କାର୍ତ୍ତିକ ଶୁକ୍ଳ ଦଶମୀ ବୁଧବାର, ଶ୍ରୀଜୀଉଙ୍କ ରାଧାଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, ନଭେମ୍ବର ୨୨ ତାରିଖ, ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଘ.୧୨.୫୮ମି. ଗତେ ମୀନ ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୨ମି. ଗତେ ଘ.୦୮.୧୪ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ. ୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭.୦୭ମି. ଗତେ ଘ. ୦୮.୪୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁକାଳ।

## 'କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍'

**ସାରା ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏବେ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କର ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏ କ୍ଷେତ୍ରରେ ସହଭାଗୀ କରାଇବେ, ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍'। ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୨୪ ତାରିଖରେ 'ଯୁବ ସମ୍ମିଳନୀ'ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ହେବାକୁ ଥିବା ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।**

# ନଦୀ ପୁନରୁଦ୍ଧାରର ଅଗ୍ରଦୂତ

'ଧରିତ୍ରୀ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ବିହାରର ସ୍ନେହା ଶାହି। ପାଠ ପଢୁଥିବା ସମୟରୁ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ସେ ବୁଝିଯାଇଥିଲେ। ସେଥିପାଇଁ ସେ ସ୍ନାତକୋତ୍ତର ପଢ଼ିବା ସମୟରୁ ହିଁ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ନିମନ୍ତେ ଆଗେଇ ଆସିଥିଲେ। 'ପ୍ଲାଷ୍ଟିକ ଫ୍ରି' ଉପରେ କାମ କରୁଥିବା ସ୍ନେହା ଏବେ ନିଜ କାମ ପାଇଁ କେବଳ ଦେଶ ନୁହେଁ, ସାରା ବିଶ୍ୱରେ ଲୋକପ୍ରିୟ ହୋଇପାରିଛନ୍ତି। ଭାରତର ୧୭ଜଣ ୟୁଏନ୍ ୟଙ୍ଗ କ୍ଲାଇମେଟ୍ ଚାମ୍ପିୟନଙ୍କ ମଧ୍ୟରେ ସ୍ନେହା ଅନ୍ୟତମ। ବର୍ତ୍ତମାନ ନଦୀର ପୁନରୁଦ୍ଧାର କରିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି।

ଯୁବ ପରିବେଶବିତ୍ ସ୍ନେହାଙ୍କ ବାପା ଏୟାର ଫୋର୍ସରେ ଚାକିରି କରିଥିବାରୁ ସେ ଦେଶର ବିଭିନ୍ନ ସ୍ଥାନରେ ରହିଛନ୍ତି। ତେବେ ତାଙ୍କ ପରିବାର ଗୁଜରାଟର ଭଦୋଦରାରେ ରହିବା ବେଳେ ସ୍ନେହା ମହାରାଜା ସାୟାଜିରାଓ ବିଶ୍ୱବିଦ୍ୟାଳୟରେ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍‌ରେ ପାଠ ପଢୁଥିଲେ। ୨୦୧୯ରେ ସ୍ନେହା ପ୍ଲାଷ୍ଟିକ ଟାଇଡ୍ ଟର୍ନର କ୍ୟାମ୍ପେନ୍ ଆରମ୍ଭ କରିଥିଲେ, ଯେଉଁଥିରେ ତାଙ୍କୁ ବିଶ୍ୱବିଦ୍ୟାଳୟ ସହଯୋଗ କରିଥିଲା। ସେହି ଅଭିଯାନରେ ୨୦୦ କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବିଶ୍ୱମିତ୍ରି ନଦୀ ସହିତ ଯୋଡ଼ି ହୋଇଥିବା ଦୀର୍ଘ ୭.୫ କିମି ଲମ୍ବର ଏକ ନାଳ 'ଭୁକି'ରୁ ଏହି କ୍ୟାମ୍ପେନ କରାଯାଇଥିଲା। ତେବେ ଏହି ନାଳକୁ ସଫା କରିବା ପାଇଁ ସେମାନଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥିଲା, କାରଣ ସେଠାରେ କୁମ୍ଭୀର ରହୁଥିଲେ। ତଥାପି ଏହି କ୍ୟାମ୍ପେନ ଜରିଆରେ ସେମାନେ ୭୦୦ କେଜି ପ୍ଲାଷ୍ଟିକ ବାହାର କରିଥିଲେ। ସେଥିମଧ୍ୟରୁ ବହୁ ପ୍ଲାଷ୍ଟିକକୁ ରିସାଇକଲ୍ କରିଥିଲେ। ସେହି ନାଳ ସଫା ହେବା ପରେ ଆଉ କୁମ୍ଭୀର ଦେଖାଦେଲେ ନାହିଁ। ନାଳରେ ଅଧିକ ପାଣି ହୋଇଯିବାରୁ କେବଳ ବର୍ଷାଦିନେ କୁମ୍ଭୀର ଦେଖାଯାଆନ୍ତି। ସେମାନେ ଜନସାଧାରଣ, ଅଫିସର, ଷ୍ଟେକ୍‌ହୋଲ୍ଡରଙ୍କୁ ନେଇ ଏକ ସର୍ଭେ କରିଥିଲେ। ପ୍ଲାଷ୍ଟିକର ବ୍ୟବହାର କଲେ କ'ଣ ହେବ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଅଭିଯାନରେ ସଫଳତା ପାଇବା ପରେ ସ୍ନେହା ଚାହିଁଥିଲେ ଅଧିକରୁ ଅଧିକ ଲୋକ କିପରି ଏଥିରେ ସଂଶ୍ଲିଷ୍ଟ ହୋଇପାରିବେ ଏବଂ ପ୍ଲାଷ୍ଟିକର ବ୍ୟବହାର କିପରି ପରିବେଶକୁ ଦୂଷିତ କରୁଛି ତାହା ବୁଝିପାରିବେ। ସେଥିପାଇଁ ସେ ଲୋକଙ୍କୁ ସଚେତନ କରିବା ପାଇଁ ଚାହିଁଲେ। ବିଭିନ୍ନ ସ୍କୁଲ ଓ କଲେଜକୁ ମଧ୍ୟ ଯାଇ ସେ ପ୍ଲାଷ୍ଟିକ ବ୍ୟବହାର ଉପରେ କର୍ମଶାଳା କରୁଛନ୍ତି। ସ୍ନେହାଙ୍କ କାର୍ଯ୍ୟକଳାପ ନେଇ ନ୍ୟାଶନାଲ ଜିଓଗ୍ରାଫିକ୍‌ର 'ୱାନ ଫର୍ ଚେଞ୍ଜ' କ୍ୟାମ୍ପେନରେ ଫିଚର ହୋଇଥିଲା।


ସ୍ନେହା ଶାହି

DHARITRI YOUTH CONCLAVE 2023 CLIMATE CHANGE: THE PATH AHEAD

# ଲେଖାରେ ପରିବେଶ ଚିନ୍ତା


ରିଚାର୍ଡ ମହାପାତ୍ର

'ଧରିତ୍ରୀ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ 'ଡାଉନ୍ ଟୁ ଆର୍ଥ' ମାଗାଜିନ୍‌ର ପରିଚାଳନା ନିର୍ଦ୍ଦେଶକ ରିଚାର୍ଡ ମହାପାତ୍ର। ପରିବେଶ ସମ୍ପର୍କିତ ଖବର ଲେଖିବାରେ ସେ ସିଦ୍ଧହସ୍ତ। ଜଳବାୟୁ ପରିବର୍ତ୍ତନ ଓ ପରିବେଶ ଉପରେ ତାଙ୍କ ଲେଖା ଅଧିକ ଦେଖିବାକୁ ମିଳେ। ଏଥିସହ ରୁରାଲ୍ ଆଫେୟାର୍ସ ଓ ଡେଭଲପ୍‌ମେଣ୍ଟ ମ୍ୟାଟର୍ସ ଉପରେ ମଧ୍ୟ ସେ ଲେଖନ୍ତି। ୧୯୯୭ରୁ ସେ ଏ ସମ୍ପର୍କିତ ଖବର ଲେଖି ଆସୁଛନ୍ତି। ୧୯୭୧ ମସିହା ଜାନୁୟାରୀ ୨୮ ତାରିଖରେ ସମ୍ବଲପୁରରେ ତାଙ୍କର ଜନ୍ମ। ୧୯୮୩ରେ ମହାରାଜା ସ୍କୁଲରୁ ପାଠ ପଢା ସାରିବା ପରେ ଗଙ୍ଗାଧର ମେହେର କଲେଜରୁ ସେ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ ୧୯୯୦ରେ ସମ୍ବଲପୁର ଜି.ଏମ୍. କଲେଜରେ ପାଠ ପଢ଼ିଥିଲେ। 'ଡାଉନ୍ ଟୁ ଆର୍ଥ' ପୂର୍ବରୁ ସେ ବିଜ୍ଞାନ ଓ ପରିବେଶ କେନ୍ଦ୍ରରେ କାମ କରୁଥିଲେ।

## ବାଛୁରୀକୁ ମାରିଲା ମହାବଳ ବାଘ


ବାଘର ପାଦଚିହ୍ନ

**ପାରଳାଖେମୁଣ୍ଡି,୨୧।୧୧ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ରାୟଗଡ ବ୍ଲକରେ ଆନ୍ଧ୍ରରୁ ଓଡ଼ିଶାମୁହାଁ ହୋଇଥିବା ମହାବଳ ବାଘ ଆତଙ୍କ ଖେଳାଇଛି। ସୋମବାର ବାଘଟି ପାରଳାଖେମୁଣ୍ଡିଠାରୁ ଏକ କିଲୋମିଟର ଦୂର ଆନ୍ଧ୍ର ସୀମାନ୍ତବର୍ତ୍ତୀ ସରାଳୀ ଅଞ୍ଚଳରେ ଚଳପ୍ରଚଳ କରୁଥିବା ଆନ୍ଧ୍ର ବନ ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ମଙ୍ଗଳବାର ରାୟଗଡ ବ୍ଲକର ଅଁଳାବାର ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ମହାବଳ ବାଘଟି ଏକ ବାଛୁରୀକୁ ଘୋଷାରି ନେଇ ମାରିଦେଇଥିବା ଜଣାପଡ଼ିଛି। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ପାଦ ଚିହ୍ନକୁ ଠାବ କରିବା ସହ ସେହି ସ୍ଥାନରେ ୫ଟି ଟ୍ରାପ କ୍ୟାମେରା ଲଗାଇ ତା'ର ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଥିବା ଏସିଏଫ ଆଶୋକ କୁମାର ବେହେରା ସୂଚନା ଦେଇଛନ୍ତି। ତେବେ କୁଲୁସିଂ, ଅଁଳାବାଡ଼ ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ସନ୍ଧ୍ୟା ୫ଟା ପରେ ଘରୁ ନ ବାହାରିବା ପାଇଁ ବନବିଭାଗ ସତର୍କ କରାଇଛି। ରାତିରେ କୌଣସି କାମରେ କେହି ଏକା ନ ବାହାରି ୩/୪ ଜଣ ସାଙ୍ଗ ହୋଇ ବାହାରିବା ସହିତ ଗୃହପାଳିତ ପଶୁଙ୍କୁ କୌଣସି ସୁରକ୍ଷିତ ସ୍ଥାନ କିମ୍ବା ନିଜ ଘରେ ବାନ୍ଧିବା ପାଇଁ ଅନୁରୋଧ କରାଯାଇଛି। ବାଘ ଗାଁ ଭିତରେ ପଶିବା ଯଦି କେହି ଦେଖନ୍ତି ତେବେ ତୁରନ୍ତ ବନବିଭାଗକୁ ସୂଚନା ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଅହିଂସାର ରେଶମ 'କରୁଣା ସିଲ୍କ'

- **ସିଲ୍କରୁ ତିଆରି ହେଉଛି ଶ୍ରୀମନ୍ଦିରର ଖଣ୍ଡୁଆ ପାଟ**
- **ଓଡ଼ିଶା ପାଭିଲିୟନ୍‌ରେ ସାଜିଛି ପ୍ରମୁଖ ଆକର୍ଷଣ**

ଭୁବନେଶ୍ୱର,୨୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଏଣ୍ଡିକୀଟ ମାରି ରେଶନ ଉତ୍ପାଦନ କରିବା କଥା ପ୍ରାୟ ସମସ୍ତଙ୍କୁ ଜଣାଥିବ। ମାତ୍ର ଏବେ ଏଣ୍ଡିକୀଟକୁ ନ ମାରି ବି ରେଶନ ଉତ୍ପାଦନ କରାଯାଇପାରିବ। ରେଶମ ଉତ୍ପାଦନ ବେଳେ ପାରମ୍ପରିକ ପଦ୍ଧତିରୁ ବାହାରି ଏକ ନୂଆ ବାଟ ଆପଣାଇଛି ଓଡ଼ିଶା। ଅହିଂସା ଉପାୟରେ ଏଣ୍ଡିକୀଟ ଖୋସାରୁ ପ୍ରସ୍ତୁତ 'କରୁଣା ସିଲ୍କ' ଓଡ଼ିଶାର ରେଶମ ଚାଷ ପରମ୍ପରାକୁ ଏକ ନୂଆ ଦିଗ ଦେଇଛି। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର 'ଓଡ଼ିଶା ପାଭିଲିୟନ'ରେ ଏହି ନିଆରା ସିଲ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ସାଧାରଣତଃ ରେଶମ ଖୋସାରୁ ସୂତା ବାହାର କରିବା ବେଳେ ଏହାକୁ ଗରମ ପାଣିରେ ଫୁଟାଇବାକୁ ପଡ଼ିଥାଏ, ଯେଉଁଥିରେ ଖୋସା ଭିତରେ ଥିବା ରେଶମ କୀଟର ମୃତ୍ୟୁ ଘଟିଥାଏ। ମାତ୍ର ରେଶମ କୀଟକୁ ନ ମାରି ଅହିଂସା ଉପାୟରେ ଓଡ଼ିଶା ଉତ୍ପାଦନ କରୁଛି ଏହି ନୂତନ ସିଲ୍କ। ଅହିଂସା ବା କରୁଣା ପଥ ଅବଲମ୍ବନ କରି ଏହି ରେଶମ ଉତ୍ପାଦନ କରାଯାଉଥିବାରୁ ଏହାର ନାଁ ଦିଆଯାଇଛି 'କରୁଣା ସିଲ୍କ'। ଏହି କରୁଣା ସିଲ୍କରୁ ଏବେ କରୁଣାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପ୍ରସ୍ତୁତ ହେଉଛି ଖଣ୍ଡୁଆ ପାଟ।

**ଏଣ୍ଡିକୀଟ ନ ମାରି ପ୍ରସ୍ତୁତ ହେଉଛି**




ଓଡ଼ିଶା ସରକାରଙ୍କ '୫-ଟି' ଅଭିଯାନ ଅଧୀନରେ ୨୦୨୨ରୁ ପାଇଲଟ୍ ପ୍ରକଳ୍ପ ଭାବେ 'କରୁଣା ସିଲ୍କ'ର ଉତ୍ପାଦନ ଆରମ୍ଭ କରାଯାଇଛି। ପ୍ରଥମେ ୭୦୦ ଚାଷୀଙ୍କୁ ନେଇ ଏଥିପାଇଁ ଏଣ୍ଡିକୀଟ ଚାଷ କରାଯାଇଥିଲା। ସେଥିରୁ ୮୨ କୁଇଣ୍ଟାଲ ରେଶମ ଉତ୍ପାଦନ ହୋଇଥିଲା। ଚଳିତ ବର୍ଷ ଏହାର ସଂପ୍ରସାରଣ କରାଯାଇ ୧୪ଟି ଜିଲାର ୨୫୦୦ରୁ ଅଧିକ ଚାଷୀଙ୍କୁ ଏଥିରେ ଯୋଡ଼ାଯାଇଛି। ଏଥର ୨୦୦ କୁଇଣ୍ଟାଲରୁ ଅଧିକ 'କରୁଣା ସିଲ୍କ' ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ଜଡ଼ା ଗଛର ପତ୍ର ଖାଇ ଏଣ୍ଡିକୀଟମାନେ ବଢୁଛନ୍ତି। ଗୋଟିଏ ମଲବରୀ ସିଲ୍କ ଶାଢ଼ି ବୁଣିବା ପାଇଁ ଯେତିକି ସୂତା ଆବଶ୍ୟକ ସେଥିରେ ୧୦ରୁ ୨୦ ହଜାର ପର୍ଯ୍ୟନ୍ତ ରେଶମ ପୋକ ମରିଥାନ୍ତି। ସେହିପରି ଗୋଟିଏ ଟସର ସିଲ୍କ ଶାଢ଼ି ପାଇଁ ୫ରୁ ୭ହଜାର ପୋକ ମରିଥାନ୍ତି। ଖଣ୍ଡୁଆ ପାଟର ଆଉ ଏକ ଆକର୍ଷଣ ହେଉଛି ଏଥିରେ ବୁଣାଯାଇଥିବା କବି ଜୟଦେବଙ୍କ 'ଗୀତଗୋବିନ୍ଦ'ର ସୁଲଳିତ ପଂକ୍ତି। ଖୋର୍ଦ୍ଧା ଜିଲା ରାଉତପଡ଼ା ଗ୍ରାମର ପାରମ୍ପରିକ ରେଶମ କାରିଗରମାନେ ଏବେ ଏହି 'କରୁଣା ସିଲ୍କ'ରୁ ସାତ୍ତ୍ୱିକ ଖଣ୍ଡୁଆ ପାଟ ପ୍ରସ୍ତୁତ କରୁଛନ୍ତି। ଏହି କାରିଗରମାନେ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ନିଜର କଳା ପ୍ରଦର୍ଶନ କରୁଛନ୍ତି। ଓଡ଼ିଶା ପାଭିଲିୟନରେ ଖୋର୍ଦ୍ଧା ରାଉତପଡ଼ାରୁ ଆସିଥିବା କାରିଗର ଗୋପିନାଥ ଦାସ ଖଣ୍ଡୁଆ ପାଟ ବୁଣୁଛନ୍ତି। ସେ କହିଛନ୍ତି, 'ମହାପ୍ରଭୁ ଶ୍ରୀଜଗନ୍ନାଥ ତ କହି ନାହାନ୍ତି ଜୀବକୁ ମାରି ତାଙ୍କ ପାଇଁ ଆମେ ଆଭୂଷଣ ପ୍ରସ୍ତୁତ କରିବା। ତେଣୁ ପୋକକୁ ନ ମାରି ଉତ୍ତମ ଟେକ୍ନୋଲୋଜି ବ୍ୟବହାର କରି ସେଥିରୁ ବାହାରୁଥିବା ସୂତାରୁ ଆମେ ପାଟ ବସ୍ତ୍ର ତିଆରି କରୁଛୁ। ରାଜ୍ୟ ସରକାରଙ୍କ ନିଜସ୍ୱ ତତ୍ତ୍ୱାବଧାନରେ ଏହି କରୁଣା ସିଲ୍କ ବୁଣା କାମ କରାଯାଉଛି। ଓଡ଼ିଶାରେ ସିଲ୍କ ଉତ୍ପାଦନ ବେଳେ ରେଶମ କୀଟକୁ ନ ମାରି ନୂତନ ଓରଷ୍ଟେଡ୍ ପଦ୍ଧତି ମାଧ୍ୟମରେ ଆମେ ଖୋସାରୁ ସୂତା ବାହାର କରୁଛୁ। ଏଣ୍ଡି ଚାଷ କ୍ଷେତ୍ରରେ ଏହାକୁ ପରୀକ୍ଷାମୂଳକ ଭାବେ କରାଯାଉଛି। ରେଶମ କୀଟ ପ୍ରଜାପତି ହୋଇ ଉଡ଼ିଗଲା ପରେ ସେହି ଖୋସାକୁ ବ୍ୟବହାର କରି ସୂତା ପ୍ରସ୍ତୁତ କରାଯାଉଛି। ପ୍ରଜାପତି ଉଡ଼ିଗଲାବେଳେ ଖୋସାଟି ଫାଟିଯାଉଥିବାରୁ ସ୍ପିନିଙ୍ଗ ମିଲ୍ ମାଧ୍ୟମରେ ଆଧୁନିକ ଟେକ୍ନୋଲୋଜି ପ୍ରୟୋଗ କରି ଆବଶ୍ୟକ ରେଶମ ସୂତା ବାହାର କରାଯାଉଛି। ଓଡ଼ିଶାର ଏହି ନୂତନ ପ୍ରୟୋଗ କଥା ଜାଣି ସେଠାକୁ ଆସିଥିବା ପରିଦର୍ଶକମାନେ ବେଶ୍ ଖୁସି ହେଉଛନ୍ତି ବୋଲି ଓଡ଼ିଶା ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶୋଭନକୃଷ୍ଣ ସାହୁ କହିଛନ୍ତି।






# ସାଲୁଗା ହେଲେ ଉପବାଚସ୍ପତି

**ଭୁବନେଶ୍ୱର,୨୧।୧୧ (ଅନିଲ ଦାସ)**


ସାଲୁଗା ପ୍ରଧାନ


ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ଓଡ଼ିଶା ବିଧାନସଭାର ଉପବାଚସ୍ପତିଭାବେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ବିଧାନସଭାରେ ବାଚସ୍ପତି ପ୍ରମିଳା ମଲ୍ଲିକ ବିଧିବଦ୍ଧ ଭାବେ ଏହି ଘୋଷଣା କରିଛନ୍ତି। ସାଲୁଗାଙ୍କୁ ସର୍ବସମ୍ମତିକ୍ରମେ ଉପବାଚସ୍ପତି ଭାବେ ନିର୍ବାଚିତ କରିଥିବାରୁ ଗୃହର ସମସ୍ତ ସଦସ୍ୟଙ୍କୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି। ଏଥିସହ ଗୃହ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ନିମନ୍ତେ ଉପବାଚସ୍ପତିଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ସାଲୁଗା ବିଧାନସଭାର ଗରିମା ଓ ନିରପେକ୍ଷତା ବଜାୟ ରଖିବେ ବୋଲି ଆଶା କରୁଛୁ। ସେହିପରି ଆଦିବାସୀ ବର୍ଗର ଜଣେ ନେତାଙ୍କୁ ଉପବାଚସ୍ପତି ଭାବେ ଚୟନ କରିଥିବାରୁ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛି। ଉପବାଚସ୍ପତି ରୂପେ ନିର୍ବାଚିତ ହେବା ପରେ ସାଲୁଗା ଗୃହର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି। ଗୃହ କାର୍ଯ୍ୟ ପରିଚାଳନା ପାଇଁ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନଙ୍କ ସେ ସହଯୋଗ ଲୋଡ଼ିଛନ୍ତି। ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଉପବାଚସ୍ପତି ପଦରୁ ରଜନୀକାନ୍ତ ସିଂ ଇସ୍ତଫା ଦେବା ପରେ କିଏ ଏହି ଆସନ ଅଧିକାର କରିବେ ତାକୁ ନେଇ ଚର୍ଚ୍ଚା ହୋଇଥିଲା। ଶେଷରେ ବିଜେଡି ଜି.ଉଦୟଗିରିର ୨ ଥର ବିଧାୟକ ହୋଇଥିବା ସାଲୁଗା ପ୍ରଧାନଙ୍କ ନାଁ ଘୋଷଣା କରିଥିଲା। ସୋମବାର ସେ ଉପବାଚସ୍ପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ।

## ଟ୍ରାକ୍ଟର ଓଲଟି ୨ ଭାଜପା କର୍ମୀ ମୃତ, ୨୬ ଆହତ



**ପାତ୍ରପୁର, ୨୧।୧୧ (ଉମାଚରଣ ନେପାକ)**

ଗଞ୍ଜାମ ଜିଲା ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ଚିକିଟି ବ୍ଲକ ଘେରାଉ ଡାକରା ଦିଆଯାଇଥିଲା। ସେଥିପାଇଁ ପାତ୍ରପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ବୁରାତାଲ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଏକ ଟ୍ରାକ୍ଟର ଯୋଗେ ଚିକିଟି ଅଭିମୁଖେ ଆସୁଥିଲେ। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମଞ୍ଜୁସା ଥାନା ତାଳଗୁରାଣ୍ଡି ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ହେଲେ ଜରଡ଼ା ଥାନା ବୁରାତାଳ ପଞ୍ଚାୟତ ଗୁଡିପଦର ଗ୍ରାମର ଈଶ୍ୱର ଶବର ଏବଂ କୁସମଳା ଗ୍ରାମର ଜଗନ୍ନାଥ ଭୂୟାଁ। ଆହତମାନେ ହେଲେ ରାଜୁ ଶବର, ଶ୍ରୀପତି ସବର, ସନ୍ତୋଷ ଶବର, ପ୍ରହ୍ଲାଦ ଭୂୟାଁ, ଗଣେଶ ଶବର, ରାଇବାରୀ ବଡ଼ରଇତ, ଲକ୍ଷ୍ମୀ କାର୍ଜି, ମଙ୍ଗଳା ଶବର, ଜଗା ସବର ପ୍ରମୁଖଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପଲାସା ପୋଲିସ ଉଦ୍ଧାର କରି ମଞ୍ଜୁସା ମେଡ଼ିକାଲରେ ଭର୍ତ୍ତି କରିଛି। ଦୁଇଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।



ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ତୋରଙ୍କ ମନରେ ଅବଶୋଷରେ ବିବେକର ସର୍ବପ୍ରଥମ ଜାଗରଣ !! -ଶ୍ରୀଅରବିନ୍ଦ



# ଶରଣାର୍ଥୀ ବୃଦ୍ଧି

ଆଜିର ବିଶ୍ୱ ପରିସ୍ଥିତି ଜଟିଳ। ସମ୍ଭବତଃ ଇତିହାସରେ ଏତେ ପରିମାଣର ଶରଣାର୍ଥୀ ପୂର୍ବରୁ କେବେ ସୃଷ୍ଟି ହୋଇ ନ ଥିଲେ। ନିଜ ଘର ଓ ମାତୃଭୂମି ଛାଡ଼ି ଅନ୍ୟ ଦେଶ ବା ସ୍ଥାନକୁ ଜୀବନ ବଞ୍ଚାଇବା ପଳାଇଯାଇଥିବା ଲୋକଙ୍କ ସଂଖ୍ୟା ଏବେ ୧୧ କୋଟି ବା ୧୧୦ ମିଲିଅନରେ ପହଞ୍ଚିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଏହି ଶରଣାର୍ଥୀ ସମସ୍ୟା ଆରମ୍ଭ ହୋଇଥିଲା। ସେତେବେଳେ ମନେକରାଯାଉଥିଲା ଏହାର ଏକ ସ୍ଥାୟୀ ସମାଧାନ ହୋଇପାରିବ। ହେଲେ ତା'ପରେ ବିଶ୍ୱରେ ଘଟୁଥିବା ଯୁଦ୍ଧ, ଜାତିଗତ ହିଂସା ଏବଂ ଗତ ୨ ଦଶନ୍ଧିରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହା ଯେଉଁଭଳି ବୃଦ୍ଧି ପାଉଛି ତାହା ୨୦୫୦ ସୁଦ୍ଧା ଅଣାୟତ ହେବ ବୋଲି ୟୁନାଇଟେଡ୍ ନେସନ୍ସ ହାଇ କମିଶନର ଫର୍ ରିଫ୍ୟୁଜି ବା ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ସିଆର୍) ପ୍ରକାଶ କରିଛି। ବର୍ତ୍ତମାନ ବିଭିନ୍ନ ଦେଶରେ ଥିବା ଶରଣାର୍ଥୀଙ୍କ ପାଇଁ ସ୍ଥାୟୀ ଥଇଥାନ ସହ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଖାଦ୍ୟ ଓ ଶିକ୍ଷା ଯୋଗାଇବା କଷ୍ଟକର ହୋଇପଡ଼ିଛି। ଉଲ୍ଲେଖନୀୟ ଯେ, ବିଶ୍ୱର ୨୪ଟି ଦେଶରେ ଶରଣାର୍ଥୀମାନେ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ସର୍ବାଧିକ ତୁର୍କୀ, ଜର୍ମାନୀ, ପାକିସ୍ତାନ, ଉଗାଣ୍ଡା, ରୁଷିଆ ଏବଂ ପୋଲାଣ୍ଡରେ ଅଛନ୍ତି। ଏମାନଙ୍କୁ ବୈଧ ଭାବେ ଥଇଥାନ କରିବାକୁ ଏଯାବତ ୟୁଏନ୍‌ଏଚ୍‌ସିଆର୍ କିମ୍ବା ଶରଣାର୍ଥୀଙ୍କୁ ସ୍ଥାନ ଦେଉଥିବା ଦେଶଗୁଡ଼ିକ ପର୍ଯ୍ୟାପ୍ତ ପଦକ୍ଷେପ ନେଇପାରିନାହାନ୍ତି। ଜର୍ମାନୀ, ରୁଷିଆ, ଆମେରିକା ଓ ଫ୍ରାନ୍ସକୁ ବାଦ୍‌ଦେଲେ ଇରାକ, ଇରାନ, ପାକିସ୍ତାନ, ଗ୍ରୀସ୍ ଆଦି ଅନ୍ୟ ନିମ୍ନ ଆୟବର୍ଗ କିମ୍ବା ବିକାଶଶୀଳ ଦେଶରେ ଅସ୍ଥିର ଅର୍ଥନୀତି ଏବଂ ଖାଦ୍ୟାଭାବ ଯୋଗୁ ସେମାନେ ଶରଣାର୍ଥୀଙ୍କୁ ମାନବୀୟ ସହଯୋଗ ଯୋଗାଇବାପାଇଁ ସକ୍ଷମ ହୋଇପାରୁନାହାନ୍ତି। ଏହାର ଏକ ସଦ୍ୟତମ ଉଦାହରଣ ହେଉଛି ପାକିସ୍ତାନ। ସୋଭିଏତ୍ ରୁଷ ଓ ଆଫଗାନିସ୍ତାନ ମଧ୍ୟରେ ଯୁଦ୍ଧ ସମୟରୁ ପାକିସ୍ତାନକୁ ଆଫଗାନିସ୍ତାନରୁ ଶରଣାର୍ଥୀମାନେ ଆସିବା ଆରମ୍ଭ ହୋଇଥିଲା। ୨୦୨୧ରେ ତାଲିବାନ୍ ଶାସନ ପ୍ରତିଷ୍ଠା ହେବା ପରେ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ତେବେ ଏବକାର ପାକିସ୍ତାନର ମଧ୍ୟବର୍ତ୍ତୀକାଳୀନ ସରକାର ଦେଶରେ ବିନା ଡକ୍ୟୁମେଣ୍ଟରେ ଥିବା ପାଖାପାଖି ୧୭ ଲକ୍ଷ ଆଫଗାନ ଶରଣାର୍ଥୀଙ୍କୁ ଦେଶ ଛାଡ଼ି ଆଫଗାନିସ୍ତାନ ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି। ଇତିମଧ୍ୟରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଶରଣାର୍ଥୀ ପାକିସ୍ତାନ ଛାଡ଼ି ଆଫଗାନିସ୍ତାନ ଚାଲିଗଲେଣି। ପାକିସ୍ତାନର ଯୁକ୍ତି ହେଉଛି ଆଫଗାନ ଶରଣାର୍ଥୀମାନେ ବିଭିନ୍ନ ଉଗ୍ରବାଦୀ ଆକ୍ରମଣରେ ଜଡ଼ିତ ରହୁଛନ୍ତି। କିନ୍ତୁ ଦେଖିବାକୁ ଗଲେ ପ୍ରମୁଖ ସମସ୍ୟା ହେଉଛି ଆର୍ଥିକ ଦୁରବସ୍ଥା ଓ ଖାଦ୍ୟ ସଙ୍କଟ। ଏହା କେବଳ ପାକିସ୍ତାନ ନୁହେଁ, ଶରଣାର୍ଥୀଙ୍କୁ ଜାଗା ଦେଉଥିବା ବିକାଶଶୀଳ ଦେଶଗୁଡ଼ିକରେ ବିଶ୍ୱରେ ସୃଷ୍ଟି ହୋଇଥିବା ଯୁଦ୍ଧ ସ୍ଥିତି ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବ ପଡୁଛି। ଫଳରେ ସେଠାରେ ଖାଦ୍ୟ ଉତ୍ପାଦନ ହ୍ରାସ ହେବା ସହ ଏହାର ପ୍ରଭାବ ସିଧାସଳଖ ଅର୍ଥନୀତିକୁ କ୍ଷତି କରୁଛି, ଯାହାଦ୍ୱାରା ଶରଣାର୍ଥୀମାନେ ପ୍ରଭାବିତ ହେଉଛନ୍ତି।

ସାମ୍ପ୍ରତିକ ସ୍ଥିତିରେ ଧନୀ ଦେଶଗୁଡ଼ିକ ଯୁଦ୍ଧରେ ଲିପ୍ତ ରହିବା ବିଶ୍ୱ ପାଇଁ ଏକ ବିଡ଼ମ୍ବନା। ସେମାନେ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବାରେ ମଧ୍ୟ ଅବହେଳା କରୁଛନ୍ତି। ଫଳରେ ଜାତିସଂଘ ଓ ୟୁରୋପୀୟ ସଂଘ ସହଯୋଗରେ ଯେତିକି ଶରଣାର୍ଥୀଙ୍କୁ ଥଇଥାନ କରାଯାଉଛି ତା'ଠାରୁ ଅଧିକ ଗୁଣ ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ସୃଷ୍ଟି ହେଉଛନ୍ତି। ସ୍ଥିତି ଏଭଳି ହୋଇଛି ଯେ, ଶରଣାର୍ଥୀମାନଙ୍କୁ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଇପାରୁନାହିଁ। ଜାତିସଂଘ ରିପୋର୍ଟରୁ ପ୍ରକାଶ, ଶରଣାର୍ଥୀ ଶିବିରରେ ମହିଳାମାନେ ଅଧିକ ନିର୍ଯାତିତ ହେଉଛନ୍ତି। ଶିଶୁମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଠିକ୍ ସମୟରେ ସେମାନଙ୍କ ଟିକାକରଣ ହୋଇପାରୁନାହିଁ। ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି ସିରିଆ, ଆଫଗାନିସ୍ତାନ ଓ ରୋହିଙ୍ଗ୍ୟା ଶରଣାର୍ଥୀମାନେ। ଏହାସହ ମାତୃଭୂମି ଛାଡ଼ି ଶରଣାର୍ଥୀମାନେ ଅନ୍ୟ ଏକ ଦେଶରେ ରହିଲେ ସେଠାକାର ଭାଷା, ସଂସ୍କୃତି ଓ ଚାଲିଚଳନ ସହ ଖାପ ଖୁଆଇବା କଷ୍ଟକର ହେବା ଭଳି ଅନେକ ଉଦାହରଣରୁ ଦେଖାଯାଉଛି। ଏଭଳି ସ୍ଥିତିରେ ସେମାନେ ମାନସିକ ଭାରସାମ୍ୟ ହରାଇବା ପରେ ନିଜର ଓ ନିଜ ପରିବାରର ଦାୟିତ୍ୱ ନେବା ଭଳି ପରିସ୍ଥିତିରେ ରହୁନାହାନ୍ତି। ଏହା ଫଳରେ ଅନେକ ଦେଶରେ ଶରଣାର୍ଥୀ ବିରୋଧୀ ମନୋଭାବ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରକାଶ ପାଉଛି। ଆଫଗାନ ଶରଣାର୍ଥୀମାନେ ନିଜ ଦେଶକୁ ଫେରିଯିବା ସହଜ ହୋଇପାରେ, କିନ୍ତୁ ସେଠାରେ ତାଲିବାନ୍ ଶାସନରେ ସେମାନେ ନିର୍ଯାତିତ ହେବା ଆଶଙ୍କା ରହିଛି। କାରଣ ତାଲିବାନ୍ ଶାସନରେ ମହିଳାମାନଙ୍କ ଅଧିକାର ଅନ୍ଧକାରରେ ରହିଥାଏ। ଏହା ସହ ସେଠାକାର ଆର୍ଥିକ ଅବସ୍ଥା ମଧ୍ୟ ସଙ୍କଟଜନକ। ଏଣୁ ପାକିସ୍ତାନ ନେଇଥିବା ପଦକ୍ଷେପ ଓ ଆଫଗାନିସ୍ତାନର ସାମ୍ପ୍ରତିକ ଅଭ୍ୟନ୍ତରୀଣ ସ୍ଥିତିରେ ଏହି ଶରଣାର୍ଥୀମାନେ କିଭଳି ସୁରକ୍ଷିତ ରହିବେ ତାହା ସୁନିଶ୍ଚିତ କରିବା ବିଶ୍ୱ ସମୁଦାୟର ଦାୟିତ୍ୱ।



ହରେକୃଷ୍ଣ ପଣ୍ଡା

# ରାଜନୈତିକ ସାମର୍ଥ୍ୟ

ବିହାରରେ ଜାତି ଆଧାରିତ ଜନଗଣନା ରିପୋର୍ଟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଂରକ୍ଷଣ ବ୍ୟବସ୍ଥାକୁ ବଢ଼ାଇ ୬୫ପ୍ରତିଶତ କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହାକୁ ନେଇ ସମଗ୍ର ଭାରତବର୍ଷରେ ଚିନ୍ତା ପ୍ରକଟ କରାଯାଇଛି। ଏହା କିପରି ଲାଗୁ କରାଯାଇପାରିବ ତା'ର ରୂପରେଖ ମଧ୍ୟ ଆଗରୁଗା ସେ ପ୍ରସ୍ତୁତ କରିଛନ୍ତି। ନୀତୀଶ ତାଙ୍କ ପ୍ରସ୍ତାବରେ ବିହାରରେ ସଂରକ୍ଷଣ ବ୍ୟବସ୍ଥାର ସୀମା ୫୦ରୁ ୬୫ କରିବା ପାଇଁ ପ୍ରସ୍ତାବ ରଖି ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛନ୍ତି।

ଭାରତୀୟ ସମ୍ବିଧାନ ପ୍ରଣୟନ ବେଳେ ଅନୁସୂଚିତ ଜନଜାତିର ଉତ୍ଥାନ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଯେଉଁ ସଂରକ୍ଷଣ କରାଯାଇଥିଲା, ତାହା ମାତ୍ର ୧୦ ବର୍ଷ ପାଇଁ ବ୍ୟବସ୍ଥା ରଖିବାକୁ କୁହାଯାଇଥିଲା। ଦେଖାଗଲା ଯେ ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ନିର୍ବାଚନ ପରେ ପ୍ରକୃତରେ ଏହି ଜାତିର ଉତ୍ଥାନ ଯେତିକି ସମ୍ଭବ ହେଉ ବା ନ ହେଉ ରାଜନୈତିକ ଦଳ ପାଇଁ ଏହା ଏକ ମହାର୍ଘ ସୁଯୋଗ ଆଣି ଦେଇଛି। ଯାହାକୁ ଏବେ ନିର୍ବାଚନୀ ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ଯେଉଁ ଦଳ ସରକାରକୁ ଆସନ୍ତୁ ନା କାହିଁକି ଏହି ଭୋଟ ବ୍ୟାଙ୍କକୁ ୧୦ବର୍ଷ ପରେ ନ ଭାଙ୍ଗି ବରଂ ବୃଦ୍ଧି କରିବାକୁ ଚାହିଁଲେ। ଏବେବି ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟରମାନଙ୍କୁ କରାୟତ୍ତ କରିବା ସହଜ ନ ଥିଲା ବେଳେ ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଭୋଟରମାନଙ୍କୁ କରାୟତ୍ତ କରିବା ସମ୍ଭବ ବୋଲି ରାଜନୀତିଜ୍ଞମାନେ ଭାବିନେଲେ। ଏହିଭଳିଯଦି ୧୯୩୩୧% ଭୋଟରଙ୍କୁ କୌଣସି ଦଳ ସୁନିଶ୍ଚିତ କରିପାରିଲା ତେବେ ତା'ର ବିଜୟ ସୁନିଶ୍ଚିତ। ଏହିଭଳି ମାନସିକତା ଭାରତୀୟ ରାଜନୀତିରେ ଭି.ପି. ସିଂଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଏକ ଭୟାବହ ବିସ୍ଫୋରଣ ସୃଷ୍ଟି କରିଥିଲା। ଜନ ଆନ୍ଦୋଳନକୁ ଦମନକରି ସେ ଓବିସି ସଂରକ୍ଷଣ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ସାମିଲ କରିଦେଲେ।

୧୯୮୯ରେ ଭି.ପି. ସିଂ ଯେଉଁ ସଂରକ୍ଷଣ ନୀତିକୁ ଆପଣେଇଥିଲେ, ତାହା କ'ଣ ଭାରତବାସୀ ସେତେବେଳେ ଚାହୁଁଥିଲେ ନା ଆନ୍ଦୋଳନ କରିଥାରେ ଦାବି କରିଥିଲେ। କଥା ହେଉଛି ଭାରତୀୟ ଜନସାଧାରଣଙ୍କୁ ସ୍ୱଚ୍ଛ ଶାସନର ରାଜନୈତିକ ଗ୍ୟାରେଣ୍ଟି ଦେବାପାଇଁ ଏଭଳି ନେତୃବୃନ୍ଦଙ୍କର କୌଣସି ସାମର୍ଥ୍ୟ ନ ଥିଲା। ତେଣୁ ଗୋଟାଏ ବିରାଟ ଜାତିଗତ ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ସଂରକ୍ଷଣ ନୀତିକୁ ଆପଣେଇଥିଲେ। କିନ୍ତୁ ଭାରତ ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ଦେଇଥିବାରୁ ସେ ବେଶିଦିନ ଶାସନ କରି ପାରି ନ ଥିଲେ। ମାତ୍ର ଗୋଟିଏ ବର୍ଷ ପରେ ସରକାର ଭାଙ୍ଗିଯାଇଥିଲା। ଆମେ ଯଦି ନିରପେକ୍ଷ ଭାବେ ଦେଖିବା ଆରମ୍ଭରୁ ଏଯାବତ୍ ସରକାର ଅନୁସୂଚିତ ଜନଜାତି, ବା ସଂରକ୍ଷିତ ଜାତି ପାଇଁ ଯେତେ ଯୋଜନା ପ୍ରଣୟନ କଲେଣି ରାଜକୋଷରୁ ଯେତେ ଅର୍ଥ ବ୍ୟୟ ହେଲାଣି, ତା'ର ସୁଫଳ କ'ଣ ସେହି ସଂରକ୍ଷିତ ବର୍ଗ ପାଉଛନ୍ତି? ଯଦି ପାଉଥାଆନ୍ତେ ତେବେ ରାଜୀବ ଗାନ୍ଧୀ ଏଥି ପୂର୍ବରୁ ପ୍ରଧାନମନ୍ତ୍ରୀ ହେବା ପରେ ଅନୁଭବ କରି କହି ନ ଥାଆନ୍ତେ ଯେ ଗରିବ ଜନସାଧାରଣଙ୍କ ପାଇଁ କେନ୍ଦ୍ରୀୟ ରାଜକୋଷରୁ ଯେତେ ଅର୍ଥ ଯାଉଛି ତାହା ପ୍ରକୃତରେ ଲୋକଙ୍କ ପାଖରେ ୧୦୦ ଭାଗରୁ ମାତ୍ର ୨୦ ଭାଗ ପହଞ୍ଚୁଛି। ସେଥିପାଇଁ ସେ କ୍ଷୋଭ ପ୍ରକାଶ କରିଥିଲେ। ପ୍ରତି ସରକାର ଶାସନ କଳକୁ ସଜାଡିବାର ସାମର୍ଥ୍ୟ ହରାଇ ବସିଥିଲେ ହେଁ, ଜାତିଗତ ସଂରକ୍ଷଣବାଦକୁ ଆଶ୍ରୟ କରି ସରକାରରେ ତିଷ୍ଠିବାକୁ ଉପାୟ ଅବଲମ୍ବନ କରିବା ଭଳି ଅସ୍ୱୀକାର କରିପାରିବେ ନାହିଁ। ଦେଖିବାକୁ ଗଲେ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିବା ପି.ଭି. ନରସିଂହରାଓ ସଂରକ୍ଷଣବାଦକୁ ଭୁଲି ଦେଶର ଢାଞ୍ଚାଗତ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ। ତା'ପରେ ଅଟଳବିହାରୀ ବାଜପେୟୀଙ୍କ ଅମଳରୁ ଅନ୍ୟ ଏକ ଯୁଗ ଆରମ୍ଭ ହୋଇଥିଲା। ଜନସାଧାରଣ ଯେତେବେଳେ ଦେଖିଲେ ସଂରକ୍ଷଣବାଦ ସୁଦୃଢ଼ ହେବାରେ ଲାଗିଛି ଏବଂ ଏଥିରୁ ଶାସକ ଦଳ ନିର୍ବାଚନୀ ଫାଇଦା ହାସଲ କରୁଛନ୍ତି ସେତେବେଳେ ବିଭିନ୍ନ ଜାତିର ବା ଗୋଷ୍ଠୀର ତରଫରୁ ନେତୃବୃନ୍ଦ ବାଦ୍ ପଡ଼ିଥିବା ଜାତିକୁ ସଂରକ୍ଷଣରେ ସାମିଲ କରିବା ନେଇ ଆନ୍ଦୋଳନ ସୃଷ୍ଟି କରି ଚାଲିଛନ୍ତି। ମାୟାବତୀ କିଛିଦିନ ଧରି ଯେଉଁ ଫାଇଦା ହାସଲ କଲେ ସେହିଭଳି ଏକ ନୀତିକୁ ଆପଣେଇବା ପାଇଁ ନୀତୀଶଙ୍କ ଭଳି କିଛି ନେତୃତ୍ୱକାରୀ ବ୍ୟକ୍ତି ଅଦ୍ଭୁତ ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ଏବେ ଯାହା ଜଣାପଡୁଛି ସଂରକ୍ଷଣବାଦକୁ ହଟାଇବା ପାଇଁ କୌଣସି ରାଜନୈତିକ ଦଳ ଆଉ ଇଚ୍ଛାପ୍ରକଟ କରିବେ ନାହିଁ। ଯେଉଁ ଦଳ ଚାହିଁବ ସେ ଦଳ ଶାସନକୁ ଆସିପାରିବ ନାହିଁ। ଭାରତୀୟ ଜନସାଧାରଣ ଗଣତନ୍ତ୍ରପ୍ରେମୀ ହୋଇଥିଲେ ହେଁ ସେମାନେ ଏବେ ସୁବିଧାବାଦୀ ହୋଇ ପଡ଼ିଛନ୍ତି। ଅଧିକାଂଶ ଜନତା ରାଜନୈତିକ ଅଞ୍ଚଳକୁ ଦୃଷ୍ଟିରେ ଦେଇ ପାରି ନାହାନ୍ତି। ତେଣୁ ଚତୁର ରାଜନୀତିଜ୍ଞ ସଂରକ୍ଷଣବାଦ ଭଳି ସ୍ୱାର୍ଥାନ୍ୱେଷୀ ନୀତିକୁ ପ୍ରତିଷ୍ଠା କରିବା ପାଇଁ ଆଗଭର ହୋଇ ବାହାରି ପଡ଼ିଛନ୍ତି। ସମ୍ପ୍ରତି ଭାରତୀୟ ରାଜନୀତିରେ ସଂରକ୍ଷଣବାଦ ଏକମାତ୍ର ଭରସା, ଭାରତୀୟ ମାନଙ୍କୁ ସନ୍ତୁଷ୍ଟ କରିବାର ପନ୍ଥା। କାରଣ ଦେଶରେ ବା ଶାସନ କ୍ଷେତ୍ରରେ ଯେଉଁମାନେ ସ୍ୱଚ୍ଛତା, ନିର୍ମିଳିତ, ଜନକଲ୍ୟାଣକାରୀ ବ୍ୟବସ୍ଥା, କୁହାଯାଉଥିବା ଧର୍ମ ନିରପେକ୍ଷତା ସୃଷ୍ଟି କରିବାରେ ଅସମର୍ଥ ସେହିମାନେ ହିଁ ସଂରକ୍ଷଣକୁ ନେଇ ବଞ୍ଚିପାରିବେ ବୋଲି ମନେକରନ୍ତି। ତେଣୁ ବିହାରରେ ନୀତୀଶ କୁମାର ଏହିଭଳି ଏକ ଉପାୟ ଅବଲମ୍ବନ କରି ନିଜର ଶାସନଗାଦିକୁ ସ୍ଥିର କରିବାକୁ ଚାହୁଁଛନ୍ତି।





ସମ୍ପ୍ରତି ଦେଖିବାକୁ ଗଲେ ଭାରତୀୟ ରାଜନୀତିରେ ଏବେ ଯେଉଁ ରାଜନୈତିକ ଅସ୍ଥିରତା, ଦେଶ ବିରୋଧୀ ସ୍ଲୋଗାନ, ଦେଶରେ ଜନତା ବିରୋଧୀ, ସମ୍ବିଧାନ ବିରୋଧୀ ରାଜନୈତିକ ଯୁଦ୍ଧ ଦେଖିବାକୁ ମିଳୁଛି, ତା'ର ମୂଳ କାରଣ ହେଉଛି ଜାତିଗତ ସନ୍ତୁଷ୍ଟୀକରଣ ବା ସଂରକ୍ଷଣବାଦୀଙ୍କୁ ସୁରକ୍ଷା ଦେବା। ପରୋକ୍ଷରେ ଦେଶର କଲ୍ୟାଣ ପାଇଁ କାହାରି ଅନ୍ତର କାନ୍ଦୁ ନାହିଁ। ଏପରିକି ଗାଦିକୁ ଅକ୍ତିଆର କରିବା ପାଇଁ କିଛି ରାଜନୈତିକ ଦଳ ଦେଶ ବାହାରୁ ଶକ୍ତି ଆହରଣ କରୁଥିବା ଦେଖା ଯାଉଛି। ବିଭିନ୍ନ ରାଜ୍ୟର ଶାସକମାନେ ରାଜକୋଷକୁ ନିଜର ସମ୍ପତ୍ତି ମନେକରି ପକେଟସ୍ଥ କରୁଥିବା ବେଳେ, ଧରାପଡ଼ିଗଲେ ସେମାନେ କହୁଛନ୍ତି ଯେ ରାଜନୈତିକ ଆକ୍ରୋଶରୁ ତାଙ୍କୁ ହଇରାଣ କରାଯାଉଛି। ତାଙ୍କ କଥାକୁ ମଧ୍ୟ ଦଳେ ଲୋକ ସମର୍ଥନ କରୁଥିବା ଦେଖାଯାଉଛି। ବାସ୍ତ, ଭ୍ରଷ୍ଟାଚାରୀମାନେ ନିର୍ବାଚନ ଲଢ଼ି ଶାସନକୁ ଅକ୍ତିଆର କରି ନେଉଥିବାର କାରଣ ଏହି ସଂରକ୍ଷଣବାଦ। ରାଜନୈତିକ ନେତୃବୃନ୍ଦ ଜାଣିଗଲେଣି ଯେ ବିନା ଟଙ୍କାରେ ବିନା ପ୍ରଲୋଭନରେ, ବିନା ସନ୍ତୁଷ୍ଟୀକରଣରେ ଭୋଟ ହାସଲ କରି ହେବ ନାହିଁ। ତେଣୁ ସେମାନେ ନିର୍ବାଚନୀ ବଣ୍ଡକୁ ସେଠେ ଗୁରୁତ୍ୱ ଦେଉନାହାନ୍ତି। ରାଜନୈତିକ ଦଳର ମୁଖ୍ୟମା ଜାଣିଗଲେଣି ଅର୍ଥବଳ, ବାହୁବଳ ନ ଥିବା ଲୋକ ନିର୍ବାଚନରେ ଜିତି ପାରିବ ନାହିଁ। ସେଥିପାଇଁ ଯାବତୀୟ ଭ୍ରଷ୍ଟାଚାର, ଅନୀତିକୁ ପ୍ରଶ୍ରୟ ଦିଆଯାଉଛି। ଜନସାଧାରଣ ଯଦି ସଚେତନ ହୋଇ ନିରପେକ୍ଷତା ତଥା ଦେଶର କଲ୍ୟାଣ କଥା ଚିନ୍ତା କରନ୍ତେ ଏବଂ ରାଜନୈତିକ ଅଭିସନ୍ଧିକୁ ବୁଝିବାକୁ ଚେଷ୍ଟା କରନ୍ତେ ତେବେ ଚତୁର ରାଜନେତା, ରାଜନୈତିକ ଦଳଗୁଡ଼ିକ ଧରାଶାୟୀ ହୋଇ ପଡ଼ନ୍ତା। ଭାରତର ପ୍ରକୃତ ବିକାଶ ହେବ ନେତାମାନଙ୍କର ଭୋଟବ୍ୟାଙ୍କକୁ ଭାଙ୍ଗିଦେଲେ। ଏହା ଏକ ବ୍ୟାଧିରେ ପରିଣତ ହୋଇଯାଇଛି।

ଯାଜପୁର, ମୋ:୯୪୩୭୩୧୫୬୨୩



ଲଳିତେନ୍ଦୁ ପଲାଉରୀ

# ଆମେରିକାର ଅସ୍ତ୍ର ବେପାର

ବିଶ୍ୱ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି, ଲାଗୁଛି ଦୁଇଟି ବିଶ୍ୱଯୁଦ୍ଧ ଦେଖି ସାରିଥିବା ପୃଥିବୀବାସୀ ଖୁବ୍‌ଶୀଘ୍ର ଆଉ ଏକ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବେ। ଗତ ୨୦୨୨ ଫେବ୍ରୁଆରୀରୁ ଚାଲିଛି ରୁଷିଆ-ୟୁକ୍ରେନ ଯୁଦ୍ଧ। ଆଉ ଗତ ଅକ୍ଟୋବର ୭ରୁ ମଧ୍ୟପ୍ରାଚ୍ୟ ଦେଶ ଇସ୍ରାଏଲ ଓ ପାଲେଷ୍ଟାଇନର ହମାସ୍ ଆତଙ୍କୀଙ୍କ ମଧ୍ୟରେ ନିଜର ଅସ୍ତିତ୍ୱକୁ ନେଇ ଜାରି ରହିଛି ଲଢ଼େଇ। ଏହି ଯୁଦ୍ଧ ବିଶ୍ୱକୁ ମଧ୍ୟ ଦୁଇଭାଗରେ ବିଭକ୍ତ କରି ଦେଇଛି। ଗୋଟିଏ ପଟେ ମୁସଲିମ୍ ଦେଶଙ୍କ ସଂଗଠନ (ଓଆଇସି) ସହ ଇରାନ, ଲେବାନନ, ସିରିଆ, ଉତ୍ତର କୋରିଆ, ତୁର୍କୀ ଭଳି ଦେଶ ପାଲେଷ୍ଟାଇନ ସମର୍ଥନରେ ବାହାରିଥିବା ବେଳେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଜଣାଇଛନ୍ତି। ଯୁଦ୍ଧର ପ୍ରଖରତା ଭିତରେ ଇସ୍ରାଏଲକୁ ସମର୍ଥନ କରି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ତେଲ୍ ଆଭିଭରେ ଭେଟି ତାଙ୍କ ମନୋବଳ ବଢ଼ାଇ ଫେରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ. ବାଇଡେନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭଳି ଅନେକ ରାଷ୍ଟ୍ରମୁଖ୍ୟମାନେ। କିନ୍ତୁ ଯୁଦ୍ଧକୁ ନେଇ ଚାଇନା ଓ ରୁଷିଆ ୱେଟ ଆଣ୍ଡ ୱାଚ କୂଟନୀତିରେ ଏକପ୍ରକାର ନୀରବତା ଅବଲମ୍ବନ କରୁଛନ୍ତି। ଭାରତ, ଚାଇନା, ରୁଷିଆ ଟୁ-ଷ୍ଟେଟ ସଲ୍ୟୁସନ ଥିଓରିରେ ସ୍ୱତନ୍ତ୍ର ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ମତ ରଖୁଛନ୍ତି। ଯୁଦ୍ଧକୁ ନେଇ ଆମେରିକା ଇସ୍ରାଏଲକୁ ଏକପାଖିଆ ସମର୍ଥନ ଜାରି ରଖିଥିବା ବେଳେ ଯୁଦ୍ଧର ୩୦ ଦିନ ଭିତରେ ୩ଥର ଇସ୍ରାଏଲ ଗସ୍ତ କରି ସାରିଲେଣି ଆମେରିକା ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ। ତେବେ ଯୁଦ୍ଧକୁ ନେଇ ଗୋଟିଏ ପ୍ରମୁଖ ପ୍ରସଙ୍ଗ ବେଶ୍ ଚର୍ଚ୍ଚାକୁ ଆସିଛି ତାହା ହେଲା ଯୁଦ୍ଧ ପଛରେ ଆମେରିକାର ଅସ୍ତ୍ର ବେପାର ସ୍ୱାର୍ଥ।

ବିଶ୍ୱ ଦେଖି ସାରିଥିବା ଅନେକ ଛୋଟ ବଡ଼ ଯୁଦ୍ଧ ଯେମିତି କି ଆଫଗାନିସ୍ତାନରେ ତାଲିବାନ ବିରୋଧରେ ଆମେରିକା ଯୁଦ୍ଧ ହେଉ କି ଇରାକରୁ ଏକଛତ୍ରବାଦୀ ସଦ୍ଦାମ ହୁସେନଙ୍କୁ ହଟାଇବା ହେଉ ସବୁ ଯୁଦ୍ଧ ପଛରେ ଆମେରିକାର ବୃହତ୍ ସ୍ୱାର୍ଥ ଯୁଦ୍ଧାସ୍ତ୍ର ବେପାର। ବିଶ୍ୱରେ ଯେତେ ଅସ୍ଥିରତା ଦେଖାଦେଉଛି ସେଥିରୁ ଆମେରିକା ଫାଇଦା ଉଠାଇବାକୁ ଚେଷ୍ଟା କରିଛି। ବିଶ୍ୱର ଅସ୍ତ୍ରଶସ୍ତ୍ର କିଣାବିକା ପ୍ରତିଯୋଗିତାର ସିଂହଭାଗ ବ୍ୟବସାୟକୁ ନିୟନ୍ତ୍ରଣ କରି ନିଜ ଅର୍ଥନୀତିକୁ ସୁଦୃଢ଼ କରୁଛି ଆମେରିକା। ୨୦୨୨ରେ ଆମେରିକାର ଯୁଦ୍ଧାସ୍ତ୍ର ବିକ୍ରି ୪୦ପ୍ରତିଶତ ବୃଦ୍ଧି ପାଉଛି। କେବଳ ବିଭିନ୍ନ ରାଷ୍ଟ୍ର ନୁହେଁ, ଆମେରିକାର ଅସ୍ତ୍ର ପାଲେଷ୍ଟାଇନର ହମାସ୍ ଆତଙ୍କୀଙ୍କଠାରୁ ଆରମ୍ଭ କରି କଶ୍ମୀରରୁ ଦୀର୍ଘବର୍ଷ ଧରି ଅଶାନ୍ତ କରି ରଖିଥିବା ଆତଙ୍କବାଦୀଙ୍କ ହାତରେ ମଧ୍ୟ ଦେଖିବାକୁ ମିଳୁଛି। ଆମେରିକା ବିଭିନ୍ନ ଦେଶ ସହ ପ୍ରତିରକ୍ଷା ଚୁକ୍ତିକରି ସେମାନଙ୍କୁ ଅସ୍ତ୍ର ବିକ୍ରି କରି ଲାଭବାନ ହେଉଛି। କଶ୍ମୀରରୁ କାନ୍ଦାହାର, ବେଲୁଚିସ୍ତାନରୁ ପାଲେଷ୍ଟାଇନ ଆତଙ୍କୀମାନେ ମଧ୍ୟ ଆମେରିକାର ଏମ୍-୪ ଆସଲ୍ଟ ରାଇଫଲ ସବ୍‌ଭଳି ବିଭିନ୍ନ ଯୁଦ୍ଧାସ୍ତ୍ର ବ୍ୟବହାର କରୁଥିବାର ପ୍ରମାଣ ମିଳିଛି। ତେବେ ପ୍ରଶ୍ନ ଉଠୁଛି ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆତଙ୍କବାଦୀ ଆକ୍ରମଣ ପରେ ବିଶ୍ୱରୁ ଆତଙ୍କବାଦ ମୂଳୋତ୍ପାଟନ ପାଇଁ ପ୍ରତିଜ୍ଞା କରି ଆତଙ୍କବାଦ ବିରୋଧରେ ଲଢ଼େଇ କରୁଥିବା ଆମେରିକା ପୁଣି ତା'ର ଅସ୍ତ୍ର ସେହି ଆତଙ୍କୀଙ୍କ ହାତରେ ପଡୁଛି କେମିତି? ଆମେରିକା



କ'ଣ ଆତଙ୍କୀମାନଙ୍କୁ ବି ଯୁଦ୍ଧାସ୍ତ୍ର ବିକ୍ରି କରୁଛି ? କାରଣ ଅକ୍ଟୋବର ୭ରେ ହମାସ୍ ଆତଙ୍କୀ ମାନେ ଇସ୍ରାଏଲ ଉପରେ ଯେଉଁ ଆକ୍ରମଣ କରିଥିଲେ ସେଥିରେ ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ମଧ୍ୟ ଆମେରିକା ନିର୍ମିତ ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ପାକିସ୍ତାନର ଜୈସ୍- ଇ ମହମ୍ମଦ, ଲଶ୍କର-ଇ ତୋଇବା ଆତଙ୍କୀ ସଂଗଠନ ହାତରେ ଆମେରିକା ନିର୍ମିତବନ୍ଧୁକଓଯୁଦ୍ଧାସ୍ତ୍ର ରହିଥିବା ପ୍ରମାଣ ମିଳିସାରିଛି।

ଆମେରିକା ବିଶ୍ୱକୁ ନିରସ୍ତ୍ରୀକରଣର ନାରା ଦେଇ ନିଜେ ଅସ୍ତ୍ରଶସ୍ତ୍ର ତିଆରି ଓ ବିକ୍ରି କରି ନିଜ ଅର୍ଥନୀତିକୁ ସମୃଦ୍ଧ କରି ଚାଲିଛି। ଇସ୍ରାଏଲକୁ ସହଯୋଗ ସ୍ୱରୂପ ଆମେରିକା ୪୫ଟି ଟ୍ରକ ବୋଝେଇ ଅସ୍ତ୍ରଶସ୍ତ୍ର ପଠାଇଥିବା ବେଳେ ନଭେମ୍ବର ୪ରେ ରାଷ୍ଟ୍ରପତି ଜୋ. ବାଇଡେନ ଇସ୍ରାଏଲକୁ ୧୨.୩ ବିଲିୟନ ଡଲାରର ସାମରିକ ସହାୟତା ସମ୍ପର୍କରେ ଘୋଷଣା କରିଛନ୍ତି। ଷ୍ଟକହୋମ ପିସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ରିପୋର୍ଟର ତଥ୍ୟରେ ୨୦୧୩ରୁ ୨୦୧୭ ମଧ୍ୟରେ ୧୪ପ୍ରତିଶତ ଅସ୍ତ୍ରଶସ୍ତ୍ର ବିକ୍ରି କରୁଥିବା ଆମେରିକା ୨୦୨୨ରେ ଏହାକୁ ୪୦ପ୍ରତିଶତକୁ ବୃଦ୍ଧି କରିଛି। କେବଳ ୨୦୨୨ରେ ଆମେରିକା ବିଦେଶକୁ ୨୦୫.୬ ବିଲିୟନ ଡଲାର ଯୁଦ୍ଧାସ୍ତ୍ର ବିକ୍ରି କରିଛି। ଆମେରିକାର ବିଭିନ୍ନ ଯୁଦ୍ଧାସ୍ତ୍ର ନିର୍ମାଣ କରୁଥିବା କମ୍ପାନୀମାନେ ପ୍ରତ୍ୟକ୍ଷ ଭାବେ ୧୫୩ବିଲିୟନ ଡଲାର ଯୁଦ୍ଧାସ୍ତ୍ର ବିକ୍ରି କରିଥିବା ବେଳେ ଆମେରିକା ୫୧.୯ବିଲିୟନ ଡଲାରର ଯୁଦ୍ଧାସ୍ତ୍ର ବିଭିନ୍ନ ଦେଶକୁ ବିକ୍ରି କରିଛି।

ବିଶ୍ୱରେ ମୋଟ ସାମରିକ ଖର୍ଚ୍ଚ ଅଟକଳ ୨ ଟ୍ରିଲିୟନ ଡଲାରକୁ ଟପିଛି। ଯୁଦ୍ଧାସ୍ତ୍ର କିଣାବିକା ବ୍ୟବସାୟରେ ସବୁଠୁ ଆଗରେ ରହିଛି ଆମେରିକା, ତା'ପରେ ଚାଇନା ଓ ତୃତୀୟରେ ରହିଛି ଭାରତ। ବିଶେଷ କରି କୋଭିଡ୍ ମହାମାରୀ ସମୟରେ ଯୁଦ୍ଧାସ୍ତ୍ର କିଣାବିକା ପ୍ରତିଯୋଗିତା ଅଧିକ ବୃଦ୍ଧି ପାଇଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ ଆମେରିକାର ପ୍ରତିରକ୍ଷା ସାମଗ୍ରୀ ନିର୍ମାତା କମ୍ପାନୀ ଲକ୍ହିଡ ମାର୍ଟିନ ୪.୮ ବିଲିୟନ ଡଲାରର କଣ୍ଟ୍ରାକ୍ଟ ପାଇଛି। ୨୦୨୨ରେ ଆମେରିକା ୧୩.୯ ବିଲିୟନ ଡଲାର ଏଫ ୧୫ ଆଇଡି ଫାଇଟର ଜେଟ୍ ଇଣ୍ଡୋନେସିଆକୁ, ୬.୯ ବିଲିୟନ ଡଲାର ମଲ୍ଟି ମିଶନ ସର୍ଫେସ କମ୍ବାଟ ସିପ ଗ୍ରିସକୁ, ୬ ବିଲିୟନ ଡଲାର ଏମ୍‌୧ଏ୨ ଆବ୍ରମସ ଟ୍ୟାଙ୍କ ପୋଲାଣ୍ଡକୁ ବିକ୍ରି କରିଛି। ଆବ୍ରମସ ଟ୍ୟାଙ୍କ, ବୋଇଙ୍ଗ ବିମାନ,ଏଫ-୧୫ ଯୁଦ୍ଧ ଜାହାଜଗୁଡ଼ିକ ଆମେରିକାର ଜେନେରାଲ ଡାଇନାମିକ କମ୍ପାନୀ ତିଆରି କରୁଥିବା ବେଳେ, ନୌସେନାଜାହାଜଗୁଡ଼ିକ ନିର୍ମାଣ କରୁଛି ଲକ୍ ହିଡ୍ ମାର୍ଟିନ କର୍ପୋରେଶନ। ଆମେରିକାର ଯୁଦ୍ଧାସ୍ତ୍ର ନିର୍ମାତା କମ୍ପାନୀମାନେ ସରକାରଙ୍କ ଅନୁମତିରେ ବିଦେଶକୁ ବିକ୍ରି କରିଥାନ୍ତି। ଏହାସହ ଏସବୁ ମାଧ୍ୟମରେ ମଧ୍ୟ ନିଜେ ସରକାର ବିଦେଶକୁ ଯୁଦ୍ଧାସ୍ତ୍ର ବିକ୍ରି କରୁଛନ୍ତି। ଆମେରିକାଠାରୁ ସର୍ବାଧିକ ଅସ୍ତ୍ରଶସ୍ତ୍ର କିଣୁଥିବା ଦେଶ ତାଲିକାରେ ପ୍ରଥମରେ ସାଉଦି ଆରବ ପରେ କ୍ରମାନ୍ୱୟରେ ଜାପାନ, ଅଷ୍ଟ୍ରେଲିଆ ଓ ଭାରତ ରହିଛନ୍ତି। ୨୦୨୨ରେ ଭାରତ ରୁଷିଆରୁ କିଣୁଥିବା ଯୁଦ୍ଧାସ୍ତ୍ର ୧୯ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଆମେରିକା ଉପରେ ଅଧିକ ନିର୍ଭରଶୀଳ ହୋଇଛି। ଆଇଏସ୍‌ଆଇ ଆତଙ୍କୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମେରିକାରୁ ପାଖାପାଖି ୪୦ପ୍ରତିଶତ ଅସ୍ତ୍ର କିଣିଛନ୍ତି। ୨୦୨୩ ଏପ୍ରିଲ ସୁଦ୍ଧା ଆମେରିକା ସହ ଭାରତ ୩ଶହ ମିଲିୟନ ଡଲାରର ଯୁଦ୍ଧାସ୍ତ୍ର ରାଜିନାମା କରିଛି। ଆମେରିକା ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷରେ ଯୁଦ୍ଧାସ୍ତ୍ର ବେପାର କୂଟନୀତିରେ ନିଜ ଅର୍ଥନୀତିକୁ ସମୃଦ୍ଧ କରିବା ମୂଳଲକ୍ଷ୍ୟ ରଖିଛି।

ମୋ: ୯୭୭୮୬୭୦୦୩୬

## ଏଇ ଭାରତରେ

ଉଚ୍ଚଶିକ୍ଷା ଲାଭ କରିବା ପରେ ଅନେକଙ୍କ ସ୍ୱପ୍ନ ଥାଏ ସିଭିଲ ସର୍ଭିସ। ଏଥିରେ କୃତକାର୍ଯ୍ୟ ହୋଇ ଚାକିରି କରିବା ସୌଭାଗ୍ୟ ଖୁବ୍ କମ୍ ପାଉଥାନ୍ତି। ସେହିଭଳି ଜଣେ ସୌଭାଗ୍ୟବାନ ରବି କପୁର। ସେ ଆଇଆର୍‌ଏସ୍ ଅଧିକାରୀ ହେବା ପରେ ୧୦ ବର୍ଷ ଚାକିରି କରି ତାହାକୁ ଛାଡ଼ି ଏବେ ୟୁପିଏସ୍‌ସି ଆଶାୟୀମାନଙ୍କୁ ମାଗଣାରେ କୋଚିଂ ଦେଉଛନ୍ତି। ରବି ମଧ୍ୟ ଜଣେ ବଡ଼ିବିଲ୍ଡର, ପାଓ୍ୱାରଲିଫ୍ଟର ଏବଂ ତାଙ୍କର ମାର୍ଗଦର୍ଶନରେ ବର୍ତ୍ତମାନ ବହୁ ଛାତ୍ରଛାତ୍ରୀ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇପାରିଛନ୍ତି। ରବିଙ୍କ ଜନ୍ମ ଦିଲ୍ଲୀର ଏକ ସାଧାରଣ ପରିବାରରେ। ସେ ପ୍ରଥମେ ଜଣେ ପାୱାରଲିଫ୍ଟର ଭାବେ ୨୦୦୮ ଏସିଆନ ପାଓ୍ୱାର ଲିଫ୍ଟିଂରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ହେଲେ ତାହା ତାଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହୋଇ ସଫଳ ହେବା ପରେ ଆଇଆର୍‌ଏସ୍ ଅଧିକାରୀ ଭାବେ ଯୋଗ ଦେଇଥିଲେ। କିନ୍ତୁ ତାହାକୁ ଛାଡ଼ି ସେ ଆଶାୟୀମାନଙ୍କୁ ମାଗଣା କୋଚିଂ ଦେବା ଆରମ୍ଭ କରିଥିଲେ, ଯାହା ଏବେ ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ନଭେମ୍ବର ୧୯୯୮

- ଠିକାଦୁର୍ନୀତି ରୋକିବାକୁ କେନ୍ଦ୍ରୀୟ ଗୁଇଡ଼ା କମିଶନ (ସିଭିସି) ସମସ୍ତ ସରକାରୀ ବିଭାଗ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୟୁନିଟ୍‌ଗୁଡ଼ିକ ଦ୍ୱାରା ଟେଣ୍ଡର ପରବର୍ତ୍ତୀ ବୁଝାମଣା ଉପରେ ନିଷେଧାଦେଶ ଜାରି କରିଛନ୍ତି।
- ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ସମ୍ଭାବ୍ୟ ମହାଭିଯୋଗ ପ୍ରସ୍ତାବ ନେଇ କେନେଥ ଷ୍ଟାରଙ୍କ ଉଦ୍ୟମକୁ ବିରୋଧ କରି ତାଙ୍କ ନୈତିକଶାସ୍ତ୍ର ପରାମର୍ଶଦାତା ସାମ ଦାଶ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## ଚିରନ୍ତନୀ

ମାନସେ ନାଚଇ ପାଜାର ସେପାଖ ଛବି
କେଉଁ ଘରବାଟେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ବନ
ତାହାଣିଆ ଖରା ହସୁଥିବ ଶେଷ ହସ।
-(ଏହି ସେ ପାଜାର୍)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | | 5 |
| 4 | | | | | | | 1 | 6 |
| | 1 | | | | 9 | 4 | 7 | |
| | | | 3 | 2 | | | 6 | |
| | 3 | 6 | | 5 | | | | 9 |
| | | | 9 | | | | | 1 |
| | 9 | | 7 | | | | 1 | 8 |
| | 7 | 5 | | | | | | |
| | | | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 6 | 2 | 8 | 5 | 7 | 3 | 1 |
| 8 | 2 | 1 | 3 | 7 | 4 | 5 | 9 | 6 |
| 3 | 5 | 7 | 6 | 1 | 9 | 8 | 4 | 2 |
| 5 | 6 | 4 | 1 | 3 | 2 | 9 | 8 | 7 |
| 1 | 8 | 3 | 9 | 6 | 7 | 4 | 2 | 5 |
| 2 | 7 | 9 | 5 | 4 | 8 | 1 | 6 | 3 |
| 6 | 9 | 5 | 8 | 2 | 1 | 3 | 7 | 4 |
| 7 | 1 | 2 | 4 | 9 | 3 | 6 | 5 | 8 |
| 4 | 3 | 8 | 7 | 5 | 6 | 2 | 1 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନୈତିକ ଶିକ୍ଷାର ଆବଶ୍ୟକତା

ମହାଶୟ,

ଆଜିର ଶିଶୁ କାଲିର ନାଗରିକ। ଶିଶୁଙ୍କୁ ଯେଉଁଭଳି ଶିକ୍ଷା ଦିଆଯିବ, ସେମାନେ ସେହିଭଳି ଆଗକୁ ଅଗ୍ରସର ହେବେ। ଆଜିର ଦିନରେ ସମାଜରେ ଘଟୁଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଟପିଲାଣି। ଆମେ ବର୍ତ୍ତମାନ ଛଳନା ଓ ଅବିଶ୍ୱାସର ବାତାବରଣ ମଧ୍ୟରେ ବଞ୍ଚିରହିଛୁ। ଆମର ଅନ୍ତର୍ନିହିତ ସଦ୍‌ଗୁଣାବଳୀକୁ ଭ୍ରଷ୍ଟାଚାର ମାଡ଼ିବସିଛି। ଯଦି ସ୍କୁଲଗୁଡ଼ିକରେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଆନ୍ତା ତା'ହେଲେ ପିଲାମାନେ ସତ୍ୟାଲୋକର ସନ୍ଧାନ ପାଇପାରନ୍ତେ। କାରଣ ନୈତିକ ଶିକ୍ଷା ବିନା ବ୍ୟକ୍ତି ଶିକ୍ଷିତ ହୁଏ ସିନା, ହେଲେ ସଦ୍‌ଗୁଣସମ୍ପନ୍ନ ହୋଇପାରେ ନାହିଁ। ନୈତିକ ଶିକ୍ଷା ଦ୍ୱାରା ବ୍ୟକ୍ତି ସତ୍ୟବାଦୀ, ସଂଯମୀ, ଦୟାଶୀଳ, ଧର୍ମପରାୟଣ, ନିର୍ଲୋଭୀ ଓ ବିବେକୀ ହୋଇଥାଏ। ଫଳରେ ନୀତିନିଷ୍ଠ ବ୍ୟକ୍ତିମାନେ ନିଜ ଜୀବନରେ ଅତୁଳନୀୟ ଶାନ୍ତିର ଅଧିକାରୀ ହୋଇପାରନ୍ତି। ଫଳରେ ସେମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇଥାଆନ୍ତି। ତେଣୁ ବିଦ୍ୟାଳୟରେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଗଲେ କୋମଳମତି ଶିଶୁମାନେ ଭବିଷ୍ୟତରେ ନୀତିନିଷ୍ଠ ହୋଇପାରିବେ, ଏଥିରେ ସନ୍ଦେହ ନାହିଁ।

-ଅଶୋକ ରାଉଳ, ଅଡ଼ଙ୍ଗ, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବୌଦ୍ଧରେ ମାଓବାଦୀ ପୁଣି ସକ୍ରିୟ

## ପୋଲିସ ମାଓବାଦୀ ଗୁଳି ବିନିମୟ, ବହୁ ମାଓବାଦୀ ସାମଗ୍ରୀ ଜବତ



**ବୌଦ୍ଧ,୨୧।୧୧ (ଅଜିତ କୁମାର କାର୍ଜି)**

ଗତ କିଛିଦିନର ବ୍ୟବଧାନ ପରେ ବୌଦ୍ଧ ଜିଲାରେ ମାଓବାଦୀଙ୍କ ଉପସ୍ଥିତି ଥିବା ଜଣାପଡ଼ିଛି । ମାଓବାଦୀ ଜିଲାରେ ଥିବା ନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୬ ତାରିଖରେ ପୋଲିସକୁ ଜିଲାର ମନମୁଣ୍ଡା ଥାନା ଅନ୍ତର୍ଗତ ଶଗଡ଼ା ଫାଣ୍ଡି ଅଞ୍ଚଳରେ ଥିବା ରାବଣେଶ୍ୱର ଜଙ୍ଗଲରେ ୩୫ରୁ ୪୦ ମାଓବାଦୀ ଲୁଚିଥିବା ଖବର ମିଳିଥିଲା । ଖବର ପାଇବା ପରେ ଜିଲା ପୋଲିସ ପକ୍ଷରୁ ଯୋଜନା କରାଯାଇ ଏସ୍‌ଓଜି ଓ ଡିଭିଏଫ୍‌ମାନଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା । ଗତ ୧୯ ତାରିଖରେ ମାଓବାଦୀମାନେ ହଠାତ୍ ପୋଲିସ ଫୋର୍ସ ଉପରକୁ ଗୁଳିଚାଳନା କରିବା ସହ ଫେରାର ହୋଇଥିଲେ। ପୋଲିସ ମଧ୍ୟ ଏହାର ଜବାବରେ ପାଲଟା ଗୁଳିଚାଳନା କରିବାରୁ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ । ଦୀର୍ଘ ୪୫ରୁ ୫୦ ମିନିଟ୍ ଗୁଳି ବିନିମୟ ହୋଇଥିବା ଆରକ୍ଷୀ ଅଧୀକ୍ଷକ ପ୍ରସାଦ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି, ମାଓବାଦୀମାନେ ଛତ୍ରଭଙ୍ଗ ଦେବା ପରେ ପୋଲିସ ଫୋର୍ସ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିବାରେ ସଫଳ ହୋଇଛନ୍ତି। ଏହାଛଡ଼ା ଯେହେତୁ ମହିଳାମାନଙ୍କ ବସ୍ତ୍ର ଜବତ କରାଯାଇଛି, ତେଣୁ ମହିଳା ମାଓବାଦୀମାନେ ସାମିଲ ଥିବା ସ୍ପଷ୍ଟ ଜଣାପଡୁଛି । ମାଓବାଦୀ ସାମଗ୍ରୀଗୁଡ଼ିକ ମଧ୍ୟରେ ୩ ଗୋଟି ବିଦ୍ୟୁତ୍ ଡିଟୋନେଟର, ୨ ଗୋଟି ଏକ୍ସପ୍ଲୋସିଭ୍ ଏମ୍ପ୍ଟି କେସ୍, ଗୋଟିଏ ବ୍ୟାଟେରି, ୬ ଗୋଟି ବ୍ୟାଟେରି କ୍ଲିପ୍, ୧୨ ବୋର୍ ଏମ୍ପଟି କେସ୍, ବିଦ୍ୟୁତ୍ ତାର ଗୋଟିଏ ବଣ୍ଡଲ, ବ୍ଲାଷ୍ଟିଂ ତାର, ମାଓବାଦୀ ପୁସ୍ତିକା, ମାଓବାଦୀ ଟୋପି, ୬ ଗୋଟି ଛୁରି, ଗୋଟିଏ କୋଡ଼ି, ଗୋଟିଏ ଟାଙ୍ଗିଆ, ୨ ଗୋଟି କଇଁଚି, ୨ଗୋଟି ଟର୍ଚ୍ଚ, ଔଷଧ, କଣ୍ଡୋମ, ଗର୍ଭ ନିରୋଧ ଔଷଧ, ୨ଗୋଟି କଳାରଙ୍ଗର ଛତା, ୭ ଗୋଟି ପ୍ଲାଷ୍ଟିକ ଡ୍ରମ୍, ୩ ବଣ୍ଡଲ ଦଉଡ଼ି, ମହିଳା ବସ୍ତ୍ର ୬ ଗୋଟି, ବ୍ଲାଙ୍କେଟ୍ ୨ ଗୋଟି, କ୍ଲେଜର ଗୋଟିଏ, ଶୀତବସ୍ତ୍ର ୨ ଗୋଟି, ରୋଷେଇ ସାମଗ୍ରୀ, ଷ୍ଟିଲ୍ ମଗ୍, ଟିଫିନ, ଚପଲ, ବାଉଁଶଲାଠି ସହ ଆହୁରି ଅନେକ ସାମଗ୍ରୀ ଜବତ କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଥିଲେ। ଏନେଇ ମଙ୍ଗଳବାର ଦିନ ମନମୁଣ୍ଡା ଥାନାରେ ଏକ ମାମଲା (୨୮୦/୨୩)ରୁଜୁ ହୋଇଥିବା ଆରକ୍ଷୀ ଅଧୀକ୍ଷକ ପ୍ରସାଦ ଜଣାଇଥିଲେ । ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କୈଳାସ ସେଠୀ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ବୌଦ୍ଧ ଜିଲାରେ ବହୁ ସମୟରେ ମାଓବାଦୀମାନେ ରହି ଚଳପ୍ରଚଳ କରୁଥିବା ବେଳେ ହରଭଙ୍ଗା ବ୍ଲକର ଚଳଗାଁ ଓ କନ୍ଧମାଳ ବ୍ଲକରେ ମାଓବାଦୀମାନେ ନିଜର ସ୍ଥିତି ହାଜିର କରି ଆସୁଥିଲେ । ୨୦୨୧ ଜୁଲାଇ ୧୦ ତାରିଖରେ ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ଉମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କନ୍ଧମାଳ ସୀମାନ୍ତ ଜଙ୍ଗଲ ସମାଡାଙ୍ଗୀ ଓ ନାଦେନ ଜଙ୍ଗଲରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ଘଟି ୨ ଜଣ ଯବାନ ଗୁରୁତର ଆହତ ହୋଇଥିଲେ।।୨୦୨୦ ମସିହାରେ ବୌଦ୍ଧକୁ ମାଓବାଦୀ ମୁକ୍ତ ଜିଲା ଘୋଷଣା କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ପୁଣି ଜିଲାକୁ ମାଓବାଦୀ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା।

## ବଡ଼ଭାଇଙ୍କୁ ତଣ୍ଟି ଚିପି ହତ୍ୟା


**ତାଳଚେର,୨୧।୧୧ (ମନୋଜ ନନ୍ଦ)**

ପାରିବାରିକ କଳହରୁ ଅନୁଗୋଳ ଜିଲା ତାଳଚେର ବ୍ଲକ ଟେଣ୍ଟୁଲେଇ ଗ୍ରମରେ ମଙ୍ଗଳବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇଙ୍କ ତଣ୍ଟି ଚିପି ସାନଭାଇ ହତ୍ୟା କରିଥିବା ବିକ୍ରମପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବଡ଼ଭାଇ ଅନିଲ ଭୋଇ (୩୮) ଓ ସାନ ଭାଇ ପବନା ଭୋଇ (୩୫)ଙ୍କ ମଧ୍ୟରେ ସବୁଦିନେ କଳହ ଲାଗେ। ମଙ୍ଗଳବାର ସେମାନଙ୍କ ମଧ୍ୟରେ ୨ ଥର ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସାନ ଭାଇ ପବନା ବଡ଼ଭାଇ ଅନିଲଙ୍କ ତଣ୍ଟିକୁ ଚିପି ଧରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୩୩୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

## ଅଫିସ୍‌ରେ ପଶି ସ୍ତ୍ରୀଙ୍କୁ ଛୁରାମାଡ଼ ଘଟଣାରେ ସ୍ୱାମୀ ଜେଲ ଗଲେ

**ଭୁବନେଶ୍ୱର,୨୧।୧୧(ସତ୍ୟଜିତ୍ ରାଉତ)**

ଭରତପୁର ଥାନା ଅଧୀନ ବରମୁଣ୍ଡାସ୍ଥିତ ଏକ ରିୟଲ୍ ଇଷ୍ଟେଟ୍ ସଂସ୍ଥାର ଅଫିସରେ ପଶି ସ୍ତ୍ରୀଙ୍କୁ ଛୁରାମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ସପନ କୁମାର କର (୩୫)ଙ୍କୁ ଗିରଫ କରିଛି। ସପନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଆକ୍ରମଣରେ ଗୁରୁତର ହୋଇଥିବା ସ୍ତ୍ରୀ ମଧୁସ୍ମିତା ଦାସ କଟକ ଏସ୍‌ସିବି ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।




ଉତ୍ତରାଖଣ୍ଡ ସୁଡ଼ଙ୍ଗରେ ଫଶିଥିବା ଶ୍ରମିକଙ୍କୁ ଉଦ୍ଧାର ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରି ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ପ୍ରସ୍ତୁତ କରିଛନ୍ତି।

# ବିଦ୍ୟୁତ୍ ଟାୱାରରେ ଚଢ଼ି ଜଳିଗଲେ

**ଭୁବନ, ୨୧।୧୧ (ବିପିନ ବିହାରୀ ସେଠୀ)**

୧୩୨ କେଭି ବିଦ୍ୟୁତ୍ ଟାୱାରରେ ଚଢ଼ି ଜଣେ ବ୍ୟକ୍ତି ଜଳିଯାଇ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ଏପରି ଘଟଣା ଘଟିଛି ଢେଙ୍କାନାଳ ଜିଲା ଭୁବନ ଥାନା ବାଉଁଶକଣ ଗ୍ରାମ ନିକଟରେ। ସୂଚନା ଅନୁଯାୟୀ, ଗାଁ ନିକଟରେ ଥିବା ଏକ ବିଦ୍ୟୁତ୍ ଟାୱାରରେ ହଠାତ୍ ଜଣେ ଅଜଣା ବ୍ୟକ୍ତି ଚଢ଼ିଯାଇଥିଲେ। କେହି କିଛି ବୁଝିବା ପୂର୍ବରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଜଳିଯାଇ ତଳକୁ ଖସିପଡ଼ିଥିଲେ। ନିକଟସ୍ଥ ବିଲରେ କାମ କରୁଥିବା ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଭୁବନ ଦମକଳ ବାହିନୀକୁ ଜଣାଇଥିଲେ। ଖବରପାଇ ଭୁବନ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ବ୍ୟକ୍ତିଜଣଙ୍କୁ ଭୁବନ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
30 Caregivers for Autism Ashram, Hyderabad.
Qualification: 10th or 12th Pass
Salary: Rs.12,000/-
Free Food,
Free Accommodation, Age be
APURVA 8435155697

REQUIRED
JPSS requires different categories of staff for district wise placement under OSCPS, W&CD and other Departments on outsourcing basis. Interested candidates may apply with registration fee of Rs.350/- to attend Interview at Fortune Towers, Xavier Square, Bhubaneswar on 26.11.2023 (Sunday). Detail Information, Qualifications Criteria & Regn. form are available in Website: jpss.org.in.
Contact Mobile
9090010130 / 7846910292

APPOINTMENT
Required Staff for Sales Duplex, TMT & Appliances, Marketing Manager, Business Development Manager, Accountant, Digital Marketing Executive, Office Boy.
Contact: 7008485542

See Career Appointment on every Wednesday & Saturday

# ୩ ନୂତନ ଟ୍ରେନ୍ ଚଳାଚଳର ଶୁଭାରମ୍ଭକଲେ ରାଷ୍ଟ୍ରପତି

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର (ମାନସ ମହାନ୍ତି),୨୧।୧୧**

ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ରାଇରଙ୍ଗପୁର ଉପଖଣ୍ଡ ଅଧୀନ ଜନ୍ମ ଓ କର୍ମଭୂମିରେ ୩ ନୂତନ ଟ୍ରେନ୍ ଚଳାଚଳର ଶୁଭାରମ୍ଭ ସାଙ୍ଗକୁ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର, ବାଦାମପାହାଡ଼ ଅମୃତ ରେଲଷ୍ଟେଶନ ଓ ରାଇରଙ୍ଗପୁର ଡାକଘରର ଶୁଭ ଉଦ୍‌ଘାଟନ କରିଛନ୍ତି। ଶେଷରେ ସାଲିମାର-ବାଦାମପାହାଡ଼ ନୂତନ ଟ୍ରେନ୍‌ରେ ଯାତ୍ରାକରି ରାଇରଙ୍ଗପୁରକୁ ଫେରିଥିଲେ।

ମଙ୍ଗଳବାର ସକାଳ ୮ଟା ୧୫ରେ ରାଷ୍ଟ୍ରପତି ରାଇରଙ୍ଗପୁରସ୍ଥିତ ବାସଭବନରୁ ବାହାରି ଶାଶୁଘର ଗାଁ ପାହାଡ଼ପୁରକୁ ଯାଇଥିଲେ। ସେଠାରେ ଦିବଂଗତ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରୟାସ ଟ୍ରଷ୍ଟର ସହଯୋଗରେ ଏଲ୍ ଆଣ୍ଡ ଟି କମ୍ପାନୀ ଦ୍ୱାରା ନବନିର୍ମିତ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ଦ୍ୱାରା ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ 'ସହଯୋଗୀ ବାହାନ' ଭ୍ୟାନ୍‌ର ଶୁଭ ଉଦ୍‌ଘାଟନ କରି ଟ୍ରଷ୍ଟ ସଭାପତି ମୀନା ସୁବ୍ରମନ୍ୟମଙ୍କ ଦ୍ୱାରା ବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ। ରାଜ୍ୟପାଳ ରଘୁବର ଦାସ, ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସମେତ ରାଷ୍ଟ୍ରପତି ଭବନର ଅଧିକାରୀମାନେ ଉପସ୍ଥିତ ଥିଲେ। ସେଠାରୁ ବାହାରି ବାଦାମପାହାଡ଼ ରେଲଷ୍ଟେଶନରେ ପହଞ୍ଚି ୩ ନୂତନ ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଟାଟାନଗର-ବାଦାମପାହାଡ଼ ମେମୁ ଟ୍ରେନ୍, ବାଦାମପାହାଡ଼ -ରାଉରକେଲା ଏକ୍ସପ୍ରେସ, ସାଲିମାର-ବାଦାମପାହାଡ଼ ସାପ୍ତାହିକ ଟ୍ରେନ୍ ଓ ଅମୃତ ରେଲଷ୍ଟେଶନର ଉଦ୍‌ଘାଟନ କରିଥିଲେ। ପରେ ରାଇରଙ୍ଗପୁରରେ ଏକ ନୂତନ ଡାକଘର ଉଦ୍‌ଘାଟନ ସହ ଡାକ ବିଭାଗର ସ୍ୱତନ୍ତ୍ର ସ୍ମାରକୀ ଲଫାପା ଉନ୍ମୋଚନ କରିଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଖୁବ୍ ଶୀଘ୍ର ଆଉ ୪ ନୂଆ ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସବୁଜ ପତାକା ଦେଖାଇ ନୂତନ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରୁଛନ୍ତି।

# ଦନ୍ତାକୁ ମାରି ଦାନ୍ତ କାଢ଼ିନେଲେ

**ବାରିପଦା, ୨୧।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ କୋର୍ ଅଞ୍ଚଳରେ ଶିକାରୀମାନେ ବିଷବୋଳା ତୀର ବିଦ୍ଧ କରି ଏକ ଦନ୍ତାହାତୀକୁ ମାରିବା ପରେ ଏସିଡ୍ ଢାଳି ତା'ର ଦାନ୍ତ କାଢ଼ି ନେଇଛନ୍ତି। ବନବିଭାଗ ଏହି ଘଟଣା ଲୁଚାଇ ରଖି ମୃତଦେହ ବ୍ୟବଚ୍ଛେଦ କରି ପୋଡ଼ିଦେଇଛି। ଏନେଇ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଅଭୟାରଣ୍ୟର ସୁରକ୍ଷା ପାଇଁ ଜଏଣ୍ଟ ଟାସ୍କଫୋର୍ସ କାମ କରୁଥିବା ବେଳେ ହାତୀ ଶିକାରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭୟାରଣ୍ୟକୁ ଶିକାରୀମୁକ୍ତ କରିବା ପାଇଁ ବିଭାଗୀୟ ଯୋଜନା ଫେଲ୍ ମାରିଛି। ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ନ୍ୟାସନାଲ ପାର୍କ କବାଟଘାଇ ସେକ୍ସନ କାଣ୍ଡିହାର ବିଟ୍ ଅଞ୍ଚଳର ବକୁଆ ପାହାଡ଼ ନିକଟରେ ଏକ ଦନ୍ତାହାତୀର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନବିଭାଗ ମୃତଦେହ ଜବତ କରିଥିଲା। ୮ଦିନ ପୂର୍ବରୁ ଏହି ହାତୀ ଶିକାର କରାଯାଇଥିବା କୁହାଯାଉଛି। ଦୁର୍ଗାପୂଜା ଓ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଟାସ୍କଫୋର୍ସରେ ନିୟୋଜିତ ଥିବା ପୋଲିସ କର୍ମଚାରୀଙ୍କୁ ଫେରାଇ ନିଆଯିବା କାରଣରୁ ଦୀର୍ଘଦିନ ଧରି ମିଳିତ ପାଟ୍ରୋଲିଂ ବନ୍ଦ ରହିଛି। ଫଳରେ ଶିକାରୀମାନେ ସକ୍ରିୟ ହୋଇ ନିର୍ଭୟରେ ଜନ୍ତୁ ଶିକାର କରୁଛନ୍ତି। ଶିମିଳିପାଳ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଆପ୍‌ର ବ୍ୟବହାର କରାଯାଇ କର୍ମଚାରୀଙ୍କ ପାଟ୍ରୋଲିଂ ସମ୍ପର୍କରେ ସୂଚନା ମିଳୁଥିଲା। ମାତ୍ର ଶିକାରୀମାନେ ହାତୀ ଶିକାର କରି ଦାନ୍ତ କାଢ଼ିନେବା ପରେ ମଧ୍ୟ କର୍ମଚାରୀମାନେ ସୁରାକ ପାଇବାରେ ବିଫଳ ହୋଇଛନ୍ତି। ଏ ସଂକ୍ରାନ୍ତରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନିଙ୍କୁ ପଚାରିବାରୁ ୧୯ତାରିଖରେ କରଞ୍ଜିଆ ଡିଭିଜନ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ଦୁଇଟି ହାତୀଦାନ୍ତ ଜବତ ସହ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଉକ୍ତ ଦାନ୍ତ ଦୁଇଟି ମୃତ ହାତୀର ବୋଲି ଜଣାପଡ଼ିବା ପରେ ତଦନ୍ତରେ ଯାଇ ହାତୀର ମୃତଦେହ ପାଇଥିଲୁ। ମୃତଦେହ ବ୍ୟବଚ୍ଛେଦ ସହ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଓୟୁଏଟିକୁ ପଠାଯାଇଛି ବୋଲି ସେ କହିଛନ୍ତି। ତେବେ ମୁକୁଳା ପଡ଼ିଥିବା ଅଭୟାରଣ୍ୟର ସୁରକ୍ଷା ପ୍ରତି ବନବିଭାଗ ସଜାଗ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଚେତାବନୀ ଦେଇଛନ୍ତି।

## ଖଡ଼ଗପୁର ଡିଭିଜନରେ ଭିଡିଓ ୱାଲ୍/ଡିଜିଟାଲ ଡିସ୍‌ପ୍ଲେ ସ୍କ୍ରିନ୍ ମାଧ୍ୟମରେ ବ୍ୟବସାୟିକ ବିଜ୍ଞାପନ ପ୍ରଦର୍ଶନ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଏଡିଭିଟି-କେଜିପି-ଓଏସ୍‌ଡି-୦୬-୨୦୨୩ ତାରିଖ: ୨୦।୧୧।୨୦୨୩**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ **୧୫-ଷ୍ଟେଶନର ୨୫-ସ୍ଥାନରେ** (ଯଥା, ଏସ୍‌ଆର୍‌ସି-୩ଟି ସ୍ଥାନ, ଏସ୍‌ଏଚ୍‌ଏମ୍-୩ଟି ସ୍ଥାନ, ଡିଜିଏଚ୍‌ଏ-୩ଟି ସ୍ଥାନ, କେଜିପି-୩ଟି ସ୍ଥାନ, ଏମ୍‌ସିଏ-୨ଟି ସ୍ଥାନ, ଏମ୍‌ଡିଏନ୍-୨ଟି ସ୍ଥାନ, ପିକେୟୁ-୧ଟି ସ୍ଥାନ, ଜେଜିଏମ୍-୧ଟି ସ୍ଥାନ, ଜିଏମ୍‌ଡିଏନ୍-୧ଟି ସ୍ଥାନ, ଜିଟିଏସ୍-୧ଟି ସ୍ଥାନ, ବିଜେଡ୍‌ଏନ୍-୧ଟି ସ୍ଥାନ, ଆର୍‌ଏଚ୍‌ଇ-୧ଟି ସ୍ଥାନ, ୟୁଏଲ୍‌ବି-୧ଟି ସ୍ଥାନ, ଏସ୍‌ଓଆର୍‌ଓ-୧ଟି ସ୍ଥାନ, ଏଚ୍‌ଆଇଜେ-୧ଟି ସ୍ଥାନ) **ଭିଡିଓ ୱାଲ୍/ଡିଜିଟାଲ ଡିସ୍‌ପ୍ଲେ ସ୍କ୍ରିନ୍ ମାଧ୍ୟମରେ ବ୍ୟବସାୟିକ ବିଜ୍ଞାପନ ପ୍ରଦର୍ଶନ ନିମନ୍ତେ ତା୦୫।୧୨।୨୦୨୩ରିଖ ୧୧.୩୦ ଘଟିକାରେ** ବ୍ୟବସାୟିକ ବିଜ୍ଞାପନ ପ୍ରଦର୍ଶନ ଲାଗି ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ **https://www.ireps.gov.in**ରେ ଅଧିସୂଚିତ ହୋଇଛି । **ବର୍ଗ:** ବିଜ୍ଞାପନ । **କାଟାଲଗ୍ ନଂ.:** ଏଡିଭିଟି-କେଜିପି-ଓଏସ୍‌ଡି-୦୯ । **ନିଲାମ ତାରିଖ:** ୦୫।୧୨।୨୦୨୩ । **ନିଲାମ ଆରମ୍ଭ ସମୟ:** ୧୧.୩୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୬.୦୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ପର୍କରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ନିମନ୍ତେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ ୱେବ୍‌ସାଇଟ୍ ସହ ଯୋଗାଯୋଗ କରନ୍ତୁ ।

(PR-841) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर

ई—निविदा आमंत्रण सूचना
ई0—निविदा सूचना संख्या— E-RDSD/JSR/16/2023-24

1.कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पूर्वी सिंहभूम जिला के मानगो डिमना आदर्श नगर से गोकुलनगर के बीच जगन्नाथ लोहरा के घर के पास डिमना नाला पर पुल निर्माण। | रू0 2,90,83,400.00 | रू0 5,82,000.00 | रू0 10,000.00 | 18 माह |

2. वेबसाइट में निविदा प्रकाशन की तिथि — 05.12.2023
3. ई—निविदा प्राप्ति की तिथि एवं समय — दिनांक 05.12.20203 से दिनांक 12.12.2023 को अपराह्न 05:00 बजे तक।
4. ई—निविदा खोलने का स्थान — कार्यपालक अभियंता का कार्यालय, ग्रामीण विकास विशेश प्रमंडल, जमशेदपुर।
5. ई—निविदा खोलने की तिथि एवं समय — 14.12.2023 अपराह्न 02:00 बजे।
6. ई—निविदा आमंत्रित करने वाले पदाधिकारी का नाम एवं पता :— कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
7. ई—निविदा प्रकोष्ठ का दूरभाष सं0 — 7903003903
8. परिमाण विपत्र की राशि घट—बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई—भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
जमशेदपुर

PR311668 (Rural Development)23-24*D

यूनियन बैंक ऑफ इंडिया Union Bank of India
भारत सरकार का उपक्रम — A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସଂପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା /ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| ମାଲକାନଗିରି-୨ ଶାଖା / ଋଣଗ୍ରହୀତା: ଶ୍ରୀମତୀ ରାକ୍ଷୀ ହାଲଦାର, ସ୍ୱାମୀ: ମୃଣାଳ ହାଲଦାର, ସା: ଏମଭି-୧୧, ପୋ.: ପଞ୍ଚବଟି, ଜିଲ୍ଲା: ମାଲକାନଗିରି-୭୬୪୦୪୫ / ଗ୍ୟାରେଣ୍ଟିଦାତା: ଶ୍ରୀ ମୃଣାଳ ହାଲଦାର, ପିତା: ପ୍ରଫୁଲ୍ଲ ହାଲଦାର, ସା: ଏମଭି-୧୧, ପୋ.: ପଞ୍ଚବଟି, ଜିଲ୍ଲା: ମାଲକାନଗିରି-୭୬୪୦୪୫ | ୨୯.୦୧.୨୦୨୩ ସୁଦ୍ଧା ଟ.୧୭,୭୦,୨୩୬.୫୫ + ସେବାବଦ ସୁଧ ଏବଂ ଦେୟ | ୩୦.୦୫.୨୦୨୩ / ୧୭.୧୧.୨୦୨୩ | ଶ୍ରୀ ମୃଣାଳ ହାଲଦାରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୬୫/୧୨୦୪୦(ନୂତନ), ୩୬୫(ପୁରୁଣା), [illegible] |
| ମାଲକାନଗିରି-୨ ଶାଖା / ଋଣଗ୍ରହୀତା: ବିପ୍ର ମଣ୍ଡଳ, ପିତା: ରଞ୍ଜନ ମଣ୍ଡଳ, [illegible] | ୦୯.୦୮.୨୦୨୩ ସୁଦ୍ଧା ଟ.୧୧,୬୭,୩୭୫.୪୨ + ସେବାବଦ ସୁଧ ଏବଂ ଦେୟ | ୦୯.୦୮.୨୦୨୩ / ୧୭.୧୧.୨୦୨୩ | ଶ୍ରୀ ବିପ୍ର ମଣ୍ଡଳଙ୍କ ନାମରେ ଥିବା [illegible] |
| ମାଲକାନଗିରି (ତମସା) ଶାଖା / ଋଣଗ୍ରହୀତା: ସୁଜନ ସିଲ, ପିତା: କୃଷ୍ଣ ଚନ୍ଦ୍ର ସିଲ, [illegible] | ୧୧.୦୮.୨୦୨୩ ସୁଦ୍ଧା ଟ.୭,୪୬,୫୫୦.୭୨ + ସେବାବଦ ସୁଧ ଏବଂ ଦେୟ | ୧୧.୦୮.୨୦୨୩ / ୧୬.୧୧.୨୦୨୩ | [illegible] |

ସ୍ଥାନ: ରାୟଗଡ଼ା, ତାରିଖ: ୨୧.୧୧.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଆଜାଦୀ କା ଅମୃତ ମହୋତ୍ସବ — G20

## କର୍ମଚାରୀ ଭବିଷ୍ୟନିଧି ସଂଗଠନ

(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ୍, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

### ପ୍ରେସ୍ ବିଜ୍ଞପ୍ତି

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଡିସେମ୍ବର ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୧.୧୨.୨୦୨୩ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୧୨.୨୦୨୩ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

ସ୍ୱା - କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0273/23

## ସ୍ୱର୍ଣ୍ଣ ଅଳଙ୍କାର ନିଲାମ ବିଜ୍ଞପ୍ତି

ସାଧାରଣ ଜନତାଙ୍କୁ ସୂଚନା ଦିଆଯାଉଛି ଯେ DVARA KGFS ନିମ୍ନଲିଖିତ ଋଣଧାରୀଙ୍କ ଅଳଙ୍କାର 04.12.2023, 11 AM ରେ ନିଲାମ ହେବ । ଆଗ୍ରହୀ ବ୍ୟକ୍ତିମାନେ ନିଲାମରେ ଅଂଶଗ୍ରହଣ କରିପାରିବେ । DVARA KGFS ର ଭୁବନେଶ୍ୱର ZONAL କାର୍ଯ୍ୟାଳୟରେ ନିଲାମୀ ଅନୁଷ୍ଠିତ ହେବ । ନିଲାମୀ କରାଯାଉଥିବା ଅଳଙ୍କାରର ଋଣଧାରୀଙ୍କ ସୂଚୀ ନିମ୍ନରେ ଦିଆଯାଇଅଛି ।

୧. ଜାଡ଼ି ଗୌଡ଼, ସ୍ୱାମୀ-ଯୁଧିଷ୍ଠିର ଗୌଡ଼
୨. ଜୀ ସନ୍ତୋଷ, ପିତା-ଜୀ କ୍ରିଷ୍ଣମୂର୍ତ୍ତି
୩. ଭାସ୍କର ପ୍ରଧାନ, ପିତା-ଉଜଳ ପ୍ରଧାନ
୪. କାଳୁ ଚରଣ ସୁଅର, ପିତା-ଦଣ୍ଡପାଣି ସୁଅର
୫. ପ୍ରମୋଦ ନାଏକ, ପିତା-ନିରଞ୍ଜନ ନାଏକ
୬. ଗିତା ଗୌଡ଼, ସ୍ୱାମୀ-ସନ୍ତୋଷ ଗୌଡ଼
୭. ଗଙ୍ଗା ମହାରଣା, ପିତା-କୁଠାରୀ ମହାରଣା
୮.ବିପ୍ର ଚନ୍ଦ୍ର ମହାନ୍ତି, ପିତା-ଲକ୍ଷ୍ମଣ ମହାନ୍ତି
୯.ନିରଞ୍ଜନ ନାହାକ, ପିତା-ଗାଂଡୁ ନାହାକ
୧୦.ସନ୍ତୋଷ କୁମାର ବେହେରା, ପିତା-ସୁବାସ ବେହେରା
୧୧.ଶଙ୍କର ସ୍ୱାଇଁ, ପିତା-ଯୋଗି ସ୍ୱାଇଁ
୧୨. ସାଇବନି ଗୌଡ଼, ସ୍ୱାମୀ-ବାବୁ ଗୌଡ଼
୧୩.କାଳୁ ପ୍ରଧାନ, ପିତା-ନରସିଂହ ପ୍ରଧାନ
୧୪.ଯାଇ ଗୌଡ଼, ସ୍ୱାମୀ-ହରି ଗୌଡ଼
୧୫.କୋରା ଗୌଡ଼, ପିତା-ହରି ଗୌଡ଼
୧୬.ସାରଙ୍ଗ ପ୍ରଧାନ, ପିତା-ଗଦାଧର ପ୍ରଧାନ
୧୭. ମଞ୍ଜୁ ବେହେରା, ସ୍ୱାମୀ-କ୍ରିଷ୍ଣା ବେହେରା
୧୮.ମିଟୁ ଜେନା, ପିତା-ଶଙ୍କର ଜେନା
୧୯. ପ୍ରେମଲତା ବିଶୋଇ, ସ୍ୱାମୀ-ରାଜେନ୍ଦ୍ର ବିଶୋଇ
୨୦.ପ୍ରଫୁଲ୍ଲ କୁମାର ବିଶୋଇ, ପିତା-ରଞ୍ଜନ ବିଶୋଇ
୨୧.ସୁଷମା ନାୟକ, ସ୍ୱାମୀ-ସନ୍ତୋଷ ନାୟକ
୨୨.ବିଜୟ ନାୟକ, ପିତା-ପୁନିଆ ନାୟକ
୨୩.ସୁଦର୍ଶନ ସେଠି, ପିତା-ଯାଗିଲି ସେଠି
୨୪.ପୁନି ସ୍ୱାଇଁ, ସ୍ୱାମୀ- ହରି ସ୍ୱାଇଁ
୨୫. ଅରୁଣ ସ୍ୱାଇଁ, ପିତା-ପର୍ଶୁରାମ ସ୍ୱାଇଁ
୨୬. ଭଗବାନ ସ୍ୱାଇଁ, ପିତା- ଦେବରାଜ ସ୍ୱାଇଁ
୨୭. ପି.କ୍ରୀଷ୍ଣବେଣି ପାତ୍ର, ସ୍ୱାମୀ-ପି ଭାଗିରଥୀ ପାତ୍ର
୨୮. ଧୋବା ତାରିଣୀ, ପିତା-ପଞ୍ଚୁ ତାରିଣୀ
୨୯. ନୀଳାମ୍ବର ନାୟକ, ପିତା-ରାଜବାବୁ ନାୟକ
୩୦. ରାମକୃଷ୍ଣ ମହାରଣା, ପିତା-ରଘୁନାଥ ମହାରଣା
୩୧. ପଡ଼ଣୀ ସଂଜୀବ ରେଡ୍‌ଡି, ପିତା-ପଡ଼ଣୀ ଶ୍ରୀରାମୁଲୁ ରେଡଡି
୩୨. ପୂର୍ଣ୍ଣଚନ୍ଦ୍ର ମହାରଣା, ପିତା-ପଦ୍ମ ଚରଣ ମହାରଣା
୩୩. କେ ପର୍ଶୁରାମ ରେଡଡି, ପିତା-କେ ନର୍ସିମୁଲୁ ରେଡଡି
୩୪. ବଟକ୍ରିଷ୍ଣ ସୁବୁଧି, ପିତା-କମରଜୁ ସୁବୁଧି

ସମ୍ପର୍କ: Dvara Kshetriya Gramin Financial Services Private Limited
1st Floor I MIG 64 I BHB Colony I Baramunda I
Bhubaneswar I Khordha I Odisha-751003 I 9348792477

## ଖଡ଼ଗପୁର ଡିଭିଜନରେ କଣ୍ଟ୍ରାକ୍ଟ ମେଡିକାଲ ପ୍ରାକ୍ଟିସନର (ସିଏମ୍‌ପି)ଙ୍କ ନିୟୋଜନ ପାଇଁ ୱାକ୍-ଇନ୍-ଇଣ୍ଟରଭ୍ୟୁ

**କର୍ମନିଯୁକ୍ତି ବିଜ୍ଞପ୍ତି ନଂ.: ୦୫/୨୩ (ଏମ୍‌ଇଡି.) ସିଏମ୍‌ପି-୨୦୨୩/କେଜିପି ତାରିଖ: ୧୭।୧୧।୨୦୨୩**

ସିନିୟର ଡିଭିଜନାଲ ପର୍ସୋନେଲ୍ ଅଫିସର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର, ଭାରତ ସରକାର ଚୁକ୍ତି ଭିତ୍ତିରେ **୦୭ (ସାତ)** [ଏସ୍‌ସି=୦୧, ଏସ୍‌ଟି=୦୧, ଓବିସି=୦୨ ଏବଂ ୟୁଆର୍=୦୩] ଜଣ କଣ୍ଟ୍ରାକ୍ଟ ମେଡିକାଲ ପ୍ରାକ୍ଟିସନର୍ **{୦୪ ଜିଡିଏମ୍‌ଓ ଏବଂ ୦୩ ସ୍ପେଶାଲିଷ୍ଟ (୦୧ ଆନାସ୍ଥେଟିଷ୍ଟ, ୦୧ ଓବ୍‌ଷ୍ଟେଟ୍ରିକ୍ସ ଏବଂ ଗାଇନୋକୋଲୋଜି ଏବଂ ୦୧ ଅର୍ଥୋପେଡିସିଆନ୍)}**ଙ୍କ ନିୟୋଜନ ଲାଗି ଏକ **"ୱାକ୍-ଇନ୍-ଇଣ୍ଟରଭ୍ୟୁ"** ସଞ୍ଚାଳନ କରିବେ । ସର୍ବମୋଟ ପାରିଶ୍ରମିକ ନିମ୍ନ ଅନୁଯାୟୀ ହେବ (i) ଜିଡିଏମ୍‌ଓ ପାଇଁ ୭୫,୦୦୦/-, (ii) ସମ୍ପୃକ୍ତ କ୍ଷେତ୍ରର ସ୍ପେଶାଲିଷ୍ଟ ଡାକ୍ତରଙ୍କ ପାଇଁ ମାସିକ ଟ.୯୫,୦୦୦/- (୧ମ ବର୍ଷ) ଏବଂ ମାସିକ ଟ.୧,୦୫,୦୦୦/- (୨ୟ ବର୍ଷ ପରଠାରୁ), କିନ୍ତୁ ଅବସରପ୍ରାପ୍ତ ସରକାରୀ ଡାକ୍ତର (ରେଳପଥ/କେନ୍ଦ୍ର/ରାଜ୍ୟ/ପିଏସ୍‌ୟୁ)ଙ୍କ ପାଇଁ ଏହି ସର୍ତ୍ତ ରହିଛି ଯେ ଅବସରପ୍ରାପ୍ତ ଡାକ୍ତରମାନେ ପାଉଥିବା ଚୁକ୍ତିମୂଳକ ପାରିଶ୍ରମିକ + ପେନ୍‌ସନ୍‌ର ପରିମାଣ ଅବସର ସମୟରେ ପାଉଥିବା ଶେଷ ବେତନରୁ ଅଧିକ ହେଉ ନ ଥିବ । ହେଲେ, ଏହି ସର୍ତ୍ତ ପିଏସ୍‌ୟୁଗୁଡ଼ିକର ଅବସରପ୍ରାପ୍ତ ଡାକ୍ତରମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । "ୱାକ୍-ଇନ୍-ଇଣ୍ଟରଭ୍ୟୁ" ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । **ୱାକ୍-ଇନ୍-ଇଣ୍ଟରଭ୍ୟୁର ତାରିଖ ଏବଂ ସମୟ:** ୦୬।୧୨।୨୦୨୩ (ବୁଧବାର) ୧୧.୦୦ ଘଟିକା ପରଠାରୁ । **ସ୍ଥାନ:** ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର (ଅଡିଟୋରିୟମ)ଙ୍କ କାର୍ଯ୍ୟାଳୟ । ଅଧିସୂଚନା ସମ୍ବନ୍ଧୀୟ ସବିଶେଷ ନିୟମ ଓ ସର୍ତ୍ତାବଳୀ, ଦରଖାସ୍ତ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ ପ୍ରାର୍ଥୀମାନେ ଆମର ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରିପାରନ୍ତି **(ଡିଭିଜନ > ଖଡ଼ଗପୁର > ଡିପାର୍ଟମେଣ୍ଟ > ପର୍ସୋନେଲ୍ > ନୋଟିଫିକେସନ୍ ଆଣ୍ଡ ଅପ୍‌ଡେଟ୍ସକୁ ଯାଆନ୍ତୁ)** । ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କିମ୍ବା ବାତିଲକରଣ, ଯଦି ଥାଏ, ତେବେ ତାହାକୁ କେବଳ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଦୟାକରି ନିୟମିତ ଭାବେ ଆମ ୱେବ୍‌ସାଇଟ୍ ଉପରେ ନଜର ରଖନ୍ତୁ ।

(PR-834) ସିନିୟର ଡିଭିଜନାଲ ପର୍ସୋନେଲ୍ ଅଫିସର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**୩ ବାଲି ଓ ମୋରାମ ବୋଝେଇ ଡମ୍ଫର ଜବତ**

ବାଲିଆପାଳ, (ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ତହସିଲଦାର ଜନକ ନାୟକ ମଙ୍ଗଳବାର ଜାମଶୁଳି ଇଙ୍ଗଳେଶ୍ୱର ରାସ୍ତାରେ ଚଢ଼ାଉ କରି ୩ ଡମ୍ଫର ଜବତ କରି ୯୮ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଗୋଟିଏ ବାଲି ବୋଝେଇ ଡମ୍ଫରଠାରୁ ୬୫, ୯୬୧ ଟଙ୍କା ଆଦାୟ ହୋଇଥିବା ବେଳେ ଅନ୍ୟ ଏକ ମୋରାମ ବୋଝେଇ ଡମ୍ଫରଠାରୁ ୩୨,୧୯୧ ଟଙ୍କା ଆଦାୟ ହୋଇଛି। ଅନ୍ୟ ବାଲି ଡମ୍ଫର ହେପାଜତରେ ଅଟକ ରହିଛି। ଜଳେଶ୍ୱରପୁର ରାଜସ୍ୱ ନିରୀକ୍ଷକ ନଟରଞ୍ଜନ ଦତ୍ତ ଓ ମଧୁପୁରା ରାଜସ୍ୱ ନିରୀକ୍ଷକ କାଳୀଚରଣ ମାଝିଙ୍କ ସହିତ ବାଲିଆପାଳ ରାଜସ୍ୱ ପରିଦର୍ଶକ ଯତିନ ପାତ୍ର ଚଢ଼ାଉରେ ସାମିଲ ଥିଲେ।

**ସଂକ୍ଷେପରେ**

## ହାତୀ ଆକ୍ରମଣରେ ବାପା-ଝିଅ ଗୁରୁତର

କେନ୍ଦୁଝର,୨୧।୧୧(ନରେଶ ଚନ୍ଦ୍ର ପଜ୍ଜନାୟକ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଡ଼ ରେଞ୍ଜ ଅନ୍ତର୍ଗତ ତରମାକାନ୍ତ ପଞ୍ଚାୟତ ଜଳଡ଼ିହା ଗାଁ ନିକଟରେ ହାତୀ ଆକ୍ରମଣରେ ବାପ, ଝିଅ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟ ହେଲେ ଜଳଡ଼ିହା ଗାଁ ମାଙ୍କିଡ଼ସାହିର ପ୍ରଦୀପ ମୁଣ୍ଡା ଓ ଝିଅ ସସ୍ମିତା ମୁଣ୍ଡା(୮)। ସୂଚନା ଅନୁଯାୟୀ, ପ୍ରଦୀପ ଜମିରେ କାମ ସାରି ଝିଅ ସହ ପାଖ ନାଳରେ ଗାଧୋଇ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ରାସ୍ତାରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ପ୍ରଦୀପ ସାଇକେଲରୁ ଛିଟିକି ଦୂରକୁ ପଡ଼ିଯାଇଥିଲେ ଓ ଝିଅ ସସ୍ମିତା ସାଇକେଲ ସହିତ ପଡ଼ିଥିଲେ। ଦନ୍ତା ହାତୀଟି ସାଇକେଲକୁ ଶୁଣ୍ଢରେ ଫୋପାଡ଼ି ଦେଇ ସସ୍ମିତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ପ୍ରଦୀପ ଚିତ୍କାର କରିବାରୁ ହାତୀଟି ପଳାଇଥିଲା। ହାତୀ ଆକ୍ରମଣରେ ସସ୍ମିତାଙ୍କ ଡାହାଣ ହାତ ଓ ଗୋଡ଼ ଭାଙ୍ଗି ଯାଇଛି। ଉଭୟଙ୍କୁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସସ୍ମିତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ବନ ବିଭାଗ କର୍ମଚାରୀ ଡାକ୍ତରଖାନାରେ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ। ଏସିଏଫ୍ ଅଶୋକ ଦାସ କହିଛନ୍ତି, ଘଟଣା ସମ୍ପର୍କରେ ବୁଝିକି କହିବେ।

## ଲଙ୍ଗଳେଶ୍ୱର ମନ୍ଦିରରୁ ଚୋରି

ଲଙ୍ଗଳେଶ୍ୱର, ୨୧।୧୧(କମଳାକାନ୍ତ ଦାସ): ସିଂଲା ଥାନା ଅଧୀନ ଲଙ୍ଗଳେଶ୍ୱର ଗ୍ରାମରେ ଥିବା ହରପାର୍ବତୀ ଏବଂ କାଳିକା ମନ୍ଦିରରୁ ବିଳମ୍ବିତ ରାତିରେ ଚୋରି ହୋଇଛି। ମନ୍ଦିର ତାଲା ଭାଙ୍ଗି ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ମନ୍ଦିର ପୂଜକ ଅଭିଯୋଗ କରିଛନ୍ତି। ସୋମବାର ରାତିରେ ଆଳତି ସାରି ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ମନ୍ଦିରକୁ ଦର୍ଶନ କରିବାକୁ ଆସି ତାଲା ଭାଙ୍ଗି ତଳେ ପଡିଥିବା ଦେଖି ମନ୍ଦିର ପୂଜକଙ୍କୁ ଖବର ଦେଇଥିଲେ। ପୂଜକ ପହଞ୍ଚି ଦୁଇଟି ମନ୍ଦିରରୁ ସମସ୍ତ ସୁନା ଅଳଙ୍କାର ଲୁଟ୍ ହୋଇଥିବା ଦେଖି ସଙ୍ଗେ ସଙ୍ଗେ ସିଂଲା ଥାନା ପୋଲିସକୁ ଖବର ଦେଇଥିଲେ। ସିଂଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରକାଶଥାଉ କି, ନିମପଦା ମାର୍କେଟରେ ଥିବା ଏକ ଗ୍ରୋସେରି ଦୋକାନରୁ ଚୋରି ହୋଇଥିଲା।

## ଗୋମାତାଙ୍କୁ ପୂଜା କଲେ ମହିଳା

ବନ୍ତ,୨୧।୧୧(ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମରେ ମହିଳାମାନେ ଗୋଷ୍ଠାଷ୍ଟମୀ ପାଳନ ଅବସରରେ ଗୋମାତାକୁ ପୂଜା କରିଛନ୍ତି। ବାବା ମଣିକେଶ୍ୱର ମନ୍ଦିର ସମ୍ମୁଖରେ ପଣ୍ଡିତ ଜଗନ୍ନାଥ ପାଣିଗ୍ରାହୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ବିଶ୍ୱନାଥ ଦାସ ସଂକଳ୍ପ କରିଥିଲେ। ମହିଳା ଗୋମାତାଙ୍କୁ ବନ୍ଦାପନା କରିବା ସହ ଖାଇବାକୁ ଦେଇଥିଲେ। ବିପିନ ବେହେରା, ଚନ୍ଦ୍ରମଣି ବେହେରା, ଭାଗବତ ପଲେଇ, ଭାଗୀରଥି ଦାସ, ଗଜେନ୍ଦ୍ର ଘିଆ, ଉମାକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ପଲେଇ, ଆଇନଜୀବୀ ବିଷ୍ଣୁ ମୁଦୁଲି, ସୁବ୍ରତ ବେହେରା, ଶତ୍ରୁଘ୍ନ ବେହେରା, ତନ୍ମୟ ବେହେରା ଓ ସୁବାଶିଷ ବେହେରା ସହଯୋଗ କରିଥିଲେ।

# କଲେଜ ସମସ୍ୟା ନେଇ ରାସ୍ତାରେ ଛାତ୍ରୀଛାତ୍ର



କେନ୍ଦୁଝର,୨୧।୧୧(ନରେଶ ଚନ୍ଦ୍ର ପଜ୍ଜନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ପାଟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟା ନେଇ ରାସ୍ତାରୋକୋ କରିଛନ୍ତି। ପୂର୍ବରୁ ଅକ୍ଟୋବର ୧୨ରେ ଯୁକ୍ତ ଅଭିଯୋଗ ଶୁଣାଣିରେ ଛାତ୍ରୀଛାତ୍ର କଲେଜ ସମସ୍ୟା ନେଇ ଜଣାଇଥିଲେ। ମାତ୍ର ସମାଧାନ ନ ହେବାରୁ କଲେଜ ଗେଟରେ ତାଲା ପକାଇ ମହାବିଦ୍ୟାଳୟ ସମ୍ମୁଖ ଶୁଆକାଟୀ-ବାଂଶପାଳ ରାସ୍ତାରେ ଶତାଧିକ ଛାତ୍ରୀଛାତ୍ର ବସି ପ୍ରତିବାଦ କରିଥିଲେ। ଫଳରେ ସକାଳ ୭ ରୁ ୧୧ ପର୍ଯ୍ୟନ୍ତ ଯାତାୟାତ ଠପ୍‌ହେବା ସହ ଲୁହାପଥର ପରିବହନ ବାଧାପ୍ରାପ୍ତ ହୋଇଥିଲା।

ଅଭିଯୋଗ ମୁତାବକ, ଆଡ୍‌ମିଶନ ପାଇଁ ମାତ୍ରାଧିକ ଫି ନିଆଯାଉଥିବାବେଳେ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ସୁଯୋଗ ମିଳୁନାହିଁ। ଅବ୍ୟବସ୍ଥାରେ ଯୁକ୍ତ ୩ ଶ୍ରେଣୀରେ ପାଠପଢ଼ା ହେଉଛି। ବିଶେଷକରି ଶ୍ରେଣୀଗୃହ ସମସ୍ୟା, ଛାତ୍ରୀଛାତ୍ରଙ୍କୁ ଆଇ କାର୍ଡ ମିଳି ନ ଥିବା ବେଳେ କଲେଜରେ ପାନୀୟ ଜଳ, ଶୌଚାଳୟ ସୁବିଧା ନାହିଁ। ଲାଇବ୍ରେରିରେ ପାଠ୍ୟପୁସ୍ତକ ମିଳୁନାହିଁ। ଅନୁସୂଚିତ ଜନଜାତି ଓ ଜାତି ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଅପରାହ୍ଣରେ ସ୍ୱତନ୍ତ୍ର ଅଧିକାରୀ ତଥା ଭାରପ୍ରାପ୍ତ ଅଧକ୍ଷ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳଙ୍କ ସହ ଆନ୍ଦୋଳନରତ ଛାତ୍ରୀଛାତ୍ରମାନଙ୍କ ପ୍ରତିନିଧିମାନେ ଆଲୋଚନା କରିଥିଲେ। ଆଲୋଚନାରେ ଯୁବ ବିଜେଡି ରାଜ୍ୟ ଉପ

**ପାଟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ**

■ ଯୁକ୍ତ ୨ ଫର୍ମ ଫିଲ୍‌ଅପ୍ ହୋଇପାରିଲାନି

ସଭାପତି ସୌମ୍ୟଶଙ୍କର ଚକ୍ର, ୨୫ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ବାରିକ ଉପସ୍ଥିତ ଥିଲେ। କଲେଜରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ପକ୍ଷରୁ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷେ ଗେଟ୍‌ରେ ତାଲା ପକାଇଯାଇଥିବାରୁ ଛାତ୍ରୀଛାତ୍ର, ଅଧ୍ୟାପକମାନେ ଭିତରକୁ ଯାଇ ନ ପାରିବାରୁ ଆଜିଠାରୁ ଆରମ୍ଭ ହୋଇଥିବା ଯୁକ୍ତ ୨ ପରୀକ୍ଷାର ଫର୍ମ ଫିଲ୍‌ଅପ୍ ବାଧାପ୍ରାପ୍ତ ହୋଇଥିଲା।

ସୂଚନାଯୋଗ୍ୟ, ଉକ୍ତ ଘରୋଇ ଡିଗ୍ରୀ କଲେଜଟି ନିଜସ୍ୱ ଘର ଓ ଜମି ନ ଥିବା ବେଳେ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଘରବାଡ଼ିରେ ଚାଲି ଆସୁଛି। ଏଣୁ ଡିଗ୍ରୀ କଲେଜକୁ ଅଲଗାକରି ସ୍ୱତନ୍ତ୍ର ଭିତ୍ତିଭୂମି ଯୋଗାଇଦିଆ ନ ଗଲେ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଢେଙ୍କିକୋଟ,୨୧।୧୧(ନୀଳମଣି ମଣ୍ଡଳ)

**ଢେଙ୍କିକୋଟ୍ କଲେଜ**

■ ଅଧ୍ୟକ୍ଷଙ୍କୁ ବହିଷ୍କାର ଦାବି

କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଢେଙ୍କିକୋଟଠାରେ ଥିବା ରିଜିଓନାଲ ଏସ୍‌ଏନ୍ କଲେଜ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ୨୨୦ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାଞ୍ଚି ବିଜୟୱାଡ଼ା ଯାଉଥିବା ଉକ୍ତ ରାସ୍ତାରେ ବହୁ ଯାତ୍ରୀବାହୀ ବସ୍ ସହ କାର୍, ବାଇକ୍ ଏବଂ ଭାରିଯାନ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଖବର ପାଇ ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ସୁରଥ ଚନ୍ଦ୍ର ହେମ୍ବ୍ରମ ସଦଳବଳ ପହଞ୍ଚି ବୁଝାସୁଝା କରିଥିଲେ। ପରେ ଘଟଗାଁ ଥାନା ଅଧିକାରୀ ଅଞ୍ଜନ ପାତ୍ର ଓ ତହସିଲଦାର ପହଞ୍ଚି ବୁଝାଇବା ପରେ ୨ ଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ମୁତାବକ, କଲେଜରେ +୨ କଳାରେ ମୋଟ ୨୫୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର କଲେଜରେ ଛାତ୍ରୀମାନଙ୍କ ନିମନ୍ତେ ଶୌଚାଳୟ, ପାନୀୟ ଜଳ ଏବଂ ସେମାନଙ୍କ ନିମନ୍ତେ ଆବଶ୍ୟକ କମନ ରୁମ୍ ନାହିଁ। କଲେଜ ପରିସର ଖୋଲା ଥିବାରୁ ଗୋରୁ, ଅସାମାଜିକ ଯୁବକଙ୍କ ଅବାଧ ପ୍ରବେଶ ବଢ଼ୁଛି। ଅନୁଷ୍ଠାନ ସମ୍ପର୍କରେ କଲେଜ ଅଧ୍ୟକ୍ଷଙ୍କୁ ଲିଖିତ ଏବଂ ମୌଖିକ ଅଭିଯୋଗ କରିବାରୁ ସେ ଛାତ୍ରୀଛାତ୍ରମାନଙ୍କୁ ଧମକଚମକ ଦେଉଛନ୍ତି। କଲେଜରେ ନାମ ଲେଖାଇବା, ଫର୍ମ ପୂରଣ ନିମନ୍ତେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ୩ ଗୁଣ ଆଦାୟ, ସ୍କଲାରସିପ ନ ମିଳିବା, କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନ ଖୋଲିବା। ମାତ୍ର ଛାତ୍ରୀନିବାସ ମରାମତି ନିମନ୍ତେ ବର୍ଷକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। କଲେଜକୁ ପ୍ରତ୍ୟହ ଅଧ୍ୟାପିକା, ଅଧ୍ୟାପକମାନେ ନ ଆସିବା। କୋର୍ସ ନ ସରିବା, ଏସ୍‌ସି ଏସ୍‌ଟି ଛାତ୍ରୀଛାତ୍ରଙ୍କଠାରୁ ବର୍ଷକୁ ୩୬୦ ଟଙ୍କା ଟ୍ୟୁସନ ଫି ନେବା ଭଳି ଅଭିଯୋଗ ହୋଇଛି। ଏଥିସହ କଲେଜ ଅଧକ୍ଷ ମୀନକେତନ ଗିରିଙ୍କ ସହ ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକଙ୍କ ତାଳମେଳ ନ ରହୁଥିବାରୁ ଅଧକ୍ଷଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଘଟଗାଁ ତହସିଲଦାର ଶରତ ଚନ୍ଦ୍ର ଗିରି ଓ ଘଟଗାଁ ଆଇଆଇସି ଅଞ୍ଜନ ପାତ୍ରଙ୍କ ଉପସ୍ଥିତିରେ ୧ ମାସ ମଧ୍ୟରେ ଏସବୁ ସମାଧାନ କରିବାକୁ ଅଧକ୍ଷ ମୀନକେତନ ଗିରି ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ଦାବିପତ୍ର ତହସିଲଦାରଙ୍କୁ ଲିଖିତ ଭାବେ ପ୍ରଦାନ କରିଥିଲେ।

## ପ୍ରତିଭା ବିକାଶର ପ୍ରକୃଷ୍ଟ ମାଧ୍ୟମ ଆଇୱାଇଡିପି

ବାଲେଶ୍ୱର, ୨୧।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ପରିସରରେ ଇଣ୍ଟିଗ୍ରେଟେଡ୍ ୟୁଥ୍ ଡେଭଲପମେଣ୍ଟ ପ୍ରୋଗ୍ରାମ (ଆଇୱାଇଡିପି) କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ହାଇସ୍କୁଲ ଓ କଲେଜ ଛାତ୍ରୀଙ୍କ ପ୍ରତିଭାର ବିକାଶ ନିମନ୍ତେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ବିଶେଷ କରି କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରରେ ଛାତ୍ରୀମାନେ ଆଗକୁ ବଢ଼ିବାରେ ଏହା ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।

ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟ ଅଧକ୍ଷା ଡ. ସୁବ୍ରତା ଦେବାଙ୍ଗନା ସଭାପତିତ୍ୱ କରି ଅଧିକରୁ ଅଧିକ ସଂଖ୍ୟକ ଛାତ୍ରୀ ଏହି ଯୁବ ବିକାଶ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ।



କାର୍ଯ୍ୟକ୍ରମକୁ ବିଧାୟକ ସ୍ୱରୂପ କୁମାର ଦାସ ଉଦ୍‌ଘାଟନ କରୁଛନ୍ତି।

ଝିଅମାନେ ପାଠ ପଢ଼ିବା ସହ ନିଜ ଭିତରେ ଥିବା କଳାକୁ ପରିପ୍ରକାଶ କରିବା ପାଇଁ ଏଥିରେ ଭାଗ ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ (କେକେଏସ୍) ଏବଂ କୁନ୍ତଳା କୁମାରୀ ସାବତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଭାଗ ନେଇଥିଲେ। ଏହି ସମ୍ମିଳିତ ଯୁବ ବିକାଶ କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ୨ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ଓ ସାରସ୍ୱତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଧ୍ୟାପକ ଡ. ପ୍ରଦୋଷ କୁମାର ଜେନା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପାତ୍ର, ଅଧ୍ୟାପିକା ଡ. ଝାନ୍‌ସୀ ଜେନାଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ପରିଚାଳନରେ ସହଯୋଗ କରିଥିଲେ।

## କମଳାକାନ୍ତ ଆଇୱାଇଡିପିର ଭଦ୍ରକ ନୋଡାଲ ଅଫିସର

ଭଦ୍ରକ,୨୧।୧୧(ସନାତନ ରାଉତ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ତଥା ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ଡ. କମଳାକାନ୍ତ ଜେନାଙ୍କୁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ଆଇୱାଇଡିପି)ର ଭଦ୍ରକ ଜିଲା ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗର ତା ୨୦।୧୧।୨୦୨୩ ରିଖ ପତ୍ରସଂଖ୍ୟା ୫୦୫୯୩/ଏଚ୍.ଇ. ଅନୁଯାୟୀ କ୍ରୀଡ଼ା ଓ ଯୁବସେବା ବିଭାଗର ନୂଆ-ଓଡ଼ିଶା ନୋଡାଲ ଅଫିସର ନିଯୁକ୍ତି ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ଯୁବ ରେଡ୍‌କ୍ରସ୍‌ର ଜିଲା ସଂଯୋଜକ ଏବଂ ଓଡ଼ିଶା ସରକାରଙ୍କର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଭଦ୍ରକ ଜିଲା ପାଇଁ ବିଜ୍ଞାନ ଏକାଡେମୀର ବିଶେଷଜ୍ଞ ଭାବେ କାର୍ଯ୍ୟ ତୁଲାଉଛନ୍ତି।

## ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି।

ବାସୁଦେବପୁର,୨୧।୧୧(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରୋଡ୍ କାଳୀ ପଡ଼ିଆରେ ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ୩ ଦିନ ବ୍ୟାପୀ ଚାଲିଥିବା ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ କଳାତ୍ମକ ପ୍ରତିଭାର ବିକାଶ ଘଟିଲେ ଆମ ସଂସ୍କୃତିର ଗୌରବ ବଢ଼ିବା ସହ ପ୍ରତିଭାର ପୂର୍ଣ୍ଣ ବିକାଶ ହୋଇପାରନ୍ତା ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ଶିକ୍ଷାବିତ୍ ଦୁଶାସନ ରାଉତ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ପ୍ରଶାନ୍ତ ନାୟକ, ସୁଶେଷ ରଞ୍ଜନ ବାରିକ୍, କାଉନସିଲର ମଧୁସ୍ମିତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଯାତ୍ରା କଳାକାର ଦାମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ମମତା ଜେନା ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ବେହେରା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ।

## ପ୍ରଶାସନିକ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

ଯୋଡ଼ା,୨୧।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ନୂଆଁ ଗାଁ ଜେଏସ୍‌ଡବ୍ଲ୍ୟୁ ଖଣି ଗେଟ୍ ସମ୍ମୁଖରେ ଗତ ୧୦ ତାରିଖରୁ ଦିଆଯାଇଥିବା ଧାରଣା ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। ଖଣି ପ୍ରଭାବିତଙ୍କୁ ଅଣଦେଖା ଓ ସ୍ଥାନୀୟ ଟ୍ରକ୍‌କୁ ଲୋଡିଂ ନ ଦେବା ଆଦି ଦାବିରେ ଟ୍ରକ୍ ମାଲିକ ସଂଘ ଓ ସ୍ଥାନୀୟ ପଞ୍ଚାୟତବାସୀ ଧାରଣାରେ ବସିଥିଲେ।

ଗୁଆଲି ମା' ତାରିଣୀ ଟ୍ରକ୍ ମାଲିକ ସଂଘ ସଭାପତି କୁଶ ଆପଟ୍ଟ ଓ ଯୋଡ଼ା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକ କହିଛନ୍ତି, ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ଜିଲା ବଣେଇ ଏସ୍‌ଡିପିଓ,

**ସ୍ୱାଭାବିକ ହେଲା ଜେଏସ୍‌ଡବ୍ଲ୍ୟୁ ଖଣି**

ବଡ଼ବିଲ ଏସ୍‌ଡିପିଓ, କୋଇଡ଼ା ଆଇଆଇସିଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ପୂର୍ବତନ ଗୁଆଲି ସରପଞ୍ଚ ଡବର ମୁଣ୍ଡା, ଦଶରଥ ବାରିକ ପ୍ରମୁଖଙ୍କ ସହିତ କମ୍ପାନୀ ଅଧିକାରୀମାନେ ଆଲୋଚନା କରିଥିଲେ। ସୋମବାର ସନ୍ଧ୍ୟାରେ ୫ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଏହି ଆଲୋଚନା ଜାରି ରହିଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଉପସ୍ଥାପନ ହୋଇଥିବା ବହୁ ଦାବି ଗୁଡ଼ିକୁ କମ୍ପାନୀ କର୍ତ୍ତୃପକ୍ଷ ମାନି ନେଇଥିବା ବେଳେ କିଛି ଦାବିପୂରଣ ପାଇଁ ୭ ଦିନ ସମୟ ନେଇଥିବା ଆପଟ୍ଟ ପ୍ରକାଶ କରିଛନ୍ତି। ପୋଲିସ ପ୍ରଶାସନର ତତ୍ପରତା ଯୋଗୁ ଗ୍ରାମବାସୀଙ୍କ ଦାବି ଗୁଡ଼ିକ ପୂରଣ ହୋଇ ପାରିଛି ବୋଲି ସେ କହିଥିଲେ।

## ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

ଖଇରା, ୨୧।୧୧(ଉତ୍କଳବନ୍ଧୁ ପଣ୍ଡା): ପୁରୀର ଅନ୍ତର୍ଜାତୀୟ ଜଗନ୍ନାଥ ଚାରଣ ଗୋଷ୍ଠୀ ଅନୁବନ୍ଧିତ ପତିରାଜପୁର ଶାଖା ଦ୍ୱାରା ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକର ୨ଟି ମହାବିଦ୍ୟାଳୟ ଓ ୧୭ଟି ଉଚ୍ଚ ବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା-୨୦୨୩ ସମ୍ପୂର୍ଣ୍ଣ ହୋଇଯାଇଛି। ଏଥିରେ ମୋଟ ୧୦୪୭ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଚାରଣ ଗୋଷ୍ଠୀର ସଦସ୍ୟମାନେ ଏହି ପରୀକ୍ଷା ପରିଚାଳନା କରିଥିଲେ। ଓଡିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ସଚେତନ କରାଇବା ତଥା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ଛାତ୍ର ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଚାରଣଗୋଷ୍ଠୀର ଲକ୍ଷ୍ୟ ବୋଲି ସଭ୍ୟ ବୁଦ୍ଧିରାମ ପାଣିଗ୍ରାହୀ କହିଛନ୍ତି।

**ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର**

## ୭୮୬ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଲେଶ୍ୱର, ୨୧।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଶ୍ରୀଜଙ୍ଗସ୍ଥିତ ଦାସ ମହାପାତ୍ର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରେମୁଣା ସ୍ୱାଭିମାନ ମଞ୍ଚ ତରଫରୁ ଏକ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଶ୍ରୀମାଧବ ସେଠୀଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ୭୮୬ଜଣରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା।

ଶିବିରକୁ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଭାଜପା ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଶୋଭନା ମହାନ୍ତି, ଜିତେନ୍ଦ୍ର ବେହେରା, ରମେଶ ଜେନା, ହେମନ୍ତ ଦାସ, ହରେନ୍ଦ୍ର ମଣ୍ଡଳ, ବିକାଶ ପାଢ଼ୀ, କୃଷ୍ଣ ଚନ୍ଦ୍ର ସାହା, ଅରିଜିତ ପ୍ରଧାନ, ରାଜେନ୍ଦ୍ର ଦାସ, ଉମ୍ବରୁଧର ମହାପାତ୍ର, ନିତୁନ ସାହା, ଗୌରାଙ୍ଗ ସେଠୀ ପ୍ରମୁଖ ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ବିଶେଷଜ୍ଞ ଡା. ପ୍ରଭାତ ରଞ୍ଜନ ପ୍ରଧାନ, ଡା. ପ୍ରଭାକର ରଥ, ଡା. କ୍ରିଷ୍ଣାସୁନ୍ଦରୀ ରାଉଳ, ଡା. ଯଯାତି କେଶରୀ ଦାସ, ଡା. ବିଭୁପଦ ସାହୁ ରୋଗୀ ପରୀକ୍ଷଣ ସହ ଚିକିତ୍ସା ପରାମର୍ଶ ଦେଇଥିଲେ। ନକୁଳ ପରିଡ଼ା, ବିଭୂତି ସେନାପତି, ରଞ୍ଜନ ଦାସ, ମିଥୁନ ମଲ୍ଲିକ, କିରନ ମଲ୍ଲିକ, ଦିନେଶ ଜେନା, ମାନସ ମହାନ୍ତି, ଦେବେନ୍ଦ୍ର ମଲ୍ଲିକ, ପଦ୍ମଲୋଚନ ଗିରି, ଖଗେସ ଚନ୍ଦ୍ର ଦାସ, ରମେଶ ବିଶ୍ୱାଳ,ଗୋପାଳ ଚରଣ ଓ ଉପେନ୍ଦ୍ର ସିଂ ପ୍ରମୁଖ ପରିଚାଳନା କରିଥିଲେ।





ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅତିଥି, ଡାକ୍ତର ଓ ଆୟୋଜକ।

## ଦଶମୌଜା କେନାଲ ସ୍ଥିତି ବୁଲି ଦେଖିଲେ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ

ତିହିଡ଼ି,୨୧।୧୧(ସଞ୍ଜିତ ବଳ)

ସାଳନ୍ଦୀ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ଦଶମୌଜା କେନାଲ ଅବସ୍ଥା ବୁଲି ଦେଖିଛନ୍ତି। ଶେଷ ମୁଣ୍ଡରେ ସନ୍ଥପୁରା, ଇନ୍ଦିରା, ଆରୁହା, ସେନବାଡ଼ ଆଦି ଗ୍ରାମ ପାର୍ଶ୍ୱରେ କେନାଲ ବୁଲି ଦେଖି ଚାଷୀମାନଙ୍କ ସହ ସେ ଆଲୋଚନା କରିଥିଲେ। କେନାଲର ବିପର୍ଯ୍ୟସ୍ତ ସ୍ଥିତି ଦେଖି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଦଶମୌଜା କେନାଲ ସ୍ଥାନେ ସ୍ଥାନେ ପୋତି ହୋଇପଡ଼ିଛି। ତଳମୁଣ୍ଡ କେନାଲ ଏବେ ବିଲାତି ଦଳରେ ପରିପୂର୍ଣ୍ଣ ହୋଇଥିବା ଅଧିକ୍ଷଣ ଯନ୍ତ୍ରୀ ଦେଖିଥିଲେ। ଦୀର୍ଘ ୪୦ ବର୍ଷ ହେଲା ତଳମୁଣ୍ଡ କେନାଲର ୫ ଶହ ମିଟର ଖୋଳାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିବା ସହ ସେହି ସ୍ଥାନରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦେଖାଇ ଚାଷୀଙ୍କ ଜମିକୁ ପାଣିଯିବା କାଠିକର ପାଠ ହେଉଥିବା ସେମାନେ ଦର୍ଶାଇଥିଲେ। ମରୁଡ଼ି ସମୟରେ ଏହି ମୌଜାର ଚାଷୀମାନେ ନିଜ ଚାଷକୁ ବଞ୍ଚାଇବା ସମ୍ଭବ ହେଉ ନ ଥିବା ସେମାନେ କହିଥିଲେ। ଏହାର ପ୍ରତିକାର ପାଇଁ ସେମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ଜମିକୁ ପାଣି ଯାଉ ନାହିଁ, ହେଲେ ଚାଷୀକୁ ଜଳ କର ଦେବାକୁ ବାଧ କରାଯାଉଛି। ଚାଷୀମାନେ ସେମାନଙ୍କ ଖଜଣା ବାବଦକୁ ବାକି ରହିଥିବା ପ୍ରାପ୍ୟ ଦେବାରେ ଅସମର୍ଥ ଅଛନ୍ତି। ଚାଷୀମାନଙ୍କ ପକ୍ଷରୁ ତିହିଡ଼ି ବ୍ଲକରେ ହୋଇଥିବା ଜନଶୁଣାଣିରେ ଏହି ଜଳକର ଛାଡ଼ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଉଭୟ ଜଳସେଚନ ବିଭାଗ ଓ ତହସିଲଦାର ଘଟଣାର ଏକ ଯୁଗ୍ମ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଣୁ ଅଧୀକ୍ଷଣ ଯନ୍ତ୍ରୀ ଖୁବ୍‌ଶୀଘ୍ର ତାଙ୍କ ଅଧିକାରୀଙ୍କୁ ପଠାଇ ଏହାର ରିପୋର୍ଟ ଦେବେ ବୋଲି କହିଥିଲେ। ଚାଷୀମାନଙ୍କ ପକ୍ଷରୁ ମୀନକେତନ ସେନାପତି, ବୈକୁଣ୍ଠ ପାଣି, ସୁରେନ୍ଦ୍ର ସାହୁ, ସଦାନନ୍ଦ ତ୍ରିପାଠୀ, ଶ୍ରୀଧର ବାରିକ, ପରମାନନ୍ଦ ନାୟକ, କାଳନ୍ଦୀ ଲେଙ୍କା, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସାଳନ୍ଦୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ କେନାଲ ଦେଖିବା ବେଳେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ୭ ବାଲି ବୋଝେଇ ହାଇୱା ଜବତ

ହାଟଡ଼ିହୀ,୨୧।୧୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ପୋଲିସ ମଙ୍ଗଳବାର ମରେଇଗାଁ ନିକଟରେ ୭ ବାଲି ବୋଝେଇ ହାଇୱା ଜବତ କରିଛି। ହାଇୱାରେ ଗିରିଙ୍ଗା ବୈତରଣୀ ନଦୀ ଘାଟରୁ ବାଲି ଚାଲାଣ ହେଉଥିଲା। ପୋଲିସ ବାଲି ପରିବହନ ସମ୍ବନ୍ଧୀୟ କାଗଜପତ୍ର ଯାଞ୍ଚ ବେଳେ ୭ ଟି ଯାକ ହାଇୱାର ଡ୍ରାଇଭର ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ି ଗୁଡ଼ିକୁ ଜବତ କରିବା ସହ ପୃଥକ ୭ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ରବୀନ୍ଦ୍ର କୁମାର ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଘାଟଟି ହାଟଡ଼ିହୀ ତହସିଲ ତରଫରୁ ଲିଜ୍ ଦିଆଯାଇଛି।

### ଭାଜପା ନେତା ଅରୁଣ ବେଜଙ୍କ ପରଲୋକ

ରାଇବଣିଆ(ନବୀନ ସାହୁ)/ ଜଳେଶ୍ୱର(ରବିନାରାୟଣ ପାତ୍ର), ୨୧।୧୧



ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଅରୁଣ ବେଜ(୬୪)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ୨୦୦୯ରେ ବିଜେଡି ଓ ଭାଜପା ଅଲଗା ହେଲା ପରେ ସେ ହିଁ ଭାଜପାର ଆଗ ଧାଡ଼ିର ନେତା ଥିଲେ। ସେ ଜେଲବାଇର କେତେକ ବିକାଶ କାର୍ଯ୍ୟକ୍ରମରେ ଅଗ୍ରସର ହୋଇଥିଲେ। ପରେ ତାଙ୍କୁ ଜିକେଭଙ୍ଗର ମିଲବାଡ଼ିସ୍ଥିତ ବାସଭବନରୁ ଅରୁଣ ଭାଇ ଅମର ରହେ ନାରାରେ ଏକ ଶୋଭାଯାତ୍ରାରେ ପାର୍ଥିବ ଶରୀରକୁ ଆଣି ଭାଜପା କାର୍ଯ୍ୟାଳୟ ଓ ପରେ ଶ୍ରୀନାଥ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶାନ୍ତିଆସ୍ଥିତ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବେଜଙ୍କ ଅକସ୍ମାତ ବିୟୋଗରେ ସାରା ଜଳେଶ୍ୱର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କ ସମେତ ବହୁ ରାଜ୍ୟ ନେତୃତ୍ୱ ସାମାଜିକ ଗଣମାଧ୍ୟମରେ ଶୋକବ୍ୟକ୍ତ କରିବା ସହ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବାଲେଶ୍ୱର ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ସୁଶାନ୍ତ ପଟ୍ଟନାୟକ, ଶୋଭନା ମାହାନ୍ତି, ସୁଷମା ବିଶ୍ୱାଳ, ଶୁଭଙ୍କର ମହାପାତ୍ର, ସଦର ନେତା ମାନସ ଦତ୍ତ, ଗୌରାଙ୍ଗ ଦାସ, ଶାନ୍ତନୁ ପଟ୍ଟନାୟକ ଓ ଫାଲଗୁନୀ ପାଣିଗ୍ରାହୀ ଶେଷଦର୍ଶନ କରିଥିଲେ।

# ପାଟଣା ରେଞ୍ଜରେ ଅସୁସ୍ଥ ଛୁଆହାତୀ

ପାଟଣା,୨୧।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରି ସେକ୍ସନ ଡାବରଗୁଆ ଜଙ୍ଗଲରେ ମଙ୍ଗଳବାର ଅସୁସ୍ଥ ଛୁଆହାତୀ(୩ ମାସ) ବୁଲୁଛି। ଚିକିତ୍ସା ପାଇଁ କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ଏସିଏଫଓ ଜିତେନ୍ଦ୍ର ବେହେରାଙ୍କ ସହ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆର ୩ ପଶୁ ବିଶେଷଜ୍ଞ, ନନ୍ଦନକାନନର ଡାକ୍ତର ଓ ଟ୍ରାଙ୍କୁଲାଇଜ ଟିମ୍ ଓ ଡୁରୁମଙ୍ଗା ପୋଲିସ ପହଞ୍ଚି ଅପରେସନ ଆରମ୍ଭ କରିଥିଲେ। ମାତ୍ର ଛୁଆହାତୀକୁ ୧୧ ହାତୀ ଘେରି ରହିଥିବାରୁ ଟ୍ରାଙ୍କୁଲାଇଜ ହୋଇପାରୁନାହିଁ। ଫଳରେ ମଙ୍ଗଳବାର ମଧ୍ଧ ଛୁଆହାତୀର ଚିକିତ୍ସା ହୋଇପାରି ନ ଥିବା ଏସିଏଫଓ ସୂଚନା ଦେଇଛନ୍ତି।



ଡିଏଫ୍‌ଓ ଏଚ୍‌ଡି ଧନରାଜ ଓ ବନ କର୍ମଚାରୀ।

### ଟ୍ରାଙ୍କୁଲାଇଜ କରିବାରେ ପୁଣି ବିଫଳ

ସୂଚନାଯୋଗ୍ୟ, ଏକ ସପ୍ତାହ ହେବ ଏହି ୧୨ ଟିକିଆ ବଣୁଆ ହାତୀପଲରେ ଅସୁସ୍ଥ ଛୁଆହାତୀଟି ବୁଲୁଛି। ତାର ଡାହାଣ ପାର୍ଶ୍ୱ ଆଗ ଗୋଡ଼ରେ ଆଘାତ ଲାଗିଥିବାରୁ ଛୋଟେଇ ଚାଲୁଛି। ସଦର ରେଞ୍ଜ ମଇଦାନକେଲାରେ ବୁଲୁଥିବା ବେଳେ ଥର୍ମାଲ ଡ୍ରୋନ୍ କ୍ୟାମେରାରେ ବନ ବିଭାଗ ଜାଣିପାରିଥିଲା।

## ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ମହତାବ



ଭଦ୍ରକ, ୨୧।୧୧(ସନାତନ ରାଉତ)

ନବଓଡ଼ିଶାର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସାହିତ୍ୟିକ, ଲେଖକ, ସଫଳ ରାଜନେତା, ସାମ୍ବାଦିକ ଆଦି ବହୁ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ପାଇଁ ଆମ ଅଞ୍ଚଳ ଗର୍ବିତ ବୋଲି ତାଙ୍କ ଜୟନ୍ତୀ ଅବସରରେ ଭଦ୍ରକ ସାମରାଇପୁର ମହତାବନଗରସ୍ଥିତ ମଙ୍ଗଳା ମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ କମଳାକାନ୍ତ ସ୍ୱାଇଁଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରନ୍ଥକାର ଡ. ପ୍ରଫୁଲ୍ଲ କୁମାର ସାହୁ ଓ ଅନ୍ୟତମ ଅତିଥି ଭାବେ ଡ. ଅରବିନ୍ଦ ବସନ୍ତରାୟ, ଶରତ ଚନ୍ଦ୍ର ରାୟ, ଡା. ଅନୀଲ କୁମାର ଦାଶ ପ୍ରମୁଖ ଯୋଗଦେଇ ମହତାବଙ୍କ ଗୁଣାବଳୀ ଉପରେ ବକ୍ତବ୍ୟ ରଖିଥିଲେ। ସୁରମାଧବ ପାଣି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମନ୍ଦରଧର ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।

# ଉତ୍କଳ କରାଟେ ସ୍କୁଲର ସଫଳତା



ସଫଳତା ହାସଲ କରିଥିବା କରାଟେ ଛାତ୍ରୀଛାତ୍ର।

ବାଲେଶ୍ୱର, ୨୧।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ସେଣ୍ଟ୍ରାଲ ସ୍କୁଲ ଛକସ୍ଥିତ ଉତ୍କଳ କରାଟେ ସ୍କୁଲର ଛାତ୍ରୀଛାତ୍ର ଦିଲ୍ଲୀ ତାଲକୋଟରା ଇନଡୋର ଷ୍ଟାଡିୟମ୍‌ରେ ଆୟୋଜିତ ସର୍ବଭାରତୀୟ ସବ୍-ଜୁନିୟର ଏବଂ ଆନ୍ତଃ ଜୋନାଲ କରାଟେ ଚାମ୍ପିୟନଶିପ୍‌ରେ ସଫଳତା ହାସଲ କରିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଉଛି। ସର୍ବଭାରତୀୟସ୍ତରୀୟ ସବ୍-ଜୁନିୟର କରାଟେ ଚାମ୍ପିୟନଶିପ୍‌ରେ ଉତ୍କଳ କରାଟେ ସ୍କୁଲର ୬ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ସେଥିମଧ୍ୟରୁ ଉର୍ଜା ସାମନ୍ତ (୧୦)- ୩୫କେଜି ବର୍ଗରେ ଗୋଲ୍ଡ ମେଡ଼ାଲ, ଆନନ୍ଦି ଭଞ୍ଜ (୧୦) + ୩୫କେଜି ବର୍ଗରେ ଗୋଲ୍ଡ, ଅଭ୍ୟୁକ୍ତ ମିଶ୍ର (୯) + ୩୫କେଜି ବର୍ଗରେ ସିଲଭର ମେଡ଼ାଲ, ସାଇ କିରଣ ଆଚାର୍ଯ୍ୟ (୧୧) – ୩୫ କେଜି ବର୍ଗରେ ବ୍ରୋଞ୍ଜ ମେଡ଼ାଲ ପାଇଛନ୍ତି। ସେହିପରି ସର୍ବଭାରତୀୟ ଆନ୍ତଃଜୋନାଲ କରାଟେ ଚାମ୍ପିୟନଶିପ୍‌ରେ ଉକ୍ତ ସ୍କୁଲର ୩ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ତ୍ରିଲୋଚନ ରଣା (୧୬-୧୭ବର୍ଷ)-୫୦କେଜି ବର୍ଗରେ ଗୋଲ୍ଡ ମେଡ଼ାଲ ହାସଲ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କୋଚ୍ ଦେବେନ୍ଦ୍ର ରଣା ଓ ଲକ୍ଷ୍ମୀ ରଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ।

### ଫେରି କରିବାକୁ ଆସି ଚୋରି

ଗୋପବନ୍ଧୁ ନଗର,୨୧।୧୧ (ଶାନ୍ତନୁ କୁମାର ମଣ୍ଡୁଆଲ)

ଫେରି କରିବାକୁ ଆସି ଚୋରି କରୁଥିଲା ବେଳେ ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ଯୁବକ ଧରାପଡ଼ିଛନ୍ତି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା କୁଆମରା ଫାଣ୍ଡି ବାଲିଗଡ଼ିଆ ଗ୍ରାମରେ ମଙ୍ଗଳବାର ଏହି ଘଟଣା ଘଟିଛି। ଖବରପାଇ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ତାଙ୍କଠାରୁ ଏକ ବାଇକ ଜବତ ହୋଇଛି। ପଶ୍ଚିମବଙ୍ଗ ଅଞ୍ଚଳର ଯୁବକ ଜଣକ ବାଇକ ଯୋଗେ ଗାଁଗାଁ ବୁଲି କେଶ ବେପାର କରୁଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ବାଲିଗଡ଼ିଆ ଗ୍ରାମର ବିଦେଶୀ ସିଂଙ୍କ ଘରେ କେହି ନ ଥିବା ସୁଯୋଗରେ ସେ ତାଙ୍କ ଘର ଭିତରେ ପଶି କଂସା ବାସନ ନେଇ ପଳାଇ ଯାଉଥିଲେ। ଜଣେ ମହିଳା ଏହା ଦେଖି ପାଟି କରିବାରୁ ଗାଁ ଲୋକେ ପିଛା କରି ୨କି.ମି. ଦୂର ଗଙ୍ଗାହାର ନଦୀ ନିକଟରେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ସେ ଭୟରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ଆହତ ହୋଇଥିଲେ।

# 'ମଧୁର ମହକ' ଉନ୍ମୋଚିତ

ଭଣ୍ଡାରିପୋଖରୀ,୨୧।୧୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମହୁରୀରେ ସାମାଜିକ କର୍ମୀ, ପ୍ରକୃତିପ୍ରେମୀ ସ୍ୱର୍ଗତ ମଧୁସୂଦନ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ସ୍ମରଣିକା 'ମଧୁର ମହକ' ଉନ୍ମୋଚିତ ହୋଇଛି। ଏଥିସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସାହିତ୍ୟିକ ଓ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ମଧୁସୂଦନଙ୍କ ସରଳ ଜୀବନଚର୍ଯ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବଦ୍ରି ନାରାୟଣ ଧଳ, ପଞ୍ଚାନନ ରାଉତ, ପ୍ରବଚକ ପ୍ରବାଧ ନାୟକ, ହିମାଂଶୁ ମହାରାଜ, ଯାତ୍ରା ଅଭିନେତା ରଘୁନାଥ ପଣ୍ଡା, ବସନ୍ତ କୁମାର ସାହୁ, ଶିକ୍ଷାବିତ୍ ଡ. ପୁରୁଷୋତ୍ତମ ଧଳ, ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା, ସତ୍ୟବ୍ରତ ଦାସ, ନିରଞ୍ଜନ ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଯାତ୍ରା ଅଭିନେତା ବୈରାଗି ପଣ୍ଡା, ଶିକ୍ଷୟିତ୍ରୀ ମନୋଜ କୁମାର ଜେନା, ମମିତା ମହାନ୍ତି, କୃଷକ ରଞ୍ଜିତ ମାଝିଆ, ସମାଜସେବୀ ଦୀପକ ରାୟ ମହାପାତ୍ର, ଲକ୍ଷ୍ମୀଧର ସାହୁ ଓ ଶିକ୍ଷାବିତ୍ ଜଗନ୍ନାଥ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାସ୍କର ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ, ପ୍ରଭାତ କୁମାର ଜେନା ଅତିଥି ପରିଚୟ ଓ ସଞ୍ଜୟ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ୟୁକୋ ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ୟୁକୋ ବ୍ୟାଙ୍କ, ବିର୍ଲା ଟାୟାର ଶାଖାର ପ୍ରତିଷ୍ଠା ଦିବସ ଅବସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସରସ୍ୱତୀପୁର ଗ୍ରାମପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆମ୍ରି ହସ୍ପିଟାଲ ଭୁବନେଶ୍ୱରରୁ ମେଡିସିନ ସ୍ପେସିଆଲିଷ୍ଟ ଡ. ସୁଭାଷ ଚନ୍ଦ୍ର ପାଢୀ, ଡାଇଟିସିଆନ୍ ଶୀତଲ ମହାନ୍ତି, ଚୁମ୍‌କି ମଣ୍ଡଳ, ଅର୍ଘ୍ୟ ଘୋଷ, ନିହାର ରଞ୍ଜନ ରାଉତ ଓ ନିର୍ମଳ କୁମାର ପାତ୍ର ଅଂଶଗ୍ରହଣ କରିଥିଲେ। ୟୁକୋ ବ୍ୟାଙ୍କ, ବିର୍ଲା ଟାୟାର ଶାଖା ପରିଚାଳକ ମନୋଜ କୁମାର ମହାନ୍ତି ଏବଂ ଶାଖା ପରିଚାଳିକା ମଧୁସ୍ମିତା ବେହେରା ଉପସ୍ଥିତ ରହି ଶିବିରକୁ ତଦାରଖ କରିଥିଲେ। ବ୍ୟାଙ୍କର କର୍ମଚାରୀ ଅନାମ କୁମାର ହେମ୍ବ୍ରମ୍ ଏବଂ ଶରତ ଚନ୍ଦ୍ର ଦାସ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଜନସାଧାରଣଙ୍କ ମଧୁମେହ, ଉଚ୍ଚ ରକ୍ତଚାପ, ଇସିଜି ଆଦି ପରୀକ୍ଷା କରାଯିବା ସହିତ ଉତ୍ତମ ଏବଂ ସନ୍ତୁଳିତ ଆହାର ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସରସ୍ୱତୀପୁର ସରପଞ୍ଚ କୈଳାସ ଚନ୍ଦ୍ର ସ୍ୱାଇଁ ଏବଂ ଗ୍ରାମର ସଦସ୍ୟ ଚୈତନ୍ୟ ବାରିକ ବ୍ୟାଙ୍କର ଏହି ସେବାକୁ ପ୍ରଶଂସା କରିବା ସହିତ ଆମ୍ରି ହସ୍ପିଟାଲ ଭୁବନେଶ୍ୱରର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ବେପାରୀ ଗିରଫ

ଖୁଣ୍ଟା,୨୧।୧୧ (ଦେବରଞ୍ଜନ ବେହେରା)

ଖୁଣ୍ଟା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ମଦ ବେପାରୀଙ୍କୁ ଗିରଫ କରିବା ସମେତ ସ୍କୁଟି ଓ ୧୫ ଲିଟର ଚୋରା ମହୁଲି ମଦ ଜବତ କରିଛି। ଖୁଣ୍ଟା-ଉଦଳା ରାଜ୍ୟ ରାଜପଥର କନ୍ହେଇବନ୍ଧ ଛକ ଦେଇ ସୋମବାର ରାତିରେ ଏକ ସ୍କୁଟି ଯୋଗ ଚୋରା ଦେଶୀ ମହୁଲି ମଦ ଚାଲାଣ ହେଉଥିବା ବେଳେ ପାଟ୍ରୋଲିଂ କରୁଥିବା ଅବକାରୀ କର୍ମଚାରୀମାନେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଜଣକ ହେଲେ ଖୁଣ୍ଟା ଥାନା ସାନସାତଶୋଳ ଗ୍ରାମର ଯେମାଦାର ସିଂ। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି ।

# ସମବାୟ ସପ୍ତାହ ପାଳିତ




ହାଟଡ଼ିହୀ,୨୧।୧୧ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡଔଁର ସେବା ସମବାୟ ସମିତି ତରଫରୁ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ସୋମବାର ପାଳିତ ହୋଇଯାଇଛି। ପ୍ରଥମେ ବ୍ଲକ୍‌ରେ ବୁଲୁଥିବା ସମବାୟ ରଥକୁ ସ୍ୱାଗତ କରାଯାଇଥିଲା। ଏହି ରଥ ସମିତି ଅଧୀନ ୬ ପଞ୍ଚାୟତ ପରିକ୍ରମା କରିବ। ସମିତି ପରିସରରେ ଆୟୋଜିତ ବୈଠକରେ ସମିତି ସଭାପତି ଅକ୍ଷୟ ଧଳଙ୍କ ସଭାପତିତ୍ୱରେ ହାଟଡ଼ିହୀ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସଲିଳ ନାୟକ, ଆଇନଜୀବୀ ରଙ୍ଗାଧର ମଲ୍ଲିକ, ଏରିଆ ଅଫିସର କୈଳାସ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ନାୟକ, ବରିଷ୍ଠ ନାଗରିକ ଅଧିକାରୀ ନାୟକ, ଜିଲା ସମବାୟ ସମିତି ନିର୍ଦ୍ଦେଶକ ସୁରେନ୍ଦ୍ର କାଣ୍ଡି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସମ୍ପାଦକ ଉମାକାନ୍ତ ନାୟକ ବୈଠକ ପରିଚାଳନା କରିଥିଲେ। କିଶୋର ଜେନା, ରଞ୍ଜନ ପହି, ପର୍ଶୁରାମ ପରିଡ଼ା, ବିମଳ ପାତ୍ର, ଯୁଗଳ କିଶୋର ଦାସ, ରବୀନ୍ଦ୍ର ମଲ୍ଲିକ, ବିଦ୍ୟାଧର ଜେନା, ବେଣୁଧର ଜେନା, କାର୍ତ୍ତିକେଶ୍ୱର ଖଣ୍ଡେଇ, ଅଜୟ ଜେନା ପ୍ରମୁଖଙ୍କ ସମେତ ସମିତିର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଜଳିଗଲା ୬ ବଖରା

ତିହିଡ଼ି,୨୧।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ଅଚକ ସେଠୀସାହି ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୬ବଖରା ଘର ଜଳିଯାଇଛି। ଗ୍ରାମର ବସନ୍ତ ସେଠୀ, କାହ୍ନା ସେଠୀ ଓ କୈଳାସ ସେଠୀଙ୍କ ୨ ବଖରା ଲେଖାଏ ଜଳି ଯାଇଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ଏଥିରେ ୩ ପରିବାରର ଘରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ତିହିଡ଼ିରୁ ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ବ୍ୟାଙ୍କ ଅଫ୍ ବରୋଦା Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
ଭ୍ରମ ସଂଶୋଧନ
ଏତଦ୍ୱାରା ସମସ୍ତଙ୍କୁ ଜଣାଇଦିଆଯାଉଅଛି ଯେ ତା୦୧.୧୧.୨୦୨୩ ରିଖରେ ଦୈନିକ ଖବରକାଗଜ ଧରିତ୍ରୀରେ ପ୍ରକାଶିତ ଗାଡି ବିକ୍ରୟ ଇ-ନିଲାମ ବଜ୍ଞପ୍ତିରେ ପଟିଆ ଶାଖାର ଗାଡିର ନଂ.OD33AC5727 ପରିବର୍ତ୍ତେ OD33AC5723 ଏବଂ IFSC Code: BARB0DBPATIA ପରିବର୍ତ୍ତେ BARB0DBPTIA ପଢିବାକୁ ହେବ । ଏହା ବ୍ୟତୀତ ଅନ୍ୟାନ୍ୟ ସମସ୍ତ ବିଷୟ ଅପରିବର୍ତ୍ତିତ ରହିବ ।
ତାରିଖ:୨୧.୧୧.୨୦୨୩ ସ୍ୱ/-ଶାଖା ପରିଚାଳକ

# ଖେଳ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି କରେ

ଚମ୍ପୁଆ,୨୧।୧୧(ମହେଶ୍ୱର ଦାସ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚମ୍ପୁଆର ୩୯ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବରେ ଚମ୍ପୁଆ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଥାନା ଆଇଆଇସି ତ୍ରିନାଥ ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଉପସଭାପତି ସଦାନନ୍ଦ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୮୨ ଗୋଟି ପ୍ରତିଯୋଗିତାରେ ୮୭୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଖେଳ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି କରିବାର ପ୍ରମୁଖ ଉପାୟ। ତେଣୁ ଖେଳକୁ ଶୃଙ୍ଖଳିତ ଭାବେ ପ୍ରଦର୍ଶନ କରିବା ପ୍ରତିଯୋଗିର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିବା ବେଳେ ଖେଳ ଶିକ୍ଷକ ବସନ୍ତ ମହାନ୍ତ ଖେଳ ପରିଚାଳନା କରିଥିଲେ।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ

ବାଲେଶ୍ୱର, ୨୧।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ସପ୍ତାହବ୍ୟାପୀ ବିଶ୍ୱ ଐତିହ୍ୟ ଦିବସ ପାଳନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଆମ ଐତିହ୍ୟ ଗାଁଠାରୁ ଆରମ୍ଭ ହୋଇ ସହରପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହି କୀର୍ତ୍ତିରାଜିଗୁଡ଼ିକର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଆବଶ୍ୟକତା ରହିଛି। ସେଥିନେଇ ସଚେତନ ରହିବା ସହ ସଚେତନତା ସୃଷ୍ଟି ପାଇଁ ଚେଷ୍ଟା କରିବା ଓ ବିଭିନ୍ନ ପଦକ୍ଷେପ ନେବାର ଲକ୍ଷ୍ୟ ନେଇ ଏହି ସପ୍ତାହକୁ ସଫଳ ଭାବେ ପାଳନ କରାଯାଉ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ପ୍ରଥମ ଦିବସରେ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକମାନେ ନିକଟସ୍ଥ ମର୍ଦ୍ଦରାଜପୁର ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏଥିସହ ମିତ୍ରପୁର ହାଇସ୍କୁଲରେ ପଥପ୍ରାନ୍ତ ନାଟକ ପରିବେଷଣ ତଥା ନୂଆପାଢ଼ୀ, ଅଯୋଧ୍ୟା, ଦୁର୍ଗାଦେବୀ ଆଦି ଗ୍ରାମରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ଉକ୍ତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁଶାନ୍ତ ବାରିକ, ଡ. ଶିଖା ରାଓ, ଡ. ଜିନା ଓ ପ୍ରିୟଙ୍କା ଜେଠୀ ପ୍ରମୁଖ ଉପସ୍ଥିତ ହୋଇ ଏହି ଦିବସର ସ୍ୱାତନ୍ତ୍ର୍ୟ ଉଲ୍ଲେଖ କରିଥିଲେ।




ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଉଛି।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

## ବ୍ୟାଙ୍କ ଅଫ୍ ଇଣ୍ଡିଆ

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା /ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ରାଣୀହାଟ ଶାଖା /** **ଋଣଗ୍ରହୀତା: ମେସର୍ସ ଗୁରୁ ମହାରାଜ ଫିଲିଙ୍ଗ୍ ଷ୍ଟେସନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ତନ୍ମୟ ପଟ୍ଟନାୟକ, ଠିକଣା-୧:** ସା: କୋଟସାହି, ଟାଙ୍ଗି, ଜିଲ୍ଲା: କଟକ-୭୫୪୦୨୨, ଓଡ଼ିଶା, **ଠିକଣା-୨:** ସା/ପୋ: ପ୍ରଫେସର ପଡା, ଜିଲ୍ଲା: କଟକ-୭୫୩୦୦୩, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ,** ସ୍ୱାମୀ: ଶ୍ରୀ ତନ୍ମୟ ପଟ୍ଟନାୟକ, ସା/ପୋ: ପ୍ରଫେସର ପଡା, ଜିଲ୍ଲା: କଟକ-୭୫୩୦୦୩, ଓଡ଼ିଶା | ଟ.୧,୫୯,୧୪,୩୦୪.୧୧ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୮.୦୭.୨୦୨୩ / ୧୮.୧୧.୨୦୨୩ | **୧) ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ,** ସ୍ୱାମୀ: ଶ୍ରୀ ତନ୍ମୟ ପଟ୍ଟନାୟକ (ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୨୯୪/୨୦୦୨)ଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସବ୍ ପ୍ଲଟ୍ ନଂ.: ୧୫୭ ଏବଂ ୧୫୮, ରେଭିନ୍ୟୁ ପ୍ଲଟ୍ ନଂ.: ୩୯୫/୮୦୭, ଖାତା ନଂ.: ୩୨୩/୧୪, କ୍ଷେତ୍ର: ଏକର ୦.୦୫୫ ଡିସିମିଲି, ସା: କଲ୍ୟାଣୀ ବିହାର, ମୌଜା: କଣ୍ଟିଲୋ, ରେଜିଷ୍ଟ୍ରେସନ୍ ସବ୍ ଡିଷ୍ଟ୍ରିକ୍ଟ: ଜଟଣୀ, ଥାନା: ଭୁବନେଶ୍ୱର ଥାନା ନଂ.: ୫୩, ଜିଲ୍ଲା: ଖୋର୍ଦ୍ଧା, **ପ୍ଲଟ୍ ନଂ.: ୧୫୭ର ଚାରିପାର୍ଶ୍ୱରେ** ଉତ୍ତର: ସବ୍ ପ୍ଲଟ୍ ନଂ.: ୧୫୬, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୫୮, ପୂର୍ବ: ସବ୍ ପ୍ଲଟ୍ ନଂ.: ୧୭୨, ପଶ୍ଚିମ: ରାସ୍ତା, **ପ୍ଲଟ୍ ନଂ.: ୧୫୮ର ଚାରିପାର୍ଶ୍ୱରେ** ଉତ୍ତର: ସବ୍ ପ୍ଲଟ୍ ନଂ.: ୧୫୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୫୯, ପୂର୍ବ: ସବ୍ ପ୍ଲଟ୍ ନଂ.: ୧୭୧, ପଶ୍ଚିମ: ରାସ୍ତା, **୨) ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ,** ସ୍ୱାମୀ: ଶ୍ରୀ ତନ୍ମୟ ପଟ୍ଟନାୟକ (ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୫୨୮୧/୨୦୦୦)ଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୫୦/୪୭୯୩, କ୍ଷେତ୍ର: ଏକର ୦.୦୫୧ ଡିସିମିଲି, ପ୍ଲଟ୍ ନଂ.: ୧୬୫୧/୪୭୯୨, କ୍ଷେତ୍ର: ଏକର ୦.୦୦୨ ଡିସିମିଲି, ପ୍ଲଟ୍ ନଂ.: ୧୬୪୯/୪୭୯୪, କ୍ଷେତ୍ର: ଏକର ୦.୦୦୧ ଡିସିମିଲି, ଖାତା ନଂ.: ୭୨୫/୨୧୨୨, ମୌଜା: କଳାରାହାଙ୍ଗ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୨୬, ପୂର୍ବ: ସବ୍ ପ୍ଲଟ୍ ନଂ.: ୧୩୩, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୧୩୫ |
| **ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା /** **ଋଣଗ୍ରହୀତା: ଶ୍ରୀ ଅମୂଲ୍ୟ ବରାଳ,** ପିତା: କରୁଣାକର ବରାଳ / **କୋ-ଆପ୍ଲିକାଣ୍ଟ: ଶ୍ରୀ ମିଲୁ ବରାଳ,** ପିତା: କରୁଣାକର ବରାଳ, ଉଭୟଙ୍କ ଠିକଣା- ସା: ମାଛିଆ ଦିଆଣ୍ଡି, ପୋ: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୨୧,୫୩,୭୨୦.୪୩ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୯.୦୮.୨୦୨୩ / ୧୮.୧୧.୨୦୨୩ | **ଶ୍ରୀ ଅମୂଲ୍ୟ ବରାଳ,** ପିତା: କରୁଣାକର ବରାଳ ଏବଂ **ଶ୍ରୀ ମିଲୁ ବରାଳ,** ପିତା: କରୁଣାକର ବରାଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫, ପ୍ଲଟ୍ ନଂ.: ୧୧୩, ମୌଜା: ମାଛିଆ ଦିଆଣ୍ଡି, ତହସିଲ: ବ୍ରହ୍ମଗିରି, ଥାନା: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ଏସ୍‌ଆର୍‌ଓ: ବ୍ରହ୍ମଗିରି, କ୍ଷେତ୍ର: ଏକର୦.୦୬୦ ଡ଼ିସିମିଲି, କିସମ: ଘରବାରୀ, ସମ୍ପତ୍ତିର ସମସ୍ତ ଅଂଶବିଶେଷ ତହସିଲ/ଏସ୍‌ଆର୍‌ଓ: ବ୍ରହ୍ମଗିରି ଅନ୍ତର୍ଗତ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀଧର ବରାଳ, ଦକ୍ଷିଣ: ଭାଗିରଥି ବରାଳ, ପୂର୍ବ: ରାସ୍ତା, ପଶ୍ଚିମ: ଭାଗିରଥି ବରାଳ |
| **ଶାସ୍ତ୍ରୀ ନଗର ଶାଖା /** **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର ପ୍ରଧାନ,** ପିତା: ବଳରାମ ପ୍ରଧାନ, ସା: ବଡଗୋଲା, ପୋ: ଶିଶୁଆ, ଥାନା: କାକଟପୁର ପୋଲିସ୍ ଷ୍ଟେସନ୍, ପୁରୀ - ୭୫୨୧୦୯ | ଟ.୫୨,୯୪,୪୯୩.୭୬ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୧.୦୩.୨୦୨୩ / ୨୧.୧୧.୨୦୨୩ | **ଶ୍ରୀ ରବିନ୍ଦ୍ର ପ୍ରଧାନ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୯, ପ୍ଲଟ୍ ନଂ.: ୭୨୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲିରୁ ଏକର ୦.୦୩୫/୮ ଡିସିମିଲି ଏବଂ ପ୍ଲଟ୍ ନଂ.: ୭୨୮, କ୍ଷେତ୍ର: ଏକର ୦.୦୭ ଡିସିମିଲିରୁ ଏକର ୦.୦୬ ଡିସିମିଲି, ମୌଜା: ବଡଓଲା, ଥାନା: ଅସ୍ତରଙ୍ଗ ନଂ.: ୧୧୩, ତହସିଲ: ଅସ୍ତରଙ୍ଗ, ଏସ୍‌ଆର୍‌ଓ: କାକଟପୁର, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍ - ୭୫୨୧୦୯, **ସମୁଦାୟ କ୍ଷେତ୍ର: ଏକର ୦.୧୭ ଡିସିମିଲି ରୁ ଏକର ୦.୦୯୫/୮ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ବ୍ରହ୍ମାନନ୍ଦ ସାହୁ, ଦକ୍ଷିଣ: ଇଜିମାଇଲ୍ ରାସ୍ତା, ପୂର୍ବ: ଗ୍ରାମ୍ୟ ରାସ୍ତା, ପଶ୍ଚିମ: ରବିନ୍ଦ୍ର ପ୍ରଧାନ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୨.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

## ୩ ମଦ ବେପାରୀ ଗିରଫ

ସୋର, (ଜନ୍ମେଜୟ ମିଶ୍ର): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସକାଳେ ଚଢ଼ାଉ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ସବିରା ଗ୍ରାମର ଦୁର୍ଯ୍ୟୋଧନ ଶିଅଳ, ଗୋପାଳପୁର ଗ୍ରାମର ଲକ୍ଷ୍ମୀ ସିଂ, ନୂଆଗାଁ ଗ୍ରାମର ଭୀମସେନ ଖଣ୍ଡା।

## ଆଜି କ'ଣ କେଉଁଠି

ସିମୁଳିଆ

- ଘର ଘର କେସିସି ଅଭିଯାନ। ସ୍ଥାନ: ଏସ୍‌ବିଆଇ ପରିସର, ମାର୍କୋଣା। ସମୟ: ପୂର୍ବାହ୍ନ ୧୧ଟା।

## ରୋଗ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା

**ବାହାନଗା, ୨୧।୧୧(ଅରୂପ୍ କୁମାର ଦାସ):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ୫ ନମ୍ବର ୱାର୍ଡର ମୁରଲୀଧର ବେହେରା ନାମକ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ରୋଗ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ୧୫ବର୍ଷ ପୂର୍ବରୁ ତାଙ୍କୁ କୌଣସି ରୋଗ ହେବାରୁ ସେ ଦିବ୍ୟାଙ୍ଗ ହୋଇଯାଇଥିଲେ। ତାଙ୍କ ଗ୍ରାମର ଉତ୍ତରସାହି ହାଟପୋଖରୀ ଛକଠାରେ ଏକ ଗ୍ରୋସେରି ଦୋକାନ ଅଛି। ଗତ ସୋମବାର ସକାଳେ ତାଙ୍କ ସ୍ତ୍ରୀ ରଶ୍ମୀ (୩୫)ଦୋକାନ ଖୋଲିବା ବେଳେ ମୁରଲୀ ଘରପିଣ୍ଡାରେ ବସିଥିଲେ। ତେବେ ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ପରେ ଯନ୍ତ୍ରଣା ଜୋର୍ ହେବାରୁ ତାହାକୁ ସହି ନ ପାରି ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଦେଇଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ସୋର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପୂର୍ବରୁ ସେ ବହୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ପ୍ରିୟାଂସୀଙ୍କୁ ବ୍ରୋଞ୍ଜ ପଦକ

### ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍



**ଚମ୍ପୁଆ, ୨୧।୧୧(ମହେଶ୍ୱର ଦାସ):** କେନ୍ଦୁଝର ଜିଲା ଚମ୍ପୁଆଠାରେ ଥିବା କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀ ପ୍ରିୟାଂସୀ ଖଣ୍ଡାୟତ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତା ୨୦୨୩ରେ ଭାଗ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସପ୍ତମ ଶ୍ରେଣୀରେ ଅଧ୍ୟୟନ ପ୍ରିୟାଂସୀଙ୍କ କନିଷ୍ଠ ବର୍ଗରେ ସାମିଲ ହୋଇଥିଲେ। ଜୋନ୍‌ସ୍ତରରେ ନିଜ ଦକ୍ଷତା ପ୍ରଦର୍ଶନ କରି ପ୍ରିୟାଂସୀ ଜାତୀୟସ୍ତରକୁ ମନୋନିତ ହୋଇଥିଲେ। ନଭେମ୍ବର ୧୮, ୧୯ ଦୁଇ ଦିନ ଧରି ଦିଲ୍ଲୀଠାରେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେଉଥିଲା। ତାଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନର ଚେୟାରମ୍ୟାନ ଡ. ରାଜମୋହନ, ସମ୍ପାଦିକା କୁମାର ରାଜମୋହନ, ଅଧ୍ୟକ୍ଷ ବିକେ ଭାରତୀ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ବି ରାମାରାଜୁ ସମେତ ସମସ୍ତ ଛାତ୍ର ଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଯୁବକଙ୍କୁ ହତ୍ୟା ଉଦ୍ୟମ

**ପାଟଣା, ୨୧।୧୧(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସ୍ୱାମ ନାଏକ ସାହିର ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ ହୋଇଛି। ଘଟଣାରେ ମଙ୍ଗଳବାର ପାଟଣା ପୋଲିସ ଜଣେ ଆକ୍ରମଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଉକ୍ତ ସାହିର ଶ୍ରୀକାନ୍ତ ନାଏକ(୩୪)। ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଗ୍ରାମର ସୁମିତ ପତି ଓ ଚିରଞ୍ଜିବି ଦାଶ ସାହିରେ ଚାଲି ଚାଲି ଯାଉଥିଲେ। ଶ୍ରୀକାନ୍ତ ଦୁହିଁଙ୍କୁ ଅଟକାଇ ତମେମାନେ ମୋ ଘର ପାଣି ସଂଯୋଗ କାଟି ଦେଇଛ ବୋଲି କହିଥିଲେ। ଏନେଇ ୩ ଜଣଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଶ୍ରୀକାନ୍ତ ଉତ୍‌କ୍ଷିପ୍ତ ହୋଇ ଟାଙ୍ଗିଆରେ ସୁମିତଙ୍କୁ ଆକ୍ରମଣ କରିଥିଲେ। ସୁମିତ ଟାଙ୍ଗିଆକୁ ଧରି ଦେବାରୁ ତାଙ୍କ ଡାହାଣ ହାତ ପାପୁଲି ଓ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ ତୁରନ୍ତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଙ୍ଗଳବାର କେନ୍ଦୁଝରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପାଟଣା ଥାନାରେ ଏକ ମାମଲା(ନଂ.୨୧୪/୨୩)ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

## ପରିବାର ନିୟୋଜନ ଅସ୍ତ୍ରୋପଚାର

# ଅବ୍ୟବସ୍ଥା ନେଇ ଉତ୍ତେଜନା

### ଚିକିତ୍ସା ଅଧିକାରୀଙ୍କୁ ଘେରିଲେ

**ଚାନ୍ଦବାଲି, ୨୧।୧୧(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଜଣେ ଡାକ୍ତରଙ୍କ ଦ୍ୱାରା ପରିବାର ନିୟୋଜନ ଅସ୍ତ୍ରୋପଚାର ବେଳେ ଅବ୍ୟବସ୍ଥା ନେଇ ଉତ୍ତେଜନା ଦେଖାଦେଇଥିଲା। ଗୋଟିଏ ଦିନରେ ୩୦ଜଣ ମହିଳାଙ୍କ ଅସ୍ତ୍ରୋପଚାର ହେବାର ନିୟମ ଥିବାବେଳେ ୭୮ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଅଧିକ ସଂଖ୍ୟା ଯୋଗୁ ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳାମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅସ୍ତ୍ରୋପଚାର ବିଳମ୍ବ ହେବାରୁ ମହିଳାମାନଙ୍କ ସହ ଆସିଥିବା ସମ୍ପର୍କୀୟମାନେ ଉତ୍ତ୍ୟକ୍ତ ହୋଇ ମେଡିକାଲ ଅଫିସର ଅଶୋକ ମିଶ୍ରଙ୍କ ସହ ଯୁକ୍ତିତର୍କ କରିବା ସହ ହୋହଲ୍ଲା କରି ଘେରିଥିଲେ। ଏହାର ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଫିସର ମିଶ୍ର କହିଛନ୍ତି, ମାଗଣା ଅସ୍ତ୍ରୋପଚାର ହେଉଥିବାରୁ ବ୍ଲକରୁ ଆବଶ୍ୟକଠାରୁ ଅଧିକ ମହିଳା ଆସିଥିଲେ। ସେଥିପାଇଁ ସମୟ ଅଧିକ ଲାଗିଲା। ତେବେ ଏବେ ସବୁ ଠିକ୍ ଅଛି। ଏନେଇ କୌଣସି ଅଭିଯୋଗ ନାହିଁ।

## ମତ୍ସ୍ୟଚାଷୀଙ୍କ ଉନ୍ନତିକୁ ଗୁରୁତ୍ୱ

**କେନ୍ଦୁଝର, ୨୧।୧୧(ଦୀପକ ମିଶ୍ର)**




ଅଗ୍ରଣୀ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ବିଶ୍ୱ ମତ୍ସ୍ୟ ଚାଷୀ ଦିବସ

କେନ୍ଦୁଝର ପୁରୁଣା ସହରସ୍ଥିତ ଦିଗଦନ ମତ୍ସ୍ୟ ଜାଆଁଳ କେନ୍ଦ୍ରରେ ବିଶ୍ୱ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ସଭାରେ ଜିଲାର ୧୩ ଗୋଟି ବ୍ଲକ୍‌ରୁ ୮୦ ଜଣ ମତ୍ସ୍ୟଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଜାଆଁଳ ଉତ୍ପାଦନକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ। କେନ୍ଦୁଝର ମଣ୍ଡଳ ଉପ-ମତ୍ସ୍ୟ ନିର୍ଦ୍ଦେଶକ ପ୍ରଦୀପ ଦେଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଯୋଗଦେଇ ଜିଲାର ମତ୍ସ୍ୟ ଚାଷୀ କିପରି ବ୍ୟାପକ କରିହେବ ଏବଂ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ଜୀବନରେ ଉନ୍ନତି ଆଣିହେବ ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପ ମତ୍ସ୍ୟ ନିର୍ଦ୍ଦେଶକ ପ୍ରଦୀପ ଦେ, ମୁଖ୍ୟ ଜିଲା ପ୍ରାଣୀ ଅଧିକାରୀ ଡ଼ ଅକ୍ଷୟ କୁମାର ଘଡେଇ, ଉପ ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡ଼ ରମାକାନ୍ତ ମହାନ୍ତି, କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ବିଜ୍ଞାନ ବୈଜ୍ଞାନିକ ଡ଼ ଲିପ୍‌ସା ଦାସ, ଅନ୍ୟତମ ମଞ୍ଚାସୀନ ଅତିଥିଭାବେ ଦିଲୀପ ରାଉତରାୟ ଓ ଅସିମ କୁମାର ଗିରି ଯୋଗଦେଇଥିଲେ। ଏହି ଅବସରରେ ଅଗ୍ରଣୀ ମତ୍ସ୍ୟ ଚାଷୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଆବଶ୍ୟକ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜାଆଁଳା ଉତ୍ପାଦନ କେନ୍ଦ୍ରର ଶାଖା ପରିଚାଳକ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହତ୍ୟା ମାମଲା: ଦୋଷୀଙ୍କୁ ଆଜୀବନ ଜେଲ

**ଭଦ୍ରକ, ୨୧।୧୧(ସନାତନ ରାଉତ)**

ଭଦ୍ରକ ଅତିରିକ୍ତ ଜିଲା ଜଜ୍ ଆଶିଷ କୁମାର ତ୍ରିପାଠୀ ମଙ୍ଗଳବାର ଏକ ହତ୍ୟା ମାମଲାର ବିଚାରକରି ଦୋଷୀ ଧାମନଗର ଥାନା ଅଧୀନ ମିର୍ଜାପୁର ଗ୍ରାମର ଅରୁଣ ମହାରଣାଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଆଉ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୧୮ ମେ ୨୬ରେ ମିର୍ଜାପୁର ଗ୍ରାମର ଅର୍ଜୁନ ପରିଡ଼ାଙ୍କ ପୁଅ ଅଜୟ ବାଇକ୍‌ରେ ଧାମନଗର ବଜାରକୁ ଯାଉଥିବା ବେଳେ ତାଳପଦା କୁମାରପଡ଼ା ଗେଟ୍ ନିକଟରେ ଅଭିଯୁକ୍ତ ଅରୁଣ ନିଜ ଅଟୋ ଚଳାଇ ବିପରୀତ ଦିଗରୁ ତାଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡ଼ିଯିବା ପରେ ଅରୁଣ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଉକ୍ତ ଗ୍ରାମର ରବୀନ୍ଦ୍ର ଜେନା ଓ ବିଶ୍ୱମ୍ଭର ଷଡ଼ଙ୍ଗୀ ସମ୍ପୂର୍ଣ୍ଣ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ। କଟକ ବଡ଼ ଡାକ୍ତରଖାନାକୁ ନେବା ବେଳେ ବାଟରେ ଅଜୟ ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଅର୍ଜୁନ ଏନେଇ ଅରୁଣଙ୍କ ବିରୋଧରେ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୮୮/୨୦୧୮) ରୁଜୁ କରି ଅଭିଯୁକ୍ତ ଅରୁଣଙ୍କୁ ଗିରଫ କରିଥିଲା। ସେବେଠାରୁ ସେ ବିଚାରାଧୀନ ବନ୍ଦୀ ଭାବେ ଭଦ୍ରକ ଜେଲରେ ଥିଲେ। ଅତିରିକ୍ତ ସରକାରୀ ଓକିଲ ସୂର୍ଯ୍ୟକାନ୍ତ କୁଅଁର ଓ ଅରୁଣ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

## ସ୍ତ୍ରୀଙ୍କୁ ହାଣି ହତ୍ୟା, ସ୍ୱାମୀ ଗିରଫ

**ମୋରଡ଼ା, ୨୧।୧୧(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ମୃତ ମହିଳା ଜଣକ ହେଲେ ପାର୍ବତୀ ଟୁଡୁ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୩୧୩/୨୩) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଜିତୁ ଟୁଡୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ସକାଳେ ଜିତୁ ଓ ପାର୍ବତୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଜିତୁ ରାଗିଯାଇ ଏକ କଟୁରିରେ ପାର୍ବତୀଙ୍କ ବେକକୁ ହାଣି ଦେଇଥିଲେ। ଫଳରେ ଘଟାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡ ପରେ ଜିତୁ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଏକ ଗଛରେ ବାନ୍ଧି ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୃତ ପାର୍ବତୀଙ୍କ ୭ ଓ ୪ ବର୍ଷର ଦୁଇ ପୁଅ ଥିବା ବେଳେ ଏବେ ସେମାନେ ଅସହାୟ ହୋଇ ପଡ଼ିଛନ୍ତି। ସେମାନଙ୍କ ଥଇଥାନର ବ୍ୟବସ୍ଥା ପାଇଁ ଅଞ୍ଚଳବାସୀ ପ୍ରଶାସନଠାରେ ନିବେଦନ କରିଛନ୍ତି।

## ଚାଲାଣ ବେଳେ ନକଲି ଜର୍ଦ୍ଦା ଜବତ



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

**ଭଦ୍ରକ, ୨୧।୧୧(ସନାତନ ରାଉତ)**

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ହେଲାସାହିରେ ନକଲି ଜର୍ଦ୍ଦା କାରବାର। ମଙ୍ଗଳବାର ଏଠାରୁ ନକଲି ଜର୍ଦ୍ଦା ଓ ଏଥିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଚାଲାଣ ହେଉଥିବା ବେଳେ ପୁରୁଣାବଜାର ପୋଲିସ ଚଢ଼ାଉ କରିଛି। ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ଓ ବିଭିନ୍ନ ସାମଗ୍ରୀ ପୋଲିସ ଜବତ କରିଛି। ଏସବୁ ସାମଗ୍ରୀ ବୋଝେଇ ହୋଇଥିବା ଏକ ଅଟୋକୁ ଜବତ କରାଯାଇଥିବା ବେଳେ ଚାଳକ ତଥା ନକଲି କାରବାରର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଏଏସ୍‌ଆଇ ଗୌରାଙ୍ଗ ମଲିକଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା(ନଂ.୩୫୭/୨୩) ରୁଜୁ ହୋଇଛି।

ପୁରୁଣାବଜାର ଥାନାରେ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସୂଚନା ଅନୁଯାୟୀ, ଏକ ଅଟୋ (ନଂ ଓଡି ୨୨ଜି ୨୬୫୯) ରେ ଏସବୁ ସାମଗ୍ରୀ ଚାଲାଣ ବେଳେ ବିଶେଷ ସୂତ୍ରରୁ ଖବରପାଇ ଚଢ଼ାଉ କରାଯାଇଥିଲା। ୫ଶହ ଗ୍ରାମ ଓଜନର ୧୮୦ଟି ଗୋପାଲ-୬୦ ଡବା, ୧୦ଟି କନକ ଜର୍ଦ୍ଦା କାଗଜ ପ୍ୟାକେଟ୍, ଶହେ ଟିଣ ଡବା, ୧୦ଟି ଶିବଦାତା, ୨ଟି ପ୍ରସ୍ତୁତକାରୀ ମେଶିନ, ଗୋଟିଏ ସିଲ୍ ମେଶିନ, ୨ଟି ଓଜନ ମେଶିନ ଆଦି ବିଭିନ୍ନ ସାମଗ୍ରୀ ମୋଟ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜର୍ଦ୍ଦା ଜବତ କରାଯାଇଛି। ପୁରୁଣାବଜାର ଥାନାଧିକାରୀ ନିରୋଜ କୁମାର ସାମଲ ଓ ଏସ୍‌ଆଇ ବୀରେନ୍ଦ୍ର କୁମାର ରାଉତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ପୁରୁଣାବଜାର ଅଞ୍ଚଳରେ ବାରମ୍ବାର ଚଢ଼ାଉ କରି ନକଲି ଜର୍ଦ୍ଦା ଜବତ କରାଯାଉଥିଲେ ମଧ୍ୟ କାରବାର ଥମିବାର ନାଁ ଧରୁନି।

## ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଖଇରା, ୨୧।୧୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ନିର୍ବାଚନମଣ୍ଡଳୀର ବିଶିଷ୍ଟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତମାତା, ଓଁ ଏବଂ ସରସ୍ୱତୀ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବକ୍ତବ୍ୟରେ ମା' ପିଲାର ପ୍ରଥମ ଗୁରୁ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ଶିଶୁ ମନ୍ଦିରର ଆଚାର୍ଯ୍ୟ ଦିଲୀପ କୁମାର ସେଠୀ, ସମ୍ମାନନୀୟ ଅତିଥି ଭାବେ ଯୁବନେତା ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ପାଶ୍ଚାତ୍ୟ ସଭ୍ୟତାକୁ ଭୁଲି ଭାରତୀୟ ସଂସ୍କୃତି ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟନ୍ତ କୁମାର ମାଝି ଅତିଥି ପରିଚୟ ଓ ଉତ୍କଳବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଗୁରୁମା'ଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଗାନ କରାଯାଇଥିଲା। ଶେଷରେ ମା' ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା ସହ ପୁରସ୍କୃତ କରାଯାଇଥିଲା।



ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ସମ୍ମିଳନୀରେ ମା'ମାନେ।

## ଛାତ୍ରଙ୍କ ବ୍ୟାଟ ମାଡ଼ରେ ଛାତ୍ର ଗୁରୁତର

**ଖଇରା, ୨୧।୧୧(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁରୁଣ୍ଟା ନୋଡାଲ ସ୍କୁଲରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ବ୍ୟାଟ ମାଡରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉକ୍ତ ଛାତ୍ରଙ୍କୁ ଗଣ୍ଡିବେଡର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା କରାଯାଇଛି। ଉକ୍ତ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବହେଳା ଯୋଗୁ ଏଭଳି ଏକାଧିକ ଘଟଣା ଘଟିଥିବା ଉକ୍ତ ଗୁରୁତର ଛାତ୍ରଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରେ ଖେଳଛୁଟିରେ କ୍ରିକେଟ ଖେଳ ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା । ପିଲାଙ୍କ ଅଭିଭାବକଙ୍କୁ ଜଣାଇବା ସହ ପିଲାର ଚିକିତ୍ସାର ବ୍ୟବସ୍ଥା କରାଇଥିଲେ।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହ



ସମାରୋହରେ ଉପସ୍ଥିତ ଅତିଥିମାନେ।

**ଧାମନଗର, ୨୧।୧୧(ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର):** ଭଦ୍ରକ ଜିଲା ଧାମନଗରସ୍ଥିତ ମହତାବ ସେବା ସଦନଠାରେ ନବ ଉତ୍କଳର ନିର୍ମାତା, ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଦନର ପରିଚାଳକ ବାସୁଦେବ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଅନ୍ୟତମ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ନିବେଦିତା ଜେନା, ନାରାୟଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ରସାନନ୍ଦ ମହାପାତ୍ର, କଂଗ୍ରେସ ନେତା ବିଦ୍ୟାଧର ଜେନା, ରମେଶ ଚନ୍ଦ୍ର ବେହେରା, ଖବରଦାତା ପ୍ରଦୀପ ମହାପାତ୍ର, ସନ୍ତୋଷ ମହାପାତ୍ର, ବିରେନ୍ଦ୍ର ଜେନା, ସୁଧାକର ଦାଶ, ସୁଶାନ୍ତ ରାଉତ, ମାନସ ରଞ୍ଜନ ସାହୁ, ରଜତ ପଣ୍ଡା, ସରୋଜ ସେଠୀ, ସେକ ଜାଫର ଅଲ୍ଲୀ, ସଞ୍ଜୀବ ମହାନ୍ତି, ଗୌରାଙ୍ଗ ଦାଶ, ଗୋଲାମ ଜିଲାନି ହବିବି, ଦେବାଶିଷ ରଥ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଟେନିକଏଟ ପ୍ରତିଯୋଗିତା

**ଭଦ୍ରକ, ୨୧।୧୧ (ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ଟେନିକଏଟ ସଂଘ ଆନୁକୂଲ୍ୟରେ ଭଦ୍ରକ କଲେଜ ପଡ଼ିଆରେ ଜିଲାସ୍ତରୀୟ ଟେନିକଏଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ରାଜ୍ୟ ଟେନିକଏଟ ସଂଘର ଅଧ୍ୟକ୍ଷ ତଥା ଭଦ୍ରକ ଜିଲା ସଂଘର ସଭାପତି ଗୋଲକ ନାୟକ, ଧୁଷୁରୀ ମୁରଲୀଧର ହାଇସ୍କୁଲର ପିଇଟି ସ୍ୱର୍ଣ୍ଣଲତା ବେହେରା ଏବଂ ଭଣ୍ଡାରିପୋଖରୀ ସରକାରୀ ହାଇସ୍କୁଲର ପିଇଟି ମାନସ କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ମୋଟ ୮୩ ଜଣ ଖେଳାଳି ଏଥିରେ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଓଲଙ୍ଗ ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି ଓ ପୂର୍ବତନ ସରପଞ୍ଚ ଦେବୀଦତ୍ତା ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଚାମ୍ପିୟନ ଓ ରନର୍ସଅପ୍ ହୋଇଥିବା ପ୍ରତିଯୋଗୀମାନେ ହେଲେ ପିୟୁଷ ପ୍ରୀତମ ଦୀକ୍ଷିତ, ଡି.ଏସ୍. ଅସ୍ୱିନ ତନ୍ତୀ, କିରଣ୍ମୟୀ ସାହୁ, ପ୍ରତିଷ୍ଠା ପି. ଜେନା, ଖୁସି ସାହାଣୀ, ମମାଲି ସାହା, ରାଜେଶ ନାୟକ, ନାରାୟଣ ବେହେରା, ସ୍ମୃତିରେଖା ସେଠୀ ଓ ସୁଇଟ୍ ସ୍ମିତା ଜେନା। କମିଟିର ସଂଯୋଜକ ଭବେଶ ଦାସ, ଉପସଭାପତି ସୁବାସ ଦୀକ୍ଷିତ, କୋଷାଧ୍ୟକ୍ଷ ଚନ୍ଦନ ଦେ, ମନୋରଞ୍ଜନ ଦୀକ୍ଷିତ, ରାଜବଲ୍ଲଭ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ସମ୍ପାଦକ ମନୋଜ କୁମାର ସାହୁ ପ୍ରତିଯୋଗିତା ଆୟୋଜନ କରିଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ବଡ଼ସାହି, ୨୧।୧୧(ସମ୍ବିତ କୁମାର ରାଉତ)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଇନ୍ସ ଫୋରମର ସଭାପତି ଅମିତାଭ ମିଶ୍ର ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରାରେ ବ୍ରତୀହେବା ପାଇଁ ଆହ୍ୱାନ ଦେଇଥିଲେ। ବିଜ୍ଞାନ ପ୍ରକଳ୍ପରେ କ୍ଷୀରଶ୍ରୀ ମହାନ୍ତ, ତିଳୋତ୍ତମା ସିଂ, ସୁମିତ୍ରା ମାର୍ଣ୍ଡି, କାପୁରା ମୁର୍ମୁ, ସୋନାଲି ଟୁଡୁ, ସାନି ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ ହୋଇ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଗଣିତ ଶିକ୍ଷକ ଦୀପକ ରାମ, ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରି, ଶିକ୍ଷକ ପାର୍ଥସାରଥୀ ଜେନା, ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ, ଇନ୍ଦୁଲତା ପତି ଓ ଅଫିସ ସହାୟକ ପଦ୍ମାବତୀ ମହାନ୍ତଙ୍କ ମାର୍ଗଦର୍ଶନରେ ପ୍ରକଳ୍ପଗୁଡ଼ିକ ପ୍ରସ୍ତୁତ ହୋଇଥିଲା।

## ଯୋଗ ସଚେତନତା ଶିବିର

**ଉଦଳା, ୨୧।୧୧(ସନ୍ତୋଷ କୁମାର ବାଛିନୀ):** ରାଜ୍ୟ ସରକାରଙ୍କ ଯୁବ ବିକାଶ ଓ ନୂଆ ଓଡ଼ିଶା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଯୋଗ ସଚେତନତା ଶିବିର ମଙ୍ଗଳବାର ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସାଧାରଣ ଜନତାଙ୍କୁ ଯୋଗ କରନ୍ତୁ, ସୁସ୍ଥ ରୁହନ୍ତୁ ବୋଲି ସଚେତନ କରାଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଯୋଗ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯୋଗଗୁରୁ ବ୍ରହ୍ମାନନ୍ଦ ପରିଡ଼ା ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଯୋଗ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଗିରିଜାଶଙ୍କର ପାତ୍ର, ନୋଡାଲ ଅଫିସର ମଞ୍ଜୁଲତା କଲିଆ, ବିଶ୍ୱମ୍ଭର ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୁଣାତ୍ମକ ଶିକ୍ଷା ପାଇଁ ମିଳିବ ନିର୍ଭରଯୋଗ୍ୟ ବିଜୁଳି

**ବାଲେଶ୍ୱର, ୨୧।୧୧ (ମାନସ ବିଶ୍ୱାଳ)**

ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) କେନ୍ଦୁଝର ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରଙ୍କ ଦୀର୍ଘଦିନ ଧରି ବିଦ୍ୟୁତ୍ ସରବରାହ ସମସ୍ୟାର ସମାଧାନ ହୋଇଛି ବୋଲି ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଗତ କିଛି ମାସ ତଳେ ଏକ ଭାରି ଟ୍ରକ୍ ୧୧କେଭି ଓଲ୍ଡଟାଉନ ଟ୍ରଙ୍କ ଲାଇନ ଡିପି ଷ୍ଟ୍ରକଚରରେ ଧକ୍କା ହେବା ଯୋଗୁ ପୁରୁଣା ଟାଉନ ୧୧କେଭି ଫିଡ଼ରରୁ ବିଦ୍ୟୁତ ସରବରାହ ବନ୍ଦ କରାଯିବା ସହ ପୁରୁଣା ଟାଉନ ଫିଡ଼ରକୁ ନିକଟସ୍ଥ ଇଞ୍ଜିନିୟରିଂ କଲେଜ ୧୧ କେଭି ଫିଡରରେ ସଂଯୋଗ କରଯାଇଥିଲା।



ନୂତନ ଭାବେ ପ୍ରସ୍ତୁତ ଷ୍ଟ୍ରକଚର।

ପୂର୍ବରୁ ଇଞ୍ଜିନିୟରିଂ କଲେଜ ମାତ୍ର ୪କି.ମି. ଅଞ୍ଚଳକୁ ବିଦ୍ୟୁତ ବିତରଣ କରୁଥିବା ବେଳେ ଦୁର୍ଘଟଣା ପରେ ପୁରୁଣା ଟାଉନ ଫିଡ଼ରର ୪୫କି.ମି. ଅଞ୍ଚଳର ଭାର ମଧ୍ୟ ଏହି ଫିଡ଼ର ବହନ କରୁଥିଲା। ପୁରୁଣା ଟାଉନ ଫିଡ଼ରର ୪୫କି.ମି. ଗ୍ରାମାଞ୍ଚଳ ହୋଇଥିବାରୁ ବିଭିନ୍ନ ସମସ୍ୟା ଯୋଗୁ ବାରମ୍ବାର ବିଦ୍ୟୁତ ସରବରାହ ବ୍ୟାହତ ହେଉଥିଲା। ଇଞ୍ଜିନିୟରିଂ କଲେଜକୁ ଏହି ଲାଇନ ସଂଯୋଗ କରୁଥିବାରୁ ପିଲାଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଥିଲା। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ଜରୁରୀକାଳୀନ ଭିତ୍ତିରେ ମୁଖ୍ୟ ରାସ୍ତାରେ ଥିବା ପ୍ରାୟ ୮ଶହ ଫୁଟ ଓଭରହେଡ କେବୁଲକୁ ଭୂତଳ କରିବା ସହ ପୁରୁଣା ଟାଉନ ଫିଡ଼ରକୁ କାର୍ଯ୍ୟକ୍ଷମ କରାଯାଇଥିବା ଟିପିଏନଓଡ଼ିଏଲ ସିଇଓ ରାଓ ସୂଚନା ଦେଇଛନ୍ତି।

### ସ୍ଥାୟୀ ସମାଧାନ ପାଇଁ ସଂଯୋଗ ହେଲା ଭୂତଳ କେବୁଲ

# ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୨୧।୧୧

ଟାଟା ପାୱାରର ନୂତନ ଅଭିଯାନ ଓଃ ମାଇଁ ବିଉଟିଫୁଲ ଓଡ଼ିଶା ଫଟୋଗ୍ରାଫି ପ୍ରତିଯୋଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷ ନଭେମ୍ବର ୩୦ ପର୍ଯ୍ୟନ୍ତ ଉକ୍ତ ପ୍ରତିଯୋଗିତାର ଆବେଦନ ଗ୍ରହଣ କରାଯିବ। ଉଲ୍ଲେଖଯୋଗ୍ୟ, ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ଓଃ ମାଇଁ ବିଉଟିଫୁଲ ଓଡ଼ିଶା' ଫଟୋଗ୍ରାଫି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି। ଏପରିକି ଓଡ଼ିଶାର ସମୃଦ୍ଧ ଓ ବିବିଧ ସୌନ୍ଦର୍ଯ୍ୟକୁ ପାଳନ ଓ ପ୍ରୋତ୍ସାହିତ କରିବା ପାଇଁ ଉକ୍ତ ପ୍ରତିଯୋଗିତା ଏକ ନିଆରା ପଦକ୍ଷେପ ହେବ। ଏଥିରେ ସବୁବର୍ଗର ଫଟୋଗ୍ରାଫର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିପାରିବେ। ସେହିଭଳି ପ୍ରତିଯୋଗିତାର ଅଂଶଗ୍ରହଣକାରୀମାନେ ରାଜ୍ୟର ଦୃଶ୍ୟପଟ, ଐତିହ୍ୟ, ଲୋକ ଓ ପରମ୍ପରାର ଅଗଣିତ ଆକର୍ଷଣୀୟ ଦିଗକୁ ଅନୁସନ୍ଧାନ ଏବଂ କଏଦ କରିବା ପାଇଁ ପର୍ଯ୍ୟାପ୍ତ ସମୟ ପାଇବେ। ଅପରପକ୍ଷରେ ପ୍ରତିଯୋଗିତାର ଶ୍ରେଷ୍ଠ ୧୨ଜଣ ବିଜେତା ୧,୮୦,୦୦୦ ଟଙ୍କା ପର୍ଯ୍ୟନ୍ତ (୧୫ ହଜାର ଟଙ୍କା ଲେଖାଏ) ପୁରସ୍କାର ଜିତିବେ ଏବଂ ସେମାନଙ୍କ ଫଟୋ ଟିପି ଓଡ଼ିଶା କ୍ୟାଲେଣ୍ଡର ୨୦୨୪ରେ ସ୍ଥାନ ପାଇବ।

# ଆଜି ଖୋଲିବ ଫ୍ଲେୟାର ରାଇଟିଂ ଇଣ୍ଡଷ୍ଟ୍ରିଜ୍‌ର ଆଇପିଓ

ଭୁବନେଶ୍ୱର,୨୧।୧୧

ଫ୍ଲେୟାର ରାଇଟିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ଇନିସିଆଲ ପବ୍ଲିକ୍‌ଅଫର (ଆଇପିଓ) ଚଳିତ ବର୍ଷ ନଭେମ୍ବର ୨୨ରେ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷକରି ଉକ୍ତ ଅଫର ଜରିଆରେ ୫୯୩ କୋଟି ଟଙ୍କା ସଂଗ୍ରହ କରିବା ଯୋଜନା ରହିଛି। ଏଥିରେ ୨୯୨ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ 'ଅଫର ଫର୍ ସେଲ୍'ରେ ଅଂଶଧନକାରୀମାନେ ୩୦୧କୋଟି ଟଙ୍କାର ଇକ୍ୱିଟି ଶେୟାର ବିକ୍ରି କରିବେ। ଏପରିକି ବୁକ୍ ରନିଂ ଲିଡ୍ ମ୍ୟାନେଜରମାନଙ୍କ ସହ ଆଲୋଚନାକରି ୭୩ କୋଟି ଟଙ୍କାର ୨,୪୦୧,୩୧୫ ଇକ୍ୱିଟି ଶେୟାରର ପ୍ରି-ଆଇପିଓ ପ୍ଲେସ୍‌ମେଣ୍ଟ କରାଯିବ। ଏହି ଅଫରରେ ଇକ୍ୱିଟି ଶେୟାରର ମୂଲ୍ୟ ୨୮୮ରୁ ୩୦୪ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସର୍ବନିମ୍ନ ୪୯ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୪୯ଟି ଲେଖାଏଁ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବେ। ସେହିଭଳି ଏହାର ଆଙ୍କର ନିବେଶକମାନେ ଅଫର ଖୋଲିବାର ଗୋଟିଏ ଦିନ ପୂର୍ବରୁ ୨୦୨୩ ନଭେମ୍ବର ୨୧ରେ ବିଡ୍ ଦାଖଲ କରିପାରିବେ। ଏହି ଅଫର ୨୦୨୩ ନଭେମ୍ବର ୨୨ରେ ଖୋଲିବ ଓ ୨୦୨୩ ନଭେମ୍ବର ୨୪ରେ ବନ୍ଦ ହେବ। ସେହିପରି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ନିୟମ ଅନୁସାରେ ଏହି ଅଫରର ୫୦% ପର୍ଯ୍ୟନ୍ତ ଇକ୍ୱିଟି ଶେୟାର ସମାନୁପାତିକ ଭିତ୍ତିରେ ଯୋଗ୍ୟ ସଂସ୍ଥାଗତ ନିବେଶକ (କ୍ୟୁଆଇବି)ମାନଙ୍କ ଲାଗି ରହିବ।



# ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨୧।୧୧

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଉତ୍ପାଦ 'ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ଚାମ୍ପ ଇନ୍‌ସ୍ୟୁରାନ୍ସ ପ୍ଲାନ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାର ଶିଶୁ ବୀମା ଯୋଜନା ବଜାରରେ ଉପଲବ୍ଧ ରହିଥିବା ବେଳେ ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ଚାମ୍ପ ଇନ୍‌ସ୍ୟୁରାନ୍ସ ପ୍ଲାନ୍ ହେଉଛି ଏଭଳି ଏକ ଇଣ୍ଡିଭିଜୁଆଲ, ନନ୍-ଲିଙ୍କଡ୍,ପାର୍ଟିସିପେଟିଂ ଲାଇଫ୍ ଇନ୍ସ୍ୟୁରାନ୍ସ ସେଭିଙ୍ଗସ ପ୍ରଡକ୍ଟ, ଯାହା ପିଲାର ବୟସ ୧୮ ବର୍ଷ ହେବା ପରେ ତା'ର ଭବିଷ୍ୟତର ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରୁଛି। ଏପରିକି ଏହାକୁ ଜଣେ ଅଭିଭାବକଙ୍କ ଉଦ୍ଦେଶ୍ୟ ଓ ଚିନ୍ତାକୁ ପୂରଣ କରିବା ପାଇଁ ଯତ୍ନର ସହ ପ୍ରସ୍ତୁତ କରାଯାଇଛି। ଏହା ହେଉଛି ଏକ ଜୀବନ ବୀମା ସହ ସେଭିଙ୍ଗସ ପ୍ଲାନ୍, ଯାହା ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଜୀବନର ଅନିଶ୍ଚିତତା ବିରୋଧରେ ସୁରକ୍ଷିତ ରଖୁଛି। ଅପରପକ୍ଷରେ ଆପଣଙ୍କ ପିଲାଙ୍କୁ ସ୍ୱାଧୀନ ହେବା ଓ ଆର୍ଥିକ ରୂପେ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ସବୁଠାରୁ ସରଳ ଓ ସ୍ମାର୍ଟ ଉପାୟ ହେଉଛି ଏକ ବୀମା ଯୋଜନା ରଖିବା, ଯାହା ସ୍ୱତନ୍ତ୍ର ଭାବେ ଆପଣଙ୍କ ପିଲାଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଛି।

# ଓଡ଼ିଶାରେ ଜିଓ ଏୟାରଫାଇବରର ଶୁଭାରମ୍ଭ




ଭୁବନେଶ୍ୱର,୨୧।୧୧(ଅଭିଜ୍ଞ ବାର୍ତ୍ତା)

ବିଶ୍ୱର ସର୍ବବୃହତ୍ ଘରୋଇ ମୋବାଇଲ ଡାଟା ନେଟୱର୍କ ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ସର୍ବାଧୁନିକ ହୋମ୍ ବ୍ରଡ୍‌ବ୍ୟାଣ୍ଡ ସେବା ଏବଂ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସମନ୍ୱିତ ଏଣ୍ଡ-ଟୁ-ଏଣ୍ଡ ସମାଧାନ ଜିଓ ଏୟାରଫାଇବର ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଜିଓ ଏୟାରଫାଇବର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂରକରିବ ଏବଂ ଯେଉଁଠାରେ ପୂର୍ବରୁ ଗ୍ରାହକଙ୍କ ହୋମ୍ ବ୍ରଡ୍‌ବ୍ୟାଣ୍ଡ ସୁବିଧା ବିଜିନ ଜଟିଳତା ତଥା ସେମାନଙ୍କ ପରିସରକୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ବିଳମ୍ବ ଘଟିବା କାରଣରୁ ଉପଲବ୍ଧ ହୋଇ ପାରୁ ନ ଥିଲା ସେଭଳି ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ଏହା ସଂଯୋଗ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଜିଓ ଏୟାରଫାଇବର ଓଡ଼ିଶାର ଭୁବନେଶ୍ୱର ଏବଂ କଟକ ଭଳି ପ୍ରମୁଖ ସହରରେ ଆନୁଷ୍ଠାନିକ ଭାବେ ଲାଇଭ୍ ହେବା ସହିତ ଉଭୟ ସହରର ସମସ୍ତ ବାସଗୃହ ଏବଂ ବ୍ୟବସାୟ ସ୍ଥଳ ବର୍ତ୍ତମାନ ଗୋଟିଏ ସମନ୍ୱିତ ସେବା ଜରିଆରେ ଉପଲବ୍ଧ। ସେହିଭଳି ଓଡ଼ିଶାରେ ଉକ୍ତ ସେବା ଆରମ୍ଭ ସହିତ ଜିଓ ଏୟାରଫାଇବର ସଂଯୋଗ ଉଭୟ ସହରର ଅନେକ ଗ୍ରାହକଙ୍କ ପରିସରରେ ସ୍ଥାପନ କରାଯାଇଥିବାବେଳେ ରାଜ୍ୟର ପ୍ରଥମ ଜିଓ ଏୟାରଫାଇବର ସଂଯୋଗ ଜିଓର ଓଡ଼ିଶା ବ୍ୟବସାୟ ମୁଖ୍ୟ ପ୍ରଦୀପ ରାଉତଙ୍କ ଠାରୁ ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ସିଏସ୍‌ଆଇଆର-ଆଇଏମ୍ଏମ୍‌ଟି ବୈଜ୍ଞାନିକ ଗ୍ରହଣ କରିଥିଲେ। ଜିଓ ଏୟାରଫାଇବର ପ୍ଲାନ୍‌ରେ ଗ୍ରାହକଙ୍କୁ ଅସୀମିତ ଡାଟା ସହିତ ୩୦ଏମ୍‌ବିପିଏସ୍ ଓ ୧୦୦ଏମ୍‌ବିପିଏସ୍ ଭଳି ୨ପ୍ରକାର ସ୍ପିଡ୍‌ର ପ୍ଲାନ୍ ଉପଲବ୍ଧ ହେଉଛି। ପ୍ରାରମ୍ଭିକ ୩୦ ଏମ୍‌ବିପିଏସ୍ ପ୍ଲାନ୍‌ର ମୂଲ୍ୟ ୫୯୯ ଟଙ୍କା ରହିଥିବାବେଳେ ୧୦୦ଏମ୍‌ବିପିଏସ୍ ପ୍ଲାନ୍‌ର ମୂଲ୍ୟ ୮୯୯ ଟଙ୍କା ରହିଛି। ଉଭୟ ପ୍ଲାନ୍‌ରେ ୫୫୦ରୁ ଅଧିକ ଡିଜିଟାଲ ଚ୍ୟାନେଲ ଓ ୧୪ଟି ଲୋକପ୍ରିୟ ମନୋରଞ୍ଜନ ଓଟିଟି ଆପ୍ ଉପଲବ୍ଧ ରହିଛି।

# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୨୧।୧୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ କୋଟି ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭୫ (୨୭୫.୬୨) ପଏଣ୍ଟ ବଢ଼ି ୬୫,୯୩୧ (୬୫,୯୩୦.୭୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୯ (୮୯.୪୦) ପଏଣ୍ଟ ବୃଦ୍ଧି ଘଟି ୧୯,୭୮୩ (୧୯,୭୮୩.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।


## ZILLA SWASTHYA SAMITI, DEOGARH
(Dept. of Health & FW, Govt. of Odisha)

No.5154 **CORRIGENDUM** Dt.18.11.23

**No.E-575:** The revised tender call notice is available in the District Website www.deogarh.nic.in. The correction made are as follows.
1. The published vide Tender No.4669, Dt.30.10.2023 last date & Time of receipt of bid documents is extended upto 30.11.2023 at 05.00 P.M. The date & Time of opening the Tender 01/12/2023 at 12.00 AM.

**Sd./- CDM & PHO -cum- District Mission Director, Deogarh**
OIPR-10113/11/0017/2324

## OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
No. B-1302 GOVERNMENT OF ODISHA
### "e" - PROCUREMENT NOTICE
### WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 38/2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Works
3. No. of Work : 02 Nos.
4. Tender Cost : Rs.10,000.00 (Online)
5. Class of Contractor : A / Special Class Contractor
6. Available of Bid document in the Website : From 10.00 A.M. of 20.11.2023 to 5.00 P.M. of 06.12.2023
7. Date of Opening of Bid : Dt.07.12.2023 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer**
**World Bank Project, Odisha**
OIPR-34003/11/0063/2324

## DIRECTORATE OF MINOR MINERALS
## STEEL AND MINES DEPARTMENT, GOVT. OF ODISHA
## LOKSEVA BHAWAN, BHUBANESWAR-751001
Tel No. 0674-2532113, e-mail: dirmms-rev@gov.in, smdirmms@gmail.com

No. DOMM-DMM-ESTT-0012-2023 -1005 Date: 18.11.2023

### TENDER NOTICE
**FOR PROVIDING OFFICE ASSISTANT SERVICE & PEON/ ATTENDANT/OFFICE SUPPORT STAFF SERVICE IN DIRECTORATE OF MINOR MINERALS, ODISHA, BHUBANESWAR THROUGH OUTSOURCING**

No.G-19: Bids in sealed cover are invited under two-bid system from reputed and experienced manpower service provider for providing Office Assistant service and Peon/Attendant/Office support staff in the Directorate of Minor Minerals, Odisha, Bhubaneswar-751001 on outsourcing basis. The details of the bidding process are as follows:

| Sl. No. | BIDDING SCHEDULE | DATELINE |
|---|---|---|
| 1 | Date of commencement of Sale of Tender Paper | 21.11.2023 |
| 2 | Last date of Issue of Tender Paper | 08.12.2023 |
| 3 | Cost of Tender document / Bid processing fee | Rs 1000/- |
| 4 | Last date of Receipt of Tender Paper (Only through Regd. Post/ Speed Post/) | 08.12.2023, 5.00 PM |
| 5 | Date of Opening of the Tender | 12.12.2023/12.30 PM |
| 6 | Place of opening tender paper | Conference Hall of the Directorate of Mines & Geology (DoMG) |
| 7 | Address to receipt of Bid documents | Directorate of Minor Minerals, Lokseva Bhawan, Odisha, Bhubaneswar-751001 |

Bidders are required to submit the Technical and Financial Bids separately. The bids in sealed **Cover-I** containing "Technical Bid" and sealed **Cover-II** containing "Financial Bid" should be placed in a third sealed cover super scribed **"BID FOR PROVIDING OFFICE ASSISTANT SERVICE & PEON/ ATTENDANT/OFFICE SUPPORT STAFF SERVICE IN DIRECTORATE OF MINOR MINERALS, ODISHA, BHUBANESWAR THROUGH OUTSOURCING"** must reach the undersigned on or before **dt.08.12.2023 by 5.00 PM by Speed Post/Registered Post only.**

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from **www.odishaminerals.gov.in.**

**Sd./-DIRECTOR OF MINOR MINERALS**
OIPR-30001/11/0001/2324 **ODISHA, BHUBANESWAR**

## OFFICE OF THE ASSISTANT DIRECTOR OF SERICULTURE, DHENKANAL
**Qr. No.- 3R/10, Near Civil Court, Dhenkanal - 759001**
**Email: ads-dhenkanal@gov.in / adsdhenkanal@yahoo.com**

No. L-157: Sealed tenders are invited from reputed dealers, Coop. & Govt. Organization for supply of Gum Boot, Secateurs, Umbrella & Torch. Interested organization may be quote their rate in separate seal covers and the tender documents which may be downloaded from the website **http://dhenkanal.nic.in**. The last date & time for received of Tender is 07.12.2023 by 05.30 P.M. failing which the related quotations shall not be considered.

The authority reserves the right to reject any or all the quotation papers without assigning any reason thereof.

**Sd./- Assistant Director of Sericulture, Dhenkanal**
OIPR-01439/11/0001/2324

## DIRECTORATE OF HANDICRAFTS, ODISHA, BHUBANESWAR
**Advertisement for re-engagement of retired Government Employees**

No. PP-64: Applications are invited from the retired field executives/ministerial officers for re-engagement of OSD on contractual basis against the vacant post of Junior Assistant (HoD) in Directorate of Handicrafts, Odisha and/Junior Assistant its field offices of the Assistant Director (Handicrafts) for a period of 01 (One) year or till the vacancies are filled up by regular process whichever is earlier.
1. The re-engagement will be as per terms and condition laid down in the Guidelines issued vide G.A. Department Resolution No. 23750 dated 27.08.2014.
2. The performance of the OSD will be reviewed periodically at an interval of six months.
3. The monthly consolidated remuneration of the OSDs will be fixed as per FDOM No. 24533 dated 29.09.2022.
4. Interested retired Government Employees may apply in the given application format by Registered Post/Speed Post which should reach to the Director of Handicrafts, Odisha, 1st Floor, HoD Building, Unit-V, Bhubaneswar - 751001 on or before 30.11.2023.
5. The application form and details of re-engagement are available in Directorate of Handicrafts, Odisha website **http://crafts.odisha.gov.in**.

OIPR-31034/11/0008/2324 **Sd./- Director of Handicrafts, Odisha**

**IN THE COURT OF CIVIL JUDGE ( SR. DIVISION (LR) BHUBANESWAR**
**M.S. No. 655 of 2007**

No.LL-59

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD., ..............Plaintiff
-:Vrs:-
A. S. Pattnaik, Proprietor Life Travels. ............Defendant

NOTICE

No. Date :

To

**A. S. Pattnaik, Proprietor Life Travels.**
Plot No. 22, Hotel Prachi Campus (Now Mariyan)
Janapath, Bhubaneswar 751001, Dist- Khordha.

Whereas, the Odisha State Cooperative Bank has brought the above noted Money Suit for passing a money Decree of Rs.6,38,012/- (Rupees six lakh thirty eight thousand twelve) only as on 30.06.2007 against you with further interest and cost.

Whereas notice issued to you returned unserved.

Now therefore, take notice through this publication to appear before the court of Civil Judge, Sr. Division (LR) Bhubaneswar on **24.11.2023 at 10.30 A.M.** to defend the case failing which the matter shall be decided on merit as per law.

By order of Sr. Civil Judge (LR)
Sr. Division, Bhubaneswar
OIPR-39012/11/0023/2324

## SAMBALPUR MUNICIPAL CORPORATION
## SAMBALPUR, Odisha - 768001
**Phone No. 0663-2411316 / E Mail:sambalpurm.hud@nic.in**

### 'e' Procurement NOTICE
**Bid Identification No: 23/SMC_SBP/2023-24**

**No.C-1883:** The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities & the set of terms & conditions of contract and other necessary documents can be seen the Govt. Website i.e. **https://tendersodisha.gov.in**
1. Name of work: **Supplying, providing, fabricating. Assembling, hoisting, Erecting, and placing in position with complete finished structure as per approved drawing for vending zone shops at Kutcha Market, Burla in Ward No-4 under Sambalpur Municipal Corporation**
2. Date & time of availability of the bid documents in the portal: From 11.00 A.M. of 16.11.2023 to 05.00 PM of 27.11.2023
3. Last Date/ Time for receipt of bids in the portal: 05.00 PM of 27.11.2023
4. Bids will be opened on: 11.00 AM of Dt. 28.11.2023
5. Name & address of the officer inviting bid: Municipal Commissioner, Sambalpur Municipal Corporation, Sambalpur

**Sd/- Commissioner**
OIPR-13122/11/0053/2324 **Sambalpur Municipal Corporation**

## ବିଜ୍ଞପ୍ତି
No. MM-288: ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ନିମନ୍ତେ ଜଣାଇ ଦିଆଯାଉଛି କି, ସ୍ୱେଚ୍ଛାକୃତ ଭାବରେ ସାପ ଉଦ୍ଧାର ଏବଂ ପୁନର୍ବାସ କରାଉଥିବା ବ୍ୟକ୍ତିମାନଙ୍କୁ ସରକାରଙ୍କ ତରଫରୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଉଅଛି। ସେଥିପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ (Snake Handler) ମାର୍ଗଦର୍ଶିକା ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଆବେଦନ କରିପାରିବେ। ଏଥି ସମ୍ବନ୍ଧୀୟ ବିସ୍ତୃତ ମାର୍ଗଦର୍ଶିକା ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଏବଂ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ତଥା ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାଧିକାରୀଙ୍କ ୱେବ୍‌ସାଇଟ୍ **(www.wildlife.odisha.gov.in)**ରେ ଉପଲବ୍ଧ ଅଛି।

ସ୍ୱା./- ବନଖଣ୍ଡ ଅଧିକାରୀ
ତଥା ବନ୍ୟପ୍ରାଣୀ ତତ୍ତ୍ୱାଧିକାରୀ, ସୁନ୍ଦରଗଡ଼ ବନଖଣ୍ଡ
OIPR-08034/11/0011/2324

## The Odisha Small Industries Corporation Ltd.
**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-2940** OSIC GST No. 21AAACO2101M1Z1

### TENDER CALL NOTICE
**Tender Notice No.6017/OSIC/MKT** **Dt.21.11.2023**

The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/Manufacturers for procurement, supply & installation of Smart Interactive Panel along with its accessories & peripherals in High Schools, High Secondary Schools and Degree Colleges of Bolangir District under Transformation of 5-T initiative of Government of Odisha. The detail specifications, quantity of the items along with terms and conditions is available in OSIC website. The bidders who have participated in tender No. 4956/ OSIC/MKT dtd.18.10.2023, if interested to participate in this tender will be exempted from Tender Paper Cost & EMD. Any corrigendum/ changes/ modifications will appear in OSIC website: **www.osicltd.in** only and all the bidders are further advised to keep referring OSIC website for any updates with reference to this advertisement.

**By order of MD**
OIPR-14073/11/0077/2324 **Sd/-General Manager (O)**

## ବିଜ୍ଞପ୍ତି
No. MM-286: ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ନିମନ୍ତେ ଜଣାଇ ଦିଆଯାଉଛି କି, ସ୍ୱେଚ୍ଛାକୃତ ଭାବରେ ସାପ ଉଦ୍ଧାର ଏବଂ ପୁନର୍ବାସ କରାଉଥିବା ବ୍ୟକ୍ତିମାନଙ୍କୁ ସରକାରଙ୍କ ତରଫରୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଉଅଛି। ସେଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ (Snake Handler) ମାର୍ଗଦର୍ଶିକା ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ବନଖଣ୍ଡ ଅଧିକାରୀ, କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁରଙ୍କ କାର୍ଯ୍ୟାଳୟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଆବେଦନ କରିପାରିବେ। ଏଥି ସମ୍ବନ୍ଧୀୟ ବିସ୍ତୃତ ମାର୍ଗଦର୍ଶିକା ବନଖଣ୍ଡ ଅଧିକାରୀ, କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ଏବଂ ବନାଞ୍ଚଳ ଅଧିକାରୀ, ଆନନ୍ଦପୁର/ଦେଓଗାଁ/ବ୍ରାହ୍ମଣୀପାଳ/ହଦଗଡ଼ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି। ତତ୍‌ସହିତ ଏହା ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ୱେବ୍‌ସାଇଟ୍ **(www.wildlife.odisha.gov.in)**ରେ ମଧ୍ୟ ଉପଲବ୍ଧ ଅଛି।

ସ୍ୱା/- ବନଖଣ୍ଡ ଅଧିକାରୀ
କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର
OIPR-08147/11/0002/2324

## GOVERNMENT OF ODISHA
No.O-1562:
## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH
E-mail Id: eerw_deogarh@yahoo.co.in
### E-Procurement Notice
**BID IDENTIFICATION NO.SEDGH-Online-10/2023-24**
1. No. of road works : (02 Nos.)
2. Estimated Cost: Rs.10.08 Lakhs and Rs.19.33 Lakhs
3. Mode of Submission of tender: Tender Shall be submitted online in www.tendersodisha.gov.in.
4. Availability of tender for online bidding:- 30.11.2023, 10.00 AM to 06.12.2023 upto 5.00 P.M.
5. Date and Time of opening of tender: 07.12.2023, 10.00 A.M.
6. Other details can be seen from the website www.tendersodisha.gov.in.
7. Corrigendum/ Addendum if any shall only be published in the above website.

**Sd./-Superintending Engineer**
**R.W.Division, Deogarh**
OIPR-25087/11/0013/2324

GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER HEAD WORKS DIVISION, SAMAL
### INVITATION FOR BIDS (IFB)
Email ID: ee.hwd.samal@gmail.com
### 'e' Procurement Notice No. SE HWD-11/2023-24

No. A-866: The Superintending Engineer, Head Works Division, Samal on behalf of Governor of Odisha invites Percentage Rate Bid in Single Cover System to be received in ONLINE MODE from eligible contractors registered with the State Government, contractors of equivalent Grade/Class registered with Central Government/MES/Railways/CPWD for execution of civil works mentioned as detailed below:

| | | | |
|---|---|---|---|
| 1 | No. of Works | : | 1 (One) No. of Civil Work |
| 2 | Name of the Work | : | Renovation of O/o. the CE & BM, BB, Samal |
| 3 | Estimated Cost | : | Approximately 42.04 lakhs |
| 4 | Cost of Tender Paper | : | Rs.6000.00 (Non-refundable) |
| 5 | EMD/Bid Security | : | Rs.43,000.00 (Refundable) |
| 6 | Class of Contractor | : | 'B' Class |
| 7 | Period of Completion of work | : | 3 Calendar Months |
| 8 | Date and time of availability of Bid Document in the website | : | From 11.00 A.M. of Dt.21.11.2023 to 5.00 P.M. of Dt.01.12.2023 in the website **(www.tendersodisha.gov.in)**. |
| 9 | Date, time and place of opening of Online tender | : | Dt.02.12.2023 at 11.00 A.M. in O/o. the Superintending Engineer, Head Works Division, Samal |
| 10 | Date, time and place for finalization of tender through Transparent Lottery System (if required) | : | Dt.05.12.2023 at 3.00 P.M. onwards in O/o. the Superintending Engineer, Head Works Division, Samal |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer Inviting Tender | : | Superintending Engineer, Head Works Division, Samal, At/P.O.: Samal Barrage Township, Dist.: Angul, Odisha, PIN - 759037, Email ID: **ee.hwd.samal@gmail.com** |

The bidders have to participate in ONLINE bidding only, further details can be seen from the e-Procurement Portal: **www.tendersodisha.gov.in**. Any addendum/ corrigendum/cancellation of tender can also be seen in the said website.

OIPR-32020/11/0010/2324 **Sd./- Superintending Engineer**
**Head Works Division, Samal**

## Government of Odisha
## Sports & Youth Services Department
### Request for Proposal
No. TT- :- Sports & Youth Services Department, Government of Odisha invites bids from reputed agencies to the RFP for engagement of Event Management Agency for District Youth Festival - Cluster IV (Balasore, Bhadrak, Jajpur, Mayurbhanj, Keonjhar) by Sports and Youth Services Department, Government of Odisha.

The details of the document are available at the below mentioned website tender https://tendersodisha.gov.in/ & https://department.sportsodisha.gov.in/tender

Interested firms/ parties/ agencies are advised to study the RfP document carefully before submitting their bid.

**Important Dates and Information:**
**Bid Publication Date - 21.11.2023**
**Pre Bid Meeting Date and Time - 23.11.2023 at 12 Noon**
**Last date and time of submission of proposal - 29.11.2023 up to 03:00 PM**
**Opening of the Technical Bid - 29.11.2023 at 04:00 PM**

OIPR-29001/11/0099/2324 **Sd/- Commissioner-cum-Secretary**

## Government of Odisha
## Sports & Youth Services Department
### Request for Proposal
No. TT- :- Sports & Youth Services Department, Government of Odisha invites bids from reputed agencies to the RFP for engagement of Event Management Agency for District Youth Festival - Cluster III (Cuttack, Jagatsinghpur, Kendrapada, Khordha, and Puri) by Sports and Youth Services Department, Government of Odisha.

The details of the document are available at the below mentioned website tender https://tendersodisha.gov.in/ & https://department.sportsodisha.gov.in/tender

Interested firms/ parties/ agencies are advised to study the RfP document carefully before submitting their bid.

**Important Dates and Information:**
**Bid Publication Date - 21.11.2023**
**Pre Bid Meeting Date and Time - 23.11.2023 at 12 Noon**
**Last date and time of submission of proposal - 29.11.2023 up to 03:00 PM**
**Opening of the Technical Bid - 29.11.2023 at 04:00 PM**

OIPR-29001/11/0098/2324 **Sd/- Commissioner-cum-Secretary**

## DIRECTORATE OF AGRICULTURE & FOOD PRODUCTION, ODISHA
### CORRIGENDUM
**EXTENSION OF DEADLINE FOR REQUEST FOR PROPOSAL FOR SELECTION OF PUBLIC / PRIVATE SEED PRODUCING COMPANIES FOR PRODUCTION OF SEEDS OF PADDY AND NON-PADDY CROPS IN SELECTED GOVT. AGRIL. FARMS THROUGH PPP MODE**

No. L-158:- **Reference to the advertisement published in Indian Express, Sambad, Prameya dated 01.11.2023, pertaining to the Request for Proposal (RFP) for selection of public / private seed producing companies for production of seeds of paddy and non-paddy crops in selected Govt. agril. farms through PPP mode.The bid submission deadline has been extended from 22.11.2023 to 14.12.2023 up to 4.30 PM.** The detailed RFP document can be downloaded from the website: **agrisnetodisha.ori.nic.in / agriodisha.nic.in**.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

**Sd./- Director of Agriculture &**
OIPR-01510/11/0005/2324 **Food Production, Odisha**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଘର ବିକି ଜଙ୍ଗଲରେ ଜୀବନ

**ୱାଶିଂଟନ**

ଟଙ୍କାର ଅଭାବ କାରଣରୁ ଲୋକେ ଭଲ ଘର ଖଣ୍ଡେ ନ କରିପାରି ଖାଟିମାଟି ଘରେ ଜୀବନ ବିତାନ୍ତି। ହେଲେ ବିଦେଶରେ ପରିସ୍ଥିତି ଅଲଗା। ଏଠାରେ ଲୋକେ ସବୁକିଛି ଛାଡ଼ିକି ପ୍ରାକୃତିକ ସ୍ଥାନରେ ଜୀବନ ବିତାଇବାକୁ ଚାହାନ୍ତି। ଆମେରିକାର ଏକ ଦମ୍ପତି ଏପରି କରିଥିବା ଖବର ମିଳିଛି। ସେ ତାଙ୍କର ସମସ୍ତ ସମ୍ପତି ବିକ୍ରି କରି ଜଙ୍ଗଲରେ ଜୀବନ ଅତିବାହିତ କରୁଛନ୍ତି। ପ୍ରକୃତରେ ଲୋକେ ଆରାମଦାୟକ ଘର କରିବାକୁ ତାଙ୍କ ସାରା ଜୀବନ ପରିଶ୍ରମ କରିଥାନ୍ତି। କିନ୍ତୁ ୬୧ ବର୍ଷୀୟ ଜନ୍ କେରନୋହାନ୍ ଏବଂ ତାଙ୍କ ସ୍ତ୍ରୀ ୪୪ ବର୍ଷୀୟା ଫିନ୍ ଜଙ୍ଗଲରେ ଏକ କେବିନ ତିଆରି କରି ରହୁଛନ୍ତି। ସେମାନଙ୍କ କହିବା କଥା ଏପରି ଜୀବନ ବଞ୍ଚିବା ସବୁଠୁ ଭଲ ନିଷ୍ପତି। ସେମାନେ ଗତ ୧୨ ବର୍ଷ ଧରି ଜଙ୍ଗଲରେ ରହୁଛନ୍ତି। ଏବଂ ଏପରି ଜୀବନଶୈଳୀକୁ ସେମାନେ



ବେଶ ଖୁସିରେ କାଟୁଛନ୍ତି। ଜନ୍ ଏବଂ ଫିନ୍‌ଙ୍କ ୨୦୧୦ରେ ପ୍ରଥମ ଥର ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଦେଖା ହୋଇଥିଲା। ପରେ ଦୁହେଁ ଦୁହିଁଙ୍କୁ ଭଲପାଇ ବସିଲେ। ଜନ୍ ଆମେରିକାର ମିୟାମିର ବାସିନ୍ଦା ହୋଇଥିବାବେଳେ ଫିନ୍ ଥାଇଲାଣ୍ଡର ବାସିନ୍ଦା। ହେଲେ ଉଭୟ ଲଣ୍ଡନ ରୁହନ୍ତି। ୨ ବର୍ଷର ଡେଟିଂ ପରେ ଦୁହେଁ ୨୦୧୨ରେ ବିବାହ କରିଥିଲେ। ଡେଟିଂ ସମୟରେ ସେମାନେ କିଛି ଦିନ ଏକ ଛୋଟ ଡଙ୍ଗାରେ ରହିଥିଲେ। ତାହା ସେମାନଙ୍କୁ ବହୁତ ଭଲ ଲାଗିଥିଲା। ପରେ ଜନ୍ ମିୟାମିର ଘର ବିକି ଜଙ୍ଗଲରେ ଏକ କେବିନରେ ରହିବାକୁ ନିଷ୍ପତି ନେଲେ। ଉଭୟ ନିଜ ଘର ଛାଡ଼ି ଏବେ ୩୦୪ ବର୍ଗଫୁଟ ଅଞ୍ଚଳର ଏକ କେବିନ୍‌ରେ ତାଙ୍କ ଜୀବନ ଅତିବାହିତ କରୁଛନ୍ତି। ସାଢେ ୫ ଲକ୍ଷ ଟଙ୍କା ଦେଇ ସେହି ଜାଗାକୁ କିଣିଥିଲେ। ସେମାନେ ଏହାର ଆଖପାଖ ଅଞ୍ଚଳ ମଧ୍ୟ କିଣି ନେଇଛନ୍ତି। ସେଠାରେ ଅନେକ କେବିନ ମଧ୍ୟ ପ୍ରସ୍ତୁତ କରିଛନ୍ତି। ସେମାନେ ଥର୍ମାଲ ଏବଂ ସୋଲାର ଶକ୍ତି ବଳରେ ବିଦ୍ୟୁତ୍‌ର ଉପଯୋଗ କରୁଛନ୍ତି। ତାଙ୍କ ଛୋଟ କେବିନକୁ ଅନ୍ୟମାନଙ୍କୁ ଭଡ଼ା ଦେବା ଆରମ୍ଭ କରିଦେଇଛନ୍ତି। ଏଥିରୁ ତାଙ୍କ କିଛି ରୋଜଗାର ମଧ୍ୟ ହେଉଛି।

# ସାପକୁ ଭଲ ପାଆନ୍ତି ଅନନ୍ୟା




**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ କିଛି ଦିନ ହେବ ପ୍ରେମିକ ଆଦିତ୍ୟ ରୟ କପୁରଙ୍କ ସହ ଡେଟିଂକୁ ନେଇ ଚର୍ଚ୍ଚାରେ ଥିଲେ। ହେଲେ ଏବେ ସେ ଆଉ କିଛି କାରଣ ପାଇଁ ସମସ୍ତଙ୍କ ନଜରକୁ ଆସିଛନ୍ତି। ନିକଟରେ ଅନନ୍ୟାଙ୍କ କିଛି ପୋଷ୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଫଟୋଗୁଡ଼ିକରେ ଅନନ୍ୟା ତାଙ୍କ ହାତରେ ଏକ ଅଜଗର ପରି ଦେଖାଯାଇଥିବା ଏକ ବିଷଧର ସାପ ସହିତ ଖେଳୁଥିବା ନଜରକୁ ଆସିଛନ୍ତି। ଏପରିକି ସାପଙ୍କ ସହିତ ଫଟୋ ପୋଷ୍ଟ କରି ସେ କ୍ୟାପ୍ସନରେ ଲେଖିଛନ୍ତି, ସେ ସାପକୁ ବହୁତ ପସନ୍ଦ କରନ୍ତି, ସାପ ତାଙ୍କର ପ୍ରିୟ ପ୍ରାଣୀ। ଏଥିସହ କୁକୁରକୁ ମଧ୍ୟ ସେ ଅତ୍ୟନ୍ତ ଭଲ ପାଆନ୍ତି। ଏହା ଅନନ୍ୟାଙ୍କ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। କିଛି ଦିନ ତଳେ ଅନନ୍ୟା ମୁକେଶ ଅମ୍ବାନିଙ୍କ ନାତିଙ୍କ ଜନ୍ମଦିନ ପାର୍ଟିରେ ଉପସ୍ଥିତ ଥିବାବେଳେ ଏପରି ଫଟୋ ଉଠାଇଥିବା ଜଣାପଡ଼ିଛି। ତାଙ୍କର ଏହି ଫଟୋରେ ଅନେକେ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି। ତେବେ ଅନନ୍ୟା ୨୦୧୯ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ତାଙ୍କୁ ସିନେମା 'ଡ୍ରିମ ଗର୍ଲ ୨'ରେ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଛି।

# ଦୌଡ଼ ପ୍ରତିଯୋଗିତାରେ ଦମ୍ପତିଙ୍କ କମାଲ

**ଡେରାଡୁନ**

ଛୋଟବେଳୁ ସମସ୍ତେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଅନେକ ପୁରସ୍କାର ଜିତିଥାନ୍ତି। ବୟସ ବଢିବା ସହିତ ସେଥିରେ କମି ଦେଖିବାକୁ ମିଳିଥାଏ। ହେଲେ ନିକଟରେ ଦମ୍ପତିଙ୍କୁ ୬୦ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଛୋଟ ପିଲାଙ୍କ ପରି ପ୍ରତିଯୋଗିତାରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ଉତ୍ତରାଖଣ୍ଡର ଅମଲୋରାରେ ରହୁଥିବା ଦମ୍ପତି ପୁରନ ଚନ୍ଦ୍ର ଭଟ୍ଟ ଓ ତାଙ୍କ ସ୍ତ୍ରୀ କମଳା ଭଟ୍ଟ ଉତ୍ତରାଖଣ୍ଡ ମାଷ୍ଟର ଆଥ୍‌ଲେଟ୍‌ସ ଆଣ୍ଡ ସ୍ପୋର୍ଟ୍ସ ଡେଭଲପମେଣ୍ଟ କମ୍ପିଟିଶନରେ ମେଡାଲ ଜିତିଛନ୍ତି। ପୁରନଙ୍କୁ ୭୨ ବର୍ଷ ହୋଇଥିବାବେଳେ କମଳାଙ୍କୁ ୬୨ବର୍ଷ। ସେମାନେ ରୁଦ୍ରପୁରରେ ହୋଇଥିବା



ଏହି ପ୍ରତିଯୋଗିତାରେ ପ୍ରତିଭାର ପ୍ରଦର୍ଶନ କରିଥିଲେ। ପୁରନ ୫ କି.ମି. ଦୌଡ଼ ଏବଂ ୫କି.ମି. ଚାଲିବାରେ ସ୍ୱର୍ଣ୍ଣ ପଦକ ଏବଂ ୮୦୦ ମିଟର ଦୌଡ଼ରେ ଗୋଟେ କାଂସ୍ୟ ପଦକ ଜିତିଛନ୍ତି। କମଳା ୪୦୦ ମିଟର, ୨୦୦ ମିଟର ଏବଂ ୧୦୦ ମିଟର ଦୌଡ଼ରେ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଉକ୍ତ ଦମ୍ପତିଙ୍କ ଏପରି କାମକୁ ସମସ୍ତେ ସଲାମ କରିଛନ୍ତି। ତେବେ ପୁରନ କହିଛନ୍ତି, ସେ ସବୁଦିନ ସକାଳେ ୬ କି.ମି. ଦୌଡ଼ନ୍ତି। କମଳା କହିଛନ୍ତି, ତାଙ୍କୁ ଯେତେବେଳେ ସମୟ ମିଳେ ସେ ମଧ୍ୟ ଏକ୍ସରସାଇଜ କରନ୍ତି। ମାସରେ ଦୁଇଥର ସେ ମଧ୍ୟ ଦୌଡ଼ିଥାନ୍ତି। ଦମ୍ପତିଙ୍କ କହିବା କଥା ସମସ୍ତେ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ରୁଦ୍ରପୁରର ପ୍ରତିଯୋଗିତା ପରେ ହାଇଦ୍ରାବାଦରେ ଏହାର ଜାତୀୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଯେଉଁଥିରେ ଦମ୍ପତି ଭାଗ ନେବେ। ଏଥିପାଇଁ ସେମାନେ ପ୍ରସ୍ତୁତି ଚଳାଇଛନ୍ତି।

# ଆତ୍ମରକ୍ଷା ପାଇଁ ଶିକାରୀକୁ ରକ୍ତ ଛାଡ଼େ



**ୱାଶିଂଟନ୍**

ମେକ୍ସିକୋ ଏବଂ ଆମେରିକାରେ ଏକ ଅଜବ ପ୍ରକାରର ଝିଟିପିଟି ଦେଖିବାକୁ ମିଳିଥାଏ। ଯାହାର ନାମ ରିଗଲ ହର୍ନ ଲିଜାର୍ଡ। ଏହି ଜୀବଟି ଶିକାରୀଙ୍କଠାରୁ ବଞ୍ଚିବାକୁ ଏକ ଭିନ୍ନ ପ୍ରକାରର ଉପାୟ ଆପଣାଇଥାଏ। ଝିଟିପିଟି ତା' ଆଖିରୁ ଶିକାରୀ ଉପରକୁ ରକ୍ତ ଧାର ଛାଡ଼ି ନିଜକୁ ରକ୍ଷା କରେ। ଏହା ଫଳରେ ଶିକାରୀ ତା' ଆଖପାଖକୁ ବି ଆସେନି। ନିକଟରେ ଏହି ଝିଟିପିଟିର ଏକ ଭିଡିଓ ଦେଖିବାକୁ ମିଳିଛି। ପ୍ରକୃତି ଦ୍ୱାରା ମିଳିଥିବା ଏପରି ଅଦ୍ଭୁତ କ୍ଷମତା ପାଇଁ ରିଗଲ ହର୍ନ ଲିଜାର୍ଡ ତା' ଆଖି ପଛରେ ରକ୍ତ ଜମା କରିପାରେ। ଯେତେବେଳେ ଅସୁବିଧା ଆସେ, ସେତେବେଳେ ସେ ଆଖିରେ ଜମା ରଖିଥିବା ରକ୍ତକୁ ଶିକାରୀ ଉପରକୁ ଛାଡ଼ିଥାଏ। ରିପୋର୍ଟ ମୁତାବକ, ଏହି ଝିଟିପିଟି ପିମ୍ପୁଡ଼ିକୁ ଖାଇଥାଏ। ଏମାନଙ୍କ ରକ୍ତର ସ୍ୱାଦ କଡ଼ା ହୋଇପାରେ। ସେ ରକ୍ତର ଧାର ଶିକାରୀ ଉପରକୁ ଛାଡ଼ିବା ଫଳରେ ଶିକାରୀ ତା' ପାଖରୁ ଦୂରେଇ ଯାଏ। ଏହି ଝିଟିପିଟିର ବୈଜ୍ଞାନିକ ନାମ ହେଉଛି ରାଇନୋସୋମା ସୋଲାରେ। ଏହାର ଶରୀର ବେଙ୍ଗ ସଦୃଶ ହେବା ସହ କଣ୍ଟା କଣ୍ଟା ଭଳି ଆବରଣ ରହିଥାଏ। ହେଲେ ଏମାନେ ବେଙ୍ଗ ପରି ଉଭୟଚର ନୁହନ୍ତି। ଏମାନଙ୍କ ଲାଞ୍ଜ ଛୋଟ ଏବଂ ଚଉଡ଼ା ହୋଇଥାଏ। ମୁଣ୍ଡରେ ଥିବା ମକୁଟ ପାଇଁ ତା'ର ନାମ ରିଗଲ ହର୍ନ ଲିଜାର୍ଡ ହୋଇଛି।


# Classified Everyday
**0674-2580101, 2549949**



MATRIMONIAL

## BRIDE WANTED

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11'' 30, parent well established in BBSR. Contact: 9437281290, 7077549777. D-1473

Karan boy 45, Class-1 officer PM- 2.5 Lakh. 'SUHAG' 9938199964, 9090486408. D- 1849

## GROOM WANTED

ବୟସ 30 Private School ଚାକିରି, କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ, 8984072499. D-75307

42 ବର୍ଷ, Central water housing commission ଅଛନ୍ତି। 60,000/-, Divorcee ଝିଅପାଇଁ ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8455853154. D-1848



REAL ESTATE

## SALE

**Land for sale at Balasore. Plot 340, Khata 198, Village Sahupada, Sardarpal, Sanamalaka, 82 Decimals near Balasore Baripada National- Highway Five and Residential Plot 655, Khata 353 near Harihat Village Sindhia, Balasore Town, 19 Decimals. Please contact - 7656861995, 8984692488.** D-71695

2634sqft. stitiban gharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

**Nakhara Trinath Bazar** ପାଖ **sqft.-950 to 2000/-** ଘରବାରି, **Electricity** ଥାଇ ତୁରନ୍ତ ଘରକରି ପାରିବେ, **9178704897.** D-75271

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରି ହେବ – **9437205314, 9937513595.** D-75265

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

**Jagannath Nagar (Jharapada), Mahadev Nagar, Lane 1 Gharabari total Boundary, plot 2200sqft, out house, boring, @ 3500 per sqft. 8249502453, 9348299825.** D-1825



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly healthcare benefited SPA experience therapist in Bhubaneswar. Contact: 9938843929. D-75170

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

## AFFIDAVIT

By virtue of an affidavit sworn before the Notary Public, Bhubaneswar on 16th November 2023, I Prakash Gurung, aged about 37 years, S/o-Kiran Gurung and Ravi Ijack, presently residing at Plot No- 1731, Lingipur, PO- Sisupalgarh, PS- Dhauli, Bhubaneswar-751002, Dist.- Khordha, Odisah have changed my name from Prakash Ijack to Prakash Gurung. Henceforth, I shall be known as Prakash Gurung for all the future purposes.
(Prakash Gurung) D-1854

I, Abhilipsa Subhadarsini, W/o Biswajit Panda, resident of plot No-215, Subhadravihar, Nuagaon, PS- Dhauli, Dist.- Khordha, BBSR, PIN- 751002 Odisha, declare by this affidavit No. 38 dtd 08.07.2019, that now onwards I shall be known as Abhilipsha Subhadarsini for all future purposes. D-75063

I, Ippili Sushma, W/o- I. Nageswar Rao, Qtr. No-. 9/6 JKPM Colony, Jaykaypur, P.O- Chandili, 765017, Rayagada, Odisha declare by this affidavit Notary Public, Rayagada No. 10691/2023 dated 18/10/2023 that I have changed my name from Ippili Sushma to Ippili Prabhavathi for all purposes. D-1855

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଗୋପୀନାଥ ପଣ୍ଡା**

ଟେଲି କମ୍ୟୁନିକେଶନ ଇଞ୍ଜିନିୟର,
N6-505, ଜୟଦେବ ବିହାର, ଭୁବନେଶ୍ୱର

ତିରୋଧାନ: କାର୍ତ୍ତିକ ବଡ଼ ଦଶମୀ

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ପଣ୍ଡା ପରିବାର।

ଧ-୧୮୪୭

# 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ଶୁଭାରମ୍ଭ

**୫-ଟି ଉପକ୍ରମରେ କାର୍ଯ୍ୟକାରୀ ହେବ**

- ୧୬ କାର୍ଯ୍ୟକ୍ରମରେ ଏବର୍ଷ ଖର୍ଚ୍ଚ ହେବ ୪୪୮ କୋଟି
- ଉପକୃତ ହେବେ ୧ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ, ୫୦ ହଜାରରୁ ଅଧିକ ମାଛଚାଷୀ, ୧୧ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ଭୁବନେଶ୍ୱର,୨୧।୧୧ (ଅନିଲ ଦାସ)

ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ମତ୍ସ୍ୟଜୀବୀମାନଙ୍କ ପାଇଁ ୧୬ଟି କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ଏଥିପାଇଁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟରେ ପ୍ରଚୁର ଜଳସମ୍ପଦ ରହିଛି। ଅର୍ଥନୀତିର ବିକାଶ ପାଇଁ ଜଳସମ୍ପଦର ପୂର୍ଣ୍ଣ ବିନିଯୋଗ ଆମର ଲକ୍ଷ୍ୟ। ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା, ମତ୍ସ୍ୟଜୀବୀଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା, ମା'ମାନଙ୍କୁ ସଶକ୍ତ କରିବା ଏବଂ ସର୍ବୋପରି ରାଜ୍ୟର ଆର୍ଥିକ ବିକାଶ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହାର ସୁଯୋଗ ନେଇ ନିଜର ତଥା ରାଜ୍ୟର ସମୃଦ୍ଧିରେ ଯୋଗଦାନ ରଖିବାକୁ ସେ ଆହ୍ୱାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏ ସବୁ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବ। ଏହି କାର୍ଯ୍ୟକ୍ରମ ଆମର ୫-ଟି ନୀତିରେ କାର୍ଯ୍ୟକାରୀ କରାଯିବ। ଏଥିରେ ୧୧,୦୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୫୦ ହଜାର ମାଛଚାଷୀ ଓ ୧ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଉପକାର ପାଇବେ ବୋଲି ସେ କହିଥିଲେ। ଗତ ୨୦ ବର୍ଷ ଭିତରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ୪ ଗୁଣ ବୃଦ୍ଧିପାଇଛି। ସାମୁଦ୍ରିକ ମତ୍ସ୍ୟ ରପ୍ତାନି ୪,୫୦୦ କୋଟି ଟଙ୍କାରେ ପହଞ୍ଚିଛି। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶା ମତ୍ସ୍ୟନୀତି-୨୦୧୫ ଏବଂ ଓଡ଼ିଶା ଜଳଭଣ୍ଡାର ମତ୍ସ୍ୟନୀତି-୨୦୧୨ ଆଣିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଥିବାବେଳେ ଓଡ଼ିଶା ମାଛ ଯାଁଳ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି ବୋଲି ସେ କହିଛନ୍ତି। ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ଓ ଗରିବ ଲୋକଙ୍କ କଲ୍ୟାଣ ପାଇଁ ମୋ ସରକାର କାମ କରୁଛି। ମତ୍ସ୍ୟଜୀବୀମାନଙ୍କ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ରୋଜଗାର ଓ ପୁଷ୍ଟିକୁ ଅଧିକ ଗୁରୁତ୍ୱ ଦେଇ ଅନେକ ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀ ଜନତାଙ୍କ କଲ୍ୟାଣ ପାଇଁ ସବୁବେଳେ ନୂଆ ନୂଆ ଯୋଜନା କରିଆସିଛନ୍ତି। ବିଶ୍ୱ ମତ୍ସ୍ୟ ଦିବସରେ ଏହି ଯୋଜନା ରାଜ୍ୟର ମତ୍ସ୍ୟ କ୍ଷେତ୍ରରେ ରୂପାନ୍ତର ଆଣିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଗଞ୍ଜାମ ଜିଲାର ମତ୍ସ୍ୟଜୀବୀ ବ୍ରହ୍ମାନନ୍ଦ ଦାସ କହିଛନ୍ତି, କୋଭିଡ୍ ସମୟରେ ତାଙ୍କର ରୋଜଗାର ବନ୍ଦ ହୋଇଯିବାରୁ ସେ ମତ୍ସ୍ୟଜୀବୀମାନଙ୍କ ପାଇଁ ବାୟୋଫ୍ଲକ ଯୋଜନାରେ ୪୦ ପ୍ରତିଶତ ରିହାତି ପାଇ ମାଛଚାଷ ଆରମ୍ଭ କରିଥିଲେ। ଏବେ ସେ ଲକ୍ଷାଧିକ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ବାଲେଶ୍ୱରର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଗୀତାରାଣୀ ପଣ୍ଡା, ପୁରୀ ଜିଲାର ମତ୍ସ୍ୟଜୀବୀ ବ୍ରଜସୁନ୍ଦର ବେହେରା ଯୋଜନାର ଲାଭ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ସମବାୟ ସଚିବ ଅରବିନ୍ଦ ଅଗ୍ରୱାଲ, କୃଷି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାର ଜିଲାପାଳ ଓ ମତ୍ସ୍ୟଜୀବୀମାନେ ଅନ୍‌ଲାଇନ ଜରିଆରେ ଯୋଡ଼ି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ମତ୍ସ୍ୟ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।



# ଲକ୍ଷ୍ମୀ ପରିବହନ କୁଇଜ୍ କାର୍ଯ୍ୟକ୍ରମ ଜ୍ଞାନ ଆଦାନ ପ୍ରଦାନର ଉତ୍ସବ: ଅତିରିକ୍ତ ସଚିବ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଲକ୍ଷ୍ମୀ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ନିରନ୍ତର ପରିବହନ ସେବା ମାଧ୍ୟମରେ ଗ୍ରାମାଞ୍ଚଳ ସହ ସହରାଞ୍ଚଳ ମଧ୍ୟରେ ଥିବା ପରିବହନ ବ୍ୟବଧାନକୁ ଦୂରକରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ସାର୍ବଜନୀନ ପରିବହନ କ୍ଷେତ୍ରରେ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର ଭୁବନେଶ୍ୱରଠାରେ ଲକ୍ଷ୍ମୀ ପରିବହନ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍ସାହର ସହ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ କହିଛନ୍ତି, ଲକ୍ଷ୍ମୀ ପରିବହନ କୁଇଜ କାର୍ଯ୍ୟକ୍ରମ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଜ୍ଞାନର ଆଦାନ ପ୍ରଦାନର ଏକ ଉତ୍ସବ। ନିରନ୍ତର ପରିବହନ ସମାଧାନ ବିଷୟରେ ବାର୍ତ୍ତାଳାପରେ ଯୁବ ପିଢ଼ିକୁ ସାମିଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ବହୁ ଛାତ୍ରୀଛାତ୍ର କୁଇଜ୍ ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବାରୁ ସେ ଧନ୍ୟବାଦ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ପରିବହନ କ୍ଷେତ୍ରରେ ଲକ୍ଷ୍ମୀ ଯୋଜନା ଏକ ପରିବର୍ତ୍ତନକାରୀ ପଦକ୍ଷେପ ଏବଂ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶରେ ଲକ୍ଷ୍ମୀ ବସ୍ ଯୋଜନା କିପରି ସକାରାତ୍ମକ ପ୍ରଭାବ ପକାଉଛି ତାହା ଆଲୋଚନା କରିଛନ୍ତି। ପ୍ରଖ୍ୟାତ କୁଇଜ୍ ମାଷ୍ଟର ବିଭାସ ରଥ ଦକ୍ଷତାର ସହ ଏହି କୁଇଜ୍ ପରିଚାଳନା କରିଛନ୍ତି। କୁଇଜ୍ କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ଏହି କର୍ଯ୍ୟକ୍ରମରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଶିକ୍ଷାନୁଷ୍ଠାନର ୫୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନିରନ୍ତର ପରିବହନ କ୍ଷେତ୍ରରେ ସଚେତନତା ଏବଂ ଆଗ୍ରହ ସୃଷ୍ଟି ପାଇଁ ଏହି କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏଥିରେ ସାର୍ବଜନୀନ ପରିବହନ ବ୍ୟବସ୍ଥା ସମ୍ବନ୍ଧୀୟ ସମସ୍ୟାଠାରୁ ଆରମ୍ଭକରି ଏହି କ୍ଷେତ୍ରରେ ନୂତନ ଉଦ୍ଭାବନ ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଛି। ଶେଷରେ କୁଇଜ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ପୁରସ୍କୃତ କରାଯାଇଛି।

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ନେଇ ଶାସକ ଦଳକୁ ଘେରିବ କଂଗ୍ରେସ



କଂଗ୍ରେସର ବିଧାୟକ ଦଳର ବୈଠକରେ ଉପସ୍ଥିତ ବିଧାୟକ ଓ ପିସିସି ସଭାପତି।

**କଂଗ୍ରେସ ବିଧାୟକ ଦଳ ବୈଠକ**

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

କଂଗ୍ରେସ ବିଧାୟକ ଦଳ ବୈଠକ ମଙ୍ଗଳବାର ବିଧାନସଭାର ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଂଗ୍ରେସ କେଉଁସବୁ ପ୍ରସଙ୍ଗରେ ଗୃହରେ ଶାସକ ଦଳକୁ ଘେରିବ ସେନେଇ ନିଜର ରଣନୀତି ପ୍ରସ୍ତୁତ କରିଛି। ଆଦିବାସୀ ଜମି ସମ୍ବନ୍ଧରେ ରାଜ୍ୟ ସରକାର ନିକଟରେ ଆଣିଥିବା କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କଂଗ୍ରେସ ବିଧାୟକ ଦଳ ବୈଠକରେ ଗୁରୁତ୍ୱ ଦେଇଛି। ସେହିପରି ବୁଧବାର ଗୃହରେ କଂଗ୍ରେସ ବିଧାୟକମାନେ ଭକ୍ତମାନଙ୍କ ଲାଗି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯାଉ କଥାକୁ ମୁଖ୍ୟ ପ୍ରସଙ୍ଗ କରିବା ନେଇ ସ୍ଥିର କରାଯାଇଥିବା କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି।

ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ରାଜ୍ୟ ସରକାର ଆଦିବାସୀମାନଙ୍କ ସହ ବିଶ୍ୱାସଘାତକତା କରିବାକୁ ଚେଷ୍ଟା କରିଛନ୍ତି। ସେମାନଙ୍କ ଜମିକୁ ଅଣଆଦିବାସୀମାନଙ୍କୁ ବିକ୍ରି କରାଯାଇପାରିବ ବୋଲି ନିଷ୍ପତ୍ତି ନେଇଥିଲେ। ଚାପରେ ପଡି ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରକିବାକୁ ବାଧ ହୋଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ନିଷ୍ପତ୍ତିକୁ ବାତିଲ କରିବାକୁ ଦଳ ଦାବି ରଖିବ। ଯଦି ସରକାର ଚାହୁଁଛନ୍ତି ତେବେ ପେସା ଆଇନ ଲାଗୁ କରନ୍ତୁ। ଗ୍ରାମସଭା, ପଲ୍ଲିସଭା ନ କରି ଯେପରି ଆଦିବାସୀମାନଙ୍କ ଜମି ଶିଳ୍ପ କାରଖାନାକୁ ହସ୍ତାନ୍ତର କରିଦେଉଛନ୍ତି ସେପରି କାର୍ଯ୍ୟକୁ ବିରୋଧ କରାଯିବ ବୋଲି ସେ କହିଛନ୍ତି। ସେହିପରି ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଗଣତି, ବେଦାନ୍ତ ଅଧିକୃତ ଜଗନ୍ନାଥଙ୍କ ଅମୃତମଣୋହି ଜମି ଏବଂ ଚାଷୀଙ୍କ ଜମିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଫେରସ୍ତ କରିବା କଥା ଉପରେ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଅନ୍ୟପଟେ ମଣ୍ଡି ନ ଖୋଲିବା କାରଣରୁ ଧାନ ବିକ୍ରି ନ ହୋଇପାରିବା, ଅଭାବି ବିକ୍ରି, ବେକାରି ସମସ୍ୟା, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆଦି ପ୍ରସଙ୍ଗ ନେଇ କଂଗ୍ରେସ ଗୃହରେ ଶାସକ ଦଳକୁ ଘେରିବା ନେଇ ବୈଠକରେ ଚୁଡାନ୍ତ ହୋଇଥିବା ସାଲୁଜା କହିଛନ୍ତି। ବୈଠକରେ ୭ ଜଣ ବିଧାୟକ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଉପସ୍ଥିତ ଥିଲେ।

# ରାଜସ୍ଥାନରେ ଜାତି ଜନଗଣନା ପାଇଁ କଂଗ୍ରେସର ପ୍ରତିଶ୍ରୁତି

ଜୟପୁର,୨୧।୧୧(ପି.ଟି.)

ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ମଙ୍ଗଳବାର ଇସ୍ତାହାର ପ୍ରକାଶ କରିଛି। ଏଥିରେ ଜାତି ଜନଗଣନା ସମେତ ଚାଷୀ ଓ ଯୁବବର୍ଗଙ୍କ ପାଇଁ ଅନେକ ଯୋଜନାର ପ୍ରତିଶ୍ରୁତି ଦିଆଯାଇଛି। ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହ ପଞ୍ଚାୟତ ସ୍ତରରେ ନିଯୁକ୍ତି ଲାଗି ନୂଆ ଯୋଜନା କାର୍ଯ୍ୟକାରୀ ହେବ ବୋଲି କଂଗ୍ରେସ କହିଛି। ସେହିପରି ଚିରଞ୍ଜୀବୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ ହିତାଧିକାରୀଙ୍କୁ ବାର୍ଷିକ ୨୫ ଲକ୍ଷ ପରିବର୍ତ୍ତେ ୫୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ସୁବିଧା ମିଳିବ। କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ। ଜାତି ଜନଗଣନା ପରେ ସଂଖ୍ୟାଲଘୁମାନଙ୍କୁ ସେମାନଙ୍କ ସଂଖ୍ୟା ଆଧାରରେ ସଂରକ୍ଷଣ ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ପ୍ରଦେଶ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ସିଂ ଦୋତାସ୍ରା, ଇସ୍ତାହାର କମିଟି ଅଧ୍ୟକ୍ଷ ସି.ପି. ଜୋଷୀ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ମିଳିତ ଭାବେ ଦଳୀୟ ଇସ୍ତାହାରକୁ ଉନ୍ମୋଚନ କରିଥିଲେ। ଚାଷୀମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ସମବାୟ ବ୍ୟାଙ୍କରୁ ଯୋଗାଇ ଦିଆଯିବା ସହ ସ୍ୱାମୀନାଥନ କମିଶନଙ୍କ ସୁପାରିସ ଅନୁଯାୟୀ ସେମାନଙ୍କ ଉତ୍ପାଦିତ ଶସ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦିଆଯିବ ବୋଲି ଇସ୍ତାହାରରେ କୁହାଯାଇଛି।



ଜୟପୁରଠାରେ କଂଗ୍ରେସ ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରାଯାଉଛି।

# ବୈଦେଶ୍ୱର ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ୩୫୦ କୋଟି ମଞ୍ଜୁର

**ଉପକୃତ ହେବେ ବଡ଼ମ୍ବା, ବାଙ୍କୀ, ଭାପୁର ଜନସାଧାରଣ**

ଭୁବନେଶ୍ୱର,୨୧।୧୧ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଜିଲାର ମହାନଦୀରେ ବୈଦେଶ୍ୱର ନଦୀଗର୍ଭ ଜଳାଶୟ ପ୍ରକଳ୍ପ ପାଇଁ ଗୋଟିଏ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ମଙ୍ଗଳବାର ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୩ଟି ବ୍ଲକର ଲୋକେ ଉପକୃତ ହେବେ। ଭୂତଳ ଜଳସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛଚାଷ, ପଶୁପାଳନ ଆଦି କ୍ଷେତ୍ରରେ ଏହି ପ୍ରକଳ୍ପ ବିଶେଷ ସହାୟକ ହେବ। ବୈଦେଶ୍ୱର ପ୍ରକଳ୍ପ ଦ୍ୱାରା ବଡ଼ମ୍ବା, ବାଙ୍କୀ ଓ ଭାପୁର ବ୍ଲକର ଜନସାଧାରଣ ଉପକୃତ ହେବେ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କଟକ ଜିଲା ଗସ୍ତ କରିଥିଲେ। ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।


**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**

AT-MATIAGARH CHHAKA, PO-K. JASHIPUR, DIST-MAYURBHANJ, ODISHA-757091

Tel: - 06797-295030, Email-dfo.similipalnorthwl@odisha.gov.in/ddsimilipalnorth@gmail.com

Office Order No.94, Date:18.11.2023

01st Corrigendum to Bid invited vide this Office Tender Call Notice No.91, dtd.17.11.2023

No.MM-283:In pursuance to this Office Tender Call Notice No.91,dtd.17.11.2023, the following changes have been made in NIT & DTCN.

| Sl.No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5. | Estimated Cost | Rs.72,24,000/- | Rs.60,78,229/- |
| 9. | Receipt of bid cost, bid security, documents | Earnest Money Deposit (EMD) of Rs.72,240/- (Rupees Seventy Two Thousand Two Hundred Forty) Only shall be submitted alongwith Tender, EMD, will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur | Earnest Money Deposit (EMD) of Rs.60,782/- (Rupees Sisty Thousand Seven Hundred Eighty Two) Only shall be submitted alongwith Tender, EMD, will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur |

OIPR-08133/11/0005/2324 Sd./- Deputy Director, Similipal (North) WL Division, Jashipur



**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME (OPELIP)**

ST & SC Development Department, Govt. of Odisha, TDCCOL Building, 2nd Floor, Bhoi Nagar, Bhubaneswar, Tel: (91)674-2542709, Email: support@opelip.org

Notice No. 4210/Date: 18.11.2023

**ENGAGEMENT OF "Procurement Officer" on short-term Consultant basis**

No.CAD-2935:- Programme Director, OPELIP invites applications from eligible candidates for engagement of one **"Procurement Officer" on consultancy basis on purely temporary, project based and co-terminus with the programme**. Interested eligible candidates may send their application in the prescribed format by Speed Post/Regd. Post/Courier service only on or before **30th Nov. 2023 by 5.00 PM**. Application beyond the dateline will not be considered. Only shortlisted candidates will be called for interview. The detailed ToR along with prescribed application format is available at our official website **www.opelip.org**. Programme Director reserves the right to accept or reject the applications without assigning any reason thereof.

OIPR-26024/11/0014/2324 Sd./- Programme Director




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭା ପରିସରରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳର ବୈଠକ।

# ଦୁର୍ନୀତିମୁକ୍ତ, ବିକଶିତ ଜଳେଶ୍ୱର ଗଢ଼ିବାକୁ ଆହ୍ୱାନ

**ପୁରୁଷୋତ୍ତମପୁରରେ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ**

ରୂପସା, ୨୧।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ପୁରୁଷୋତ୍ତମପୁର ପଞ୍ଚାୟତରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବାଘଲଡ଼ିହା, ନୂଆଗାଁ, ସରିଶା, ଦଳେଇ ସାହି ଆଦି ଗାଁରେ ପଦଯାତ୍ରା ଅନୁଷ୍ଠିତ ହେବା ସହିତ ଘରକୁ ଘର ଯାଇ କଂଗ୍ରେସର କର୍ମୀମାନେ ଭାଜପା ଓ ବିଜେଡି ଦଳକୁ ପରାସ୍ତ କରି କଂଗ୍ରେସକୁ ବିକଳ୍ପ ଭାବେ ଜଳେଶ୍ୱରରେ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ପରେ ଏକ କର୍ମୀ ବୈଠକ ପଞ୍ଚାୟତ ସଭାପତି ଗଙ୍ଗାଧର ପଡିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳେଶ୍ୱରର କଂଗ୍ରେସ ନେତା ତଥା ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗଦେଇ ରାଜ୍ୟର ବିଜେଡି ଓ କେନ୍ଦ୍ରର ଭାଜପା ସରକାରଙ୍କ ଜନ ବିରୋଧୀ ନୀତି ଓ କାର୍ଯ୍ୟକ୍ରମକୁ ବିରୋଧ କରିବା ସହିତ ଜଳେଶ୍ୱରରେ କଂଗ୍ରେସକୁ ବିକଳ୍ପ ଶକ୍ତି ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହାସହିତ ଏକ ଦୁର୍ନୀତିମୁକ୍ତ ଓ ବିକଶିତ ଜଳେଶ୍ୱର ଗଢ଼ିବା ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ଜିଲା ମହିଳା କଂଗ୍ରେସ ଉପସଭାପତି ଅଞ୍ଜଳି ପ୍ରଧାନ, ଜିଲା କଂଗ୍ରେସର ସହସମ୍ପାଦକ ରବୀନ୍ଦ୍ର ଭଞ୍ଜ, ଜଳେଶ୍ୱର ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ପ୍ରଦୀପ ପ୍ରଧାନ, କାର୍ତ୍ତିକ ପାତ୍ର, ସଦାଶିବ ଜେନା, ମାଧବ ବେହେରା, ଅଶୋକ ବେହେରା, ବୈକୁଣ୍ଠ ଦଳେଇ, ରମେଶ ଜେନା, ସୁଜୟ ନାୟକ, ରାଧାଗୋବିନ୍ଦ ଘୋଷ ମହାପାତ୍ର, ଅଜିତ ଘୋଷ ପ୍ରମୁଖ ଯୋଗ ଦେଇଥିଲେ।



କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଉଦ୍‌ବୋଧନ ଦେଉଛନ୍ତି।


**ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**

ଶିକ୍ଷା ସୌଧ, ୟୁନିଟ-୫, ଭୁବନେଶ୍ୱର-୭୫୧୦୦୧

No.n- ସଂଖ୍ୟା-୧୩୫୧୩, ତାରିଖ: ୨୦.୧୧.୨୦୨୩

**କନିଷ୍ଠ ଶିକ୍ଷକ (Schematic)-2023 Computer Based Test (CBT) ପରୀକ୍ଷା ଦେଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ନିମନ୍ତେ ସୂଚନା !**

- ରାଜ୍ୟ ସରକାରଙ୍କ ଦ୍ୱାରା କନିଷ୍ଠ ଶିକ୍ଷକ (Schematic) ପାଇଁ Computer Based Test (CBT) ପରୀକ୍ଷା ତା.୦୩.୧୧.୨୦୨୩ରିଖରୁ ଆରମ୍ଭ ହୋଇ ତା.୧୭.୧୧.୨୦୨୩ ରିଖରେ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି ।
- ଏଥିନିମନ୍ତେ Computer Based Test (CBT) ପରୀକ୍ଷା ଦେଇଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ଠାରୁ Online ମାଧ୍ୟମରେ objection ଗ୍ରହଣ କରାଯିବ । ଏଥିପାଇଁ OSEPA website ରେ ଏକ Objection Management link ଦିଆଯାଇଛି ।
- ଏହି link ମାଧ୍ୟମରେ ପ୍ରାର୍ଥୀ/ପ୍ରାର୍ଥିନୀମାନେ Computer Based Test (CBT) ପରୀକ୍ଷାରେ ଦେଇଥିବା ନିଜ ନିଜର response against question କୁ ଦେଖିପାରିବେ ।
- Objection ଗ୍ରହଣ କରିବାର ସମୟସୀମା ତା.୨୧.୧୧.୨୦୨୩ ରିଖ ପୂର୍ବାହ୍ନ ୧୦.୦୦ଟାରୁ ଆରମ୍ଭ ହୋଇ ତା.୨୩.୧୧.୨୦୨୩ ରିଖ ରାତ୍ର ୧୧.୫୯ ମିନିଟ୍ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଏହାପରେ କୌଣସି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ କନିଷ୍ଠ ଶିକ୍ଷକ (Schematic) ନିୟୋଜନ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ କରାଯିବ ନାହିଁ ।
- Objection ଗ୍ରହଣ କେବଳ ହିଁ ଅନଲାଇନ୍ ମାଧ୍ୟମରେ କରାଯିବ । ଏଥିନିମନ୍ତେ କୌଣସି ବିକଳ୍ପ ମାଧ୍ୟମରେ Objection ପ୍ରାପ୍ତ ହୋଇଥିଲେ ତାହା ବିଚାରକୁ ନିଆଯିବ ନାହିଁ ।
- ଧାର୍ଯ୍ୟ ସମୟ ଓ ଦିବସ ପରେ ଯଦି କୌଣସି Objection ଓସେପା ନିକଟରେ ପ୍ରାପ୍ତ ହୁଏ, ତେବେ ଏଥିପାଇଁ ଓସେପା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ଓ ସେଗୁଡିକୁ ବିଚାରକୁ ନିଆଯିବ ନାହିଁ ।
- ଏହି ପରୀକ୍ଷା ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ଓ ନିରପେକ୍ଷ ଅଟେ । ଯଦି ଆପଣମାନଙ୍କୁ କୌଣସି ବ୍ୟକ୍ତି ବିଶେଷ ମିଥ୍ୟା ପ୍ରଲୋଭନ, ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦିଅନ୍ତି ଓ ଏଥିପାଇଁ ଟଙ୍କା ଦାବି କରନ୍ତି କିମ୍ବା ପ୍ରବର୍ତ୍ତାଇଥାନ୍ତି, ତାହା ହେଲେ ଆପଣମାନେ ତୁରନ୍ତ ନିକଟସ୍ଥ ପୋଲିସ ଷ୍ଟେସନ ସହିତ ଯୋଗାଯୋଗ କରିବେ । ଏ ସମ୍ବନ୍ଧରେ ସମସ୍ତ ପୋଲିସ୍ ଷ୍ଟେସନକୁ ସୂଚିତ କରାଯାଇଛି । ଆସନ୍ତୁ, ଆମେ ସାବଧାନ ହେବା, ଏକ ସ୍ୱଚ୍ଛ ଓ ନିରପେକ୍ଷ ନିଯୁକ୍ତି ପ୍ରକ୍ରିୟାରେ ଅଂଶୀଦାର ହେବା ଓ ସବିଶେଷ ସୂଚନା ପାଇଁ ଅବିରତ ଭାବେ OSEPA website କୁ login କରିବା ।

ସ୍ୱା./-

OIPR-27068/11/0039/2324 ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା

# ଗହମ ଚାଷ



ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ। ଅଧିକ ଅମଳକ୍ଷମ ଗହମ ବିହନଗୁଡିକ ମଧ୍ୟରେ ରହିଛି – ସୋନାଲିକା, ପି.ବି.ଡବ୍ଲ୍ୟୁ–୩୪୩, ପି.ବି.ଡବ୍ଲ୍ୟୁ–୪୪୩, ୟୁ.ପି.–୨୬୨, ଏଚ୍.ଡି.–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ । ଏହି ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# ଫୁଲଚାଷ



ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁଁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ। ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

# ଗାଈଙ୍କର ପ୍ରଜନନ ସମସ୍ୟା ଓ ପ୍ରତିକାର



ଡା. ହିମାଂଶୁ ବେହେରା

ଚାଷୀମାନେ ପ୍ରତ୍ୟେକ ବର୍ଷ ଗୋଟିଏ ଗାଈରୁ ଗୋଟିଏ ବାଛୁରି ପାଇ ପାରିଲେ ଲାଭବାନ ହୋଇଥାଆନ୍ତି। ଏଥିପାଇଁ ଠିକ୍ ପରିଚାଳନା ଏକାନ୍ତ ଦରକାର। ଗୋଠରେ ପ୍ରତିଦିନ ଗାଈମାନଙ୍କର ଗରମ ଲକ୍ଷଣକୁ ଚିହ୍ନଟ କରିବା ଏବଂ ଗାଈମାନଙ୍କୁ ଗର୍ଭଧାରଣ କରାଇବା ଦ୍ୱାରା ପ୍ରଜନନ କ୍ଷମତା ବୃଦ୍ଧି ପାଇଥାଏ। ଏହାଦ୍ୱାରା ସଦାବେଳେ ଗୋଠରେ ସବୁ ସମୟରେ ଦୁଗ୍ଧ ଉତ୍ପାଦନ ମଧ୍ୟ କରାଯାଇଥାଏ। କେବଳ ସେତିକି ନୁହେଁ, ଚାଷୀ ମଧ ବର୍ଷ ସାରା ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ନ ଥାଏ। ପ୍ରାଣୀ ଚିକିତ୍ସକମାନଙ୍କର ପରାମର୍ଶ ନେଇ ଗାଈମାନଙ୍କର ଟିକାକରଣ ଏବଂ ଚିକିତ୍ସା କରାଇବା ଚାଷୀମାନଙ୍କ ପାଇଁ ଏକ ଜରୁରୀ ପଦକ୍ଷେପ ଅଟେ।

ଏକ ସୁନ୍ଦର ଭାବରେ ପରିଚାଳନା ହେଉଥିବା ଗାଈ ଗୋଠରେ ଗାଈମାନେ ପ୍ରଜନନ ସହ ଜଡିତ ସମସ୍ୟାର ସମ୍ମୁଖୀନ ହୋଇ ନ ଥାନ୍ତି। ଏହି ପ୍ରକାର ଗୋଠରେ ସର୍ବଦା ୬୫–୭୦ ଶତକଡା ଗାଈ ଏକାଥରେ ସଙ୍ଗମ କରିବା ଦ୍ୱାରା ଗର୍ଭଧାରଣ କରିବାରେ ସକ୍ଷମ ହୋଇଥାଆନ୍ତି। ଏକ ଆଦର୍ଶ ଗୋଠ ସର୍ବଦା ୧୦ ଶତକଡାରୁ କମ୍ ଗାଈମାନଙ୍କର ପ୍ରଜନନ ସମସ୍ୟା ରହିଥାଏ। ସେଥିପାଇଁ ଦୁଇଥର ବାଛୁରି ଜନ୍ମ କରିବାର ବ୍ୟବଧାନ ୯୦–୧୦୦ ଦିନ ମଧ୍ୟରେ ଗାଈ ଗର୍ଭଧାରଣ ନ କରିଲେ ୫୦–୭୫ ଶତକଡା ଆର୍ଥିକ କ୍ଷତି ହେବାର ଆକଳନ କରାଯାଇଛି। ଗୋଠରେ ୯୫ ଶତକଡାରୁ ଅଧିକ ଗାଈମାନଙ୍କର ପ୍ରଜନନଜନିତ ସମସ୍ୟା ପାଇଁ ଭୁଲ୍ ପରିଚାଳନା ହିଁ ଏକମାତ୍ର ମୁଖ୍ୟ କାରଣ। ଏହାକୁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ହିଁ ଠିକ୍ କରାଯାଇପାରିବ। ପ୍ରଜନନ କ୍ଷମତା ହ୍ରାସ କରୁଥିବା ରୋଗଗୁଡିକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି।



୧.ଶରୀରର ସମସ୍ତ ପ୍ରକ୍ରିୟାକୁ ଆକ୍ରାନ୍ତ କରିବା ରୋଗ : ଏହି ପ୍ରକାର ରୋଗ ମୁଖ୍ୟତଃ ଶରୀରର ସମସ୍ତ ପ୍ରକ୍ରିୟା ଏବଂ ଅଙ୍ଗ ଉପରେ ପ୍ରଭାବ ପକାଇଥାଆନ୍ତି। କେତେକ ସମୟରେ ପ୍ରଜନନ ସହ ଜଡିତ ଥିବା ଅଙ୍ଗ ଉପରେ ପ୍ରଭାବ ପକାଇଥାଆନ୍ତି। ଉଦାହରଣ– ଟ୍ୟୁବରକ୍ୟୁଲୋସିସ ବା ରାଜଯକ୍ଷ୍ମା ଇତ୍ୟାଦି।

୨. ଶରୀରରେ ମୁଖ୍ୟତଃ ପ୍ରଜନନ ସହ ଜଡିତ ଥିବା ଅଙ୍ଗମାନଙ୍କୁ ଆକ୍ରାନ୍ତ କରିବା ରୋଗ : ଏହି ପ୍ରକାର ରୋଗ ସିଧାସଳଖ ପ୍ରଜନନ ଉପରେ ପ୍ରଭାବ ପକାଇଥାଆନ୍ତି। ଉଦାହରଣ– ଟ୍ରାଇକୋମୋନିଆସିସ୍,ବ୍ରୁସେଲୋସିସ୍, ଭିବ୍ରିୟୋସିସ୍ ଇତ୍ୟାଦି। ଏହି ରୋଗରେ ଆକ୍ରାନ୍ତ ହେବା ଦ୍ୱାରା ପ୍ରଜନନଜନିତ ଅଙ୍ଗରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହେବା ସହ ଆଣ୍ଟିବଡି ମଧ ସୃଷ୍ଟି ହୋଇଥାଏ।

**ଟ୍ରାଇକୋମୋନିଆସିସ୍**

ଗାଈମାନଙ୍କଠାରେ ଏହି ରୋଗ ଟ୍ରାଇକୋମୋନାସ ଫିଟସପ ପରଜୀବୀ ଦ୍ୱାରା ହୋଇଥାଏ। ପ୍ରାକୃତିକ ପ୍ରଣାଳୀରେ ବୁଲା ଶଣ୍ଢମାନଙ୍କ ଦ୍ୱାରା ସଙ୍ଗମ ହେବା ଦ୍ୱାରା ଏହି ପରଜୀବୀ କେବଳ ଆକ୍ରାନ୍ତ ହୋଇଥିବା ଗାଈମାନଙ୍କର ଯୋନି, ଗ୍ରୀବା, ଗର୍ଭାଶୟ ଏବଂ ଅନ୍ୟ ପ୍ରଜନନଜନିତ ଅଙ୍ଗରେ ବସବାସ କରିଥାଆନ୍ତି। ଆକ୍ରାନ୍ତ ହୋଇଥିବା ଶଣ୍ଢମାନଙ୍କର ଲିଙ୍ଗ, ଏହା ଉପରେ ଥିବା ଚର୍ମ ଏବଂ ଅଳ୍ପ ସମୟରେ ମୂତ୍ରନଳୀ ମଧ୍ୟରେ ବସବାସ କରନ୍ତି। ଗାଈମାନଙ୍କ ପରି ବୁଲା ଶଣ୍ଢମାନଙ୍କର କୌଣସି ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇ ନ ଥାଏ ଏବଂ ଏହି ରୋଗ ଚିରସ୍ଥାୟୀ ହୋଇ ରହିଯାଏ।

**ଲକ୍ଷଣ :** ଏହି ରୋଗର ଲକ୍ଷଣଗୁଡିକ ହେଲା–ଗର୍ଭାଶୟରେ ପୂଜ ହେବା ଏବଂ ହଳଦିଆ ରଙ୍ଗର ପୂଜା ବାହାରକୁ ନିର୍ଗତ ହେବା, ଗର୍ଭଧାରଣ କରିବାରେ ଅସମର୍ଥ ହେବା ଏବଂ ୧–୧୬ ସପ୍ତାହ ଭିତରେ ଗର୍ଭପାତ ହେବା। ପ୍ରାକୃତିକ ପ୍ରଣାଳୀରେ ସଙ୍ଗମ କରିବା ପରେ ଗର୍ଭାଶୟରେ ପୂଜ ହୋଇଥାଏ। ଏହାର ମାତ୍ରା ୧୫୦୦ ମିଲି ପର୍ଯ୍ୟନ୍ତ ହୋଇଥାଏ।

**ଚିକିତ୍ସା :** ଉପରୋକ୍ତ ଲକ୍ଷଣଗୁଡିକୁ ଠିକ ଭାବରେ ଚିହ୍ନଟ କରିଲେ ଗାଈମାନେ ଏହି ରୋଗରେ ଆକ୍ରାନ୍ତ ବୋଲି ଜାଣିପାରିବା। ଛଡାଗୁଡିକୁ ସନ୍ଦେହ କରାଯାଉଥିବା ଶଣ୍ଢ ସହ ସଙ୍ଗମ କରିବା ଦ୍ୱାରା ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଯୋନି ଦ୍ୱାରରୁ ନିର୍ଗତ ହେଉଥିବା ଲାଳକୁ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ପରୀକ୍ଷା କରିଲେ, ଏହି ରୋଗ ବିଷୟରେ ସୂଚନା ମିଳିଥାଏ। ଏହି ରୋଗର ଚିକିତ୍ସା ପାଇଁ ଗୋଠରେ ପ୍ରାକୃତିକ ପ୍ରଜନନ ବନ୍ଦ କରିବା ନିତାନ୍ତ ଆବଶ୍ୟକ। କୃତ୍ରିମ ପ୍ରଜନନ କରିବା ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିଥାଏ। ପ୍ରାଣୀ ଚିକିତ୍ସକମାନେ ଗର୍ଭାଶୟ ଭିତରକୁ ଲୁଗୋଲସ୍, ଆୟୋଡିନ୍/ସୋଡିୟମ ପରବୋରେଟ୍/କ୍ଲୋରିନ୍/ଆକ୍ରିଫ୍ଲାଭିନ୍ ପୂରାଇ ଚିକିତ୍ସା କରିଥାଆନ୍ତି।

**ଭିବ୍ରିୟୋସିସ୍ :** ଗାଈମାନଙ୍କଠାରେ ଏହି ରୋଗ ଯୌନ କ୍ରିୟା ଦ୍ୱାରା ହୋଇଥାଏ। ଏହି ରୋଗର ମୁଖ୍ୟ କାରଣ ଭିବ୍ରିଓ ଫିଟ୍ସ ଭେନେରିଆଲିସ୍ ଅଟେ। ପ୍ରଥମ ଥର ଏହି ରୋଗକୁ ମ୍ୟାକ୍ଫାଡିୟାନ ଏବଂ ସ୍ମୁଟମାନ୍ ୧୯୧୦ ଏବଂ ୧୯୧୩ରେ ମେଣ୍ଢା ଏବଂ ଗାଈଠାରେ ଚିହ୍ନଟ କରିଥିଲେ। ଏହି ଅଣୁଜୀବ ମଧ୍ୟ ଗାଈମାନଙ୍କ ପ୍ରଜନନ ସହ ଜଡିତ ଅଙ୍ଗ,ଭ୍ରୂଣ, ଲାହି ନାଡ ଇତ୍ୟାଦିରେ ବସବାସ କରିଥାଏ। ପ୍ରାକୃତିକ ପ୍ରଜନନର ଦୁଇ ଦିନ ମଧ୍ୟରେ ଏହି ଅଣୁଜୀବ ଗର୍ଭାଶୟ ଭିତରକୁ ପ୍ରବେଶ କରିଥାଏ।

**ଲକ୍ଷଣ**

- ଯୋନି ଦ୍ୱାରରୁ ଗରମ ସମୟରେ ଅଧିକ ଏବଂ ଅଲଗା ପ୍ରକାରର ଲାଳ ନିର୍ଗତ ହେବା।
- ଗର୍ଭ ନ ରଖିବା ଏବଂ ଛଅ ମାସରୁ ଏକ ବର୍ଷ ପର୍ଯ୍ୟନ୍ତ ବନ୍ଧ୍ୟାଗୁଣ ପରିଲକ୍ଷିତ ହେବା।
- ଗର୍ଭଧାରଣ କରିବା ପାଇଁ ଅନେକ ଥର ସଙ୍ଗମ କରିବା।
- ଦୁଇଟି ଋତୁଚକ୍ର ମଧ୍ୟରେ ବ୍ୟବଧାନ ବୃଦ୍ଧି ହେବା।
- ବିଳମ୍ବିତ ଗର୍ଭପାତ ହେଲେ ନାହିନାଡ ବାହାରକୁ ନ ଆସିବା ଏବଂ ନାହିନାଡ ଧୂସର ପଡିଯିବା। (କ୍ରମଶଃ..)

–ଓୟୁଏଟି, ଭୁବନେଶ୍ୱର
ମୋ : ୮୨୪୯୫୭୬୬୪୯

# ମାଛ ପୋଖରୀ ହୁଡ଼ା ମରାମତି



ମାଛ ପୋଖରୀ ହୁଡ଼ାଭାଙ୍ଗି ଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨୫୦୦ ଜାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛ ମାନଙ୍କୁ ରୋଗ ହୋଇ ନ ଥାଏ। ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ। ଏପରି ଦୁଇରୁ ତିନିଦିନ କରିବେ। ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ ଭଲ ହୁଏ ।

# ମୂଳିଆଖୁର ଯତ୍ନ

ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ



ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପିଆଜ ତଳି ପ୍ରସ୍ତୁତି



ତଳି ପ୍ରସ୍ତୁତ କରୁଥିଲେ ଏକ ହେକ୍ଟର ଜମିପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ଼େ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍ଫରସ୍, ପଟାସ୍ ଓ ସଲ୍ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ମାସ ୨୦ ତାରିଖରୁ ଡିସେମ୍ବର ମାସ ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ଦୁଇ ଦିନ ମଧ୍ୟରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ଣ୍ଣେଲ୍ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉକୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

# କପାରେ ପୋକ ଦମନ

ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳା ଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

# ଚାଷୀଙ୍କ ପାଇଁ...

- ଫଳ ବଗିଚାକୁ ବର୍ଷାପରେ ଭଲଭାବରେ ଚାଷ କରନ୍ତୁ ।
- ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ ।
- ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।
- ପୁରୁଣା ଗଛକୁ କାଣ୍ଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ।
- ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଗଛ ମୂଳକୁ ଛାଦିକରଣ କରନ୍ତୁ ।
- ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ।

# ଧାନ ଚାଷରେ ପୋକ ନିୟନ୍ତ୍ରଣ

ଧାନ ଗଛରେ ମାଟିଆ ଗୁଣ୍ଡିପୋକ ଫ୍ଲୋନିକାମିଡ ୧୫୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ୧ ମି.ଲି.ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ ହେକ୍ଟର ପ୍ରତିକିମ୍ବା ପାଇମେଟ୍ରୋଜାଇନ୍୩୦୦ ଗ୍ରାମ୍ହେକ୍ଟର ପ୍ରତି କିମ୍ବା ଟ୍ରାଇଫ୍ଲୁମେଜୋପାଇରିନ୍ ୨୫୦ ମି.ଲି. ହେକ୍ଟର ପ୍ରତି ସ୍ପ୍ରେ କରନ୍ତୁ । ଗନ୍ଧିପୋକ ଲାଗିଥିଲେ ମାଲାଥିଅନ୍ ଗୁଣ୍ଡ ୨୦–୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ। କେଣ୍ଡାକଟା ପୋକ ଦମନ ପାଇଁ ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟାବେଳା ସିଞ୍ଚନ କରିବା ସହିତ କ୍ଲୋରପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ । ନେକ୍ବ୍ଲାଷ୍ଟ ପୋକ ଦମନ ପାଇଁ ହେକ୍ସାକୋନାଜୋଲ୍ ୧.୫ ମି.ଲି. ପ୍ରତି ଲିଟର ପାଣି/ ଟ୍ରାଇସାଇକ୍ଲାଜୋଲ୍ ୧.୫ ଗ୍ରାମ୍ ଦୁଇ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ର ଆଚ୍ଛାଦ ପୋଡ଼ାରୋଗ ଲାଗିଲେ ତାହାକୁ ଦମନ କରିବା ପାଇଁ ଭାଲିଡ଼ାମାଇସିନ୍ ୩% ଏଲ୍ ୨ ମି.ଲି./ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୧.୫ ମି.ଲି./୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



# ଗୋଆକୁ ହରାଇ ଓଡ଼ିଶା ଗ୍ରୁପ୍ ଚାମ୍ପିୟନ

**ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ**

ସୁନ୍ଦରଗଡ,୨୧।୧୧
(ଜୟ ନାରାୟଣ ମେଣ୍ଟୁଳି)

ଜିଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମରେ ଆୟୋଜିତ ୨୮ତମ ଜାତୀୟ ମହିଳା ଫୁଟବଲ ଚମ୍ପିୟାନ ସିପ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ.ନାରାୟଣ ପଟେଲ ମୁଖ୍ୟ ଅତିଥି,ସେଣ୍ଟ ଟେରେସା ଇଙ୍ଗଲିଶ ସ୍କୁଲ ର ପ୍ରିସିନ୍ସପାଲ ପି.ସେଲଭି ଓ ସୁନ୍ଦରଗଡ ସରକାରୀ କଲେଜ ପ୍ରିନ୍ସପାଲ ଡ.ଲଳିତ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣାଚଳ ପ୍ରଦେଶ ଓ ଗୁଜରାଟ ମଧ୍ୟରେ ହୋଇଥିବା ପ୍ରଥମ ମ୍ୟାଚରେ ଅରୁଣାଚଳ ପ୍ରଦେଶ ୩-୧ଗୋଲରେ ବିଜୟୀ ହୋଇଥିଲା। ଅରୁଣାଚଳ ପ୍ରଦେଶ ଦଳ ତରଫରୁ ୟୁମଲାମ ଲାମି ୨ଗୋଲ(୫୧ ଓ ୯୦ମିନିଟ) ,ରଶ୍ମି ମନ୍ୟୁ (୭୫ମିନିଟ) ଗୋଟିଏ ଗୋଲ ଦେଇଥିଲେ। ସେହିପରି ଗୁଜରାଟ ତରଫରୁ ଭୂମିସା ଦ୍ରାଭିଡ୍ ଏକ ମାତ୍ର ଗୋଲ କରିବାରେ ସକ୍ଷମ ହୋଇଥିଲେ। ସେହିପରି ଅପରାହ୍ନରେ ଓଡିଶା ଓ ଗୋଆ ମଧ୍ୟରେ ମ୍ୟାଚ ହୋଇଥିଲା। ସଙ୍ଘର୍ଷପୂର୍ଣ୍ଣ ମ୍ୟାଚରେ ଓଡିଶା ୨-୦ ଗୋଲରେ ବିଜୟୀ ହୋଇ ଗ୍ରୁପ ଚାମ୍ପିୟନ ହୋଇଥିଲା। ଓଡିଶା ତରଫରୁ ଯଶୋଦା ମୁଣ୍ଡା(୨)ଓ ମାଳତୀ ମୁଣ୍ଡା(୧୨)ମିନିଟରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ସୁନ୍ଦରଗଡ ଜିଲା କ୍ରୀଡା ସସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ମେରୀଜନ ବାଗେ, ପୌଷଚନ୍ଦ୍ର ପଟେଲ, ବିମପ ବୋଷ, ଜୟଦେବ ପାତ୍ର,ରାଜେନ୍ଦ୍ର ପାଣ୍ଡେ,ନିତ୍ୟ କୁମାର ବଳ,ରୋମାଞ୍ଚ ଭୈଷାଲ,ବିଶ୍ୱ ରଞ୍ଜନ ହୋତା,ସୁଶୀଲ ପଟେଲ, ରବି ମହାପାତ୍ର,ଆଶିଷ ଦେ, ବୀରମିତ୍ର କାଲୋ,ଶିଶିର ପଟେଲ, ଶ୍ୟାମନନ୍ଦନ ସହାୟ,ପ୍ରସାଦ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ସୁନ୍ଦରଗଡ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଜାତୀୟ ଫୁଟବଲ ପ୍ରତିଯୋଗିତା ହୋଇଥିବାରୁ ଫାଓ ସମ୍ପାଦକ ଆର୍ଶୀବାଦ ବେହେରା ଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲଙ୍କୁ ସୁନ୍ଦର ଗଡ ଜିଲା କ୍ରୀଡା ସସଦ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



ଓଡ଼ିଶା ଓ ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



ଟ୍ରଫି ସହ ସୌରଭ କୋଠାରୀ ଓ ପଙ୍କଜ ଆଡ଼ଭାନୀ।

## ପଙ୍କଜ ଆଡଭାନୀଙ୍କୁ ୨୬ତମ ବିଶ୍ୱ ବିଲିୟାର୍ଡ୍ସ ଟାଇଟଲ

ଦୋହା, ୨୧।୧୧ (ପି.ଟି.)

ଭାରତୀୟ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଏଠାରେ ଚାଲିଥିବା ଆଇବିଏସ୍ଏଫ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ନିଜ ଦେଶର ସୌରଭ କୋଠାରୀଙ୍କୁ ୧୦୦୦-୪୧୬ ବ୍ୟବଧାନରେ ହରାଇ ଦେଇଛନ୍ତି। ଗତବର୍ଷ କୁଆଲାଲମ୍ପୁର ଟାଇଟଲ ମୁକାବିଲାର ଏହା ରିମ୍ୟାଚ ବୋଲି କୁହାଯାଉଛି। ଉଭୟ ବିଲିୟାର୍ଡ୍ସ ଓ ସ୍ନୁକରର ସମସ୍ତ ଫର୍ମାଟ ଆଧିପତ୍ୟ ବଜାୟ ରଖିବା ସହ ବିଶ୍ୱ ଟାଇଟଲ ଜିତିବାରେ ଆଡଭାନୀ ହେଉଛନ୍ତି ବିଶ୍ୱର ଏକମାତ୍ର ଖେଳାଳି। ୩-ବଲ୍ ଗେମ୍‌ରେ ଚମତ୍କାର ପ୍ରଦର୍ଶନ କରି ସେ ଭାରତକୁ ଶୀର୍ଷରେ ରଖିପାରିଛନ୍ତି। ଏଠାରେ ସେ ତାଙ୍କ ୨୬ତମ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଆଡଭାନୀ ଏହି ପ୍ରତିଯୋଗିତାରେ ସେ ତାଙ୍କ ପ୍ରଥମ ବିଶ୍ୱ ଟାଇଟଲ ୨୦୦୫ରେ ହାସଲ କରିଥିଲେ। ଆଡଭାନୀ ୯ଥର 'ଲଙ୍ଗ୍ ଫର୍ମାଟ' ଜିତିଥିବା ବେଳେ ସେ ୮ଥର ପଏଣ୍ଟ ଫର୍ମାଟ ଚାମ୍ପିୟନ ହୋଇଛନ୍ତି। ଏହାଛଡ଼ା ସେ ଥରେ ୱାର୍ଲ୍ଡ ଟିମ୍ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ବିଜେତା ହୋଇପାରିଛନ୍ତି। ଏହି ଟୁର୍ନାମେଣ୍ଟରେ ଆଡଭାନୀ ସେମିଫାଇନାଲରେ ନିଜ ଦେଶର କ୍ୟୁଇଷ୍ଟ ରୁପେଶ ଶାହାଙ୍କୁ ୯୦୦-୨୭୩ରେ ହରାଇ ଦେଇଥିଲେ।

## ପ୍ରଣୟ, ସାତ୍ତ୍ୱିକ-ଚିରାଗ ଦ୍ୱିତୀୟ ରାଉଣ୍ଡରେ

**ଶେନ୍‌ଝେନ, ୨୧।୧୧ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚଏସ୍ ପ୍ରଣୟ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଓପନିଂ ରାଉଣ୍ଡରେ ସେ ବିଶ୍ୱର ୧୨ ନମ୍ବର ଚାଇନିଜ ତାଇପେର ଚୋଉ ତିନ୍ ଚିନ୍‌କୁ ୨୧-୧୮, ୨୨-୨୦ରେ ହରାଇ ଦେଇଛନ୍ତି। ପିଠିରେ ଇଞ୍ଜୁରୀ ଯୋଗୁ ଭାରତର ଏହି ୩୧ ବର୍ଷୀୟ ଖେଳାଳି ପଛକୁ ପଛ ଦୁଇଟି ଟୁର୍ନାମେଣ୍ଟ ଖେଳି ପାରି ନ ଥିଲେ। ଏହି ବିଜୟ ଦ୍ୱାରା ସେ ଗତ ସପ୍ତାହରେ ଜାପାନ ପରାଜୟର ପ୍ରତିଶୋଧ ନେଇଛନ୍ତି। ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ବର୍ତ୍ତମାନ ହଂକଂର ଲି' ଚେଉକ୍ ୟୁ କିମ୍ବା ଡେନମାର୍କର ମାଗ୍ନସ ଜୋହାନସେନଙ୍କ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଟପ୍ ସିଡ ସାତ୍ତ୍ୱିକସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ଶେଟ୍ଟି ଇଂଲଣ୍ଡର ବେନ୍ ଲେନ୍ ଓ ସିନ୍ ଭେଣ୍ଡିଙ୍କ ବିପକ୍ଷ ମ୍ୟାଚ ୨୧-୧୩, ୨୧-୧୦ରେ ସହଜ ବିଜୟ ହାସଲ କରି ପ୍ରତିଯୋଗିତାରେ ଭଲ ଆରମ୍ଭ କରିଛନ୍ତି। ରାଜ୍ୟଗୋଷ୍ଠୀ ଚାମ୍ପିୟନ ଦଳ ପରବର୍ତ୍ତୀ ରାଉଣ୍ଡରେ ଜାପାନର ଆକିରା କୋଗା ଓ ତାଇଚି ସାଇତୋକୁ ଭେଟିବେ। ମହିଳା ସିଙ୍ଗଲ୍ସରେ ଭାରତର ଏକମାତ୍ର ପ୍ରତିଯୋଗୀ ଆକର୍ଷୀ କାଶ୍ୟପ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଚାଇନାର ଝାଙ୍ଗ୍ ୟୁ ମ୍ୟାନ୍‌ଙ୍କଠାରୁ ୧୨-୨୧, ୧୪-୨୧ରେ ହାରିଯାଇଛନ୍ତି।

# ଶ୍ରୀଲଙ୍କାରୁ ଦକ୍ଷିଣ ଆଫ୍ରିକା ସ୍ଥାନାନ୍ତର

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ଅହମ୍ମଦାବାଦ, ୨୧।୧୧ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୋର୍ଡ ମଙ୍ଗଳବାର ଆସନ୍ତାବର୍ଷ ଶ୍ରୀଲଙ୍କାରେ ହେବାକୁଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ଶ୍ରୀଲଙ୍କାରୁ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଛି। ସରକାରୀ ହସ୍ତକ୍ଷେପକୁ ବିଶ୍ୱ ପରିଚାଳନା ପରିଷଦ ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ସସ୍‌ପେଣ୍ଡ କରିବାର ୧୧ ଦିନ ପରେ ଏହି ଏହି ପଦକ୍ଷେପ ନେଇଛି। ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସଏଲସି) ଓ କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟରେ କିଛି ଦିନି ହେଲା ଛକାପଞ୍ଝା ଚାଲିଥିଲା। ଏସଏଲ୍‌ସି ଅଫିସିଆଲମାନେ ଦୁର୍ନୀତିରେ ଲିପ୍ତ ବୋଲି ସରକାରଙ୍କ ତରଫରୁ ଅଭିଯୋଗ ହୋଇଥିଲା। ଦକ୍ଷିଣ ଆଫ୍ରିକା ଏହା ପୂର୍ବରୁ ୨୦୨୦ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନ କରିଥିଲା। ଅହମଦାବାଦରେ ଆଇସିସି ବୋର୍ଡ ବୈଠକ ବସିଥିଲା। ଏଥିରେ ଟୁର୍ନାମେଣ୍ଟକୁ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର ଲାଗି ନିଷ୍ପତ୍ତି ନିଆଯାଇଥିଲା ବୋଲି ଆଇସିସି ବୋର୍ଡର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି। ତେବେ ଏହା ଦ୍ୱାରା ଶ୍ରୀଲଙ୍କାର ଦ୍ୱିପାକ୍ଷିକ ଓ ଘରୋଇ କ୍ରିକେଟ ପ୍ରଭାବିତ କରିବ ନାହିଁ। ସରକାର ଯଦି ହସ୍ତକ୍ଷେପ କରନ୍ତି ତେବେ ଦେଶ ଆସନ୍ତା ଜାନୁୟାରୀ ୧୩ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ହେବାକୁଥିବା ୧୯ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନ ଅଧିକାର ହରାଇ ପାରେ ବୋଲି ଏସ୍ଏଲ୍‌ସି ସଭାପତି ଶାମି ସିଲ୍‌ଭା ନିକଟରେ ଚେତାଇ ଦେଇଥିଲେ।

## ହକି ଇଣ୍ଡିଆ ଘୋଷଣାକଲା ସମ୍ଭାବ୍ୟ ଦଳ

ବେଙ୍ଗାଲୁରୁ,୨୧।୧୧(ପି.ଟି.)

ବୁଧବାରଠାରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏଠାରେ ଜାତୀୟ ସିନିୟର ମହିଳା ହକି କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେବ। ଏଥିଲାଗି ୩୪ ଜଣିଆ ସମ୍ଭାବ୍ୟ ଖେଳାଳିଙ୍କ ନାମ ତାଲିକା ଘୋଷଣା କରାଯାଇଛି। ଭାରତ ଡିସେମ୍ବର ୧୫ରୁ ଡିସେମ୍ବର ୨୨ ମଧ୍ୟରେ ଭାଲେନ୍‌ସିଆରେ ପଞ୍ଚ ରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ। ଭାରତ ବ୍ୟତୀତ ଏଥିରେ ଆୟର୍ଲାଣ୍ଡ, ଜର୍ମାନୀ, ବେଲଜିୟମ ଓ ଆୟୋଜକ ସ୍ପେନ୍ ଅଂଶଗ୍ରହଣ କରିବେ। ରାଞ୍ଚିରେ ଜାନୁୟାରୀ ୧୩ରୁ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ପ୍ରସ୍ତୁତି ଲାଗି ଏହି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକି ସ୍କୋପମାନ କହିଛନ୍ତି, ଆମର ଲକ୍ଷ୍ୟ ବର୍ତ୍ତମାନ ପ୍ୟାରିସ ଅଲିମ୍ପିକ୍ସ ଉପରେ ରହିଛି। ଏଥିପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ଆମକୁ ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଚଳିତ ମାସ ପ୍ରାରମ୍ଭରେ ରାଞ୍ଚିଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତୀୟ ଖେଳାଳିମାନେ କ୍ୟାମ୍ପକୁ ଫେରିଛନ୍ତି। ଏହି ପ୍ରତିଯୋଗିତାର ଫାଇନାଲରେ ଜାପାନକୁ ୪-୦ ଗୋଲ୍‌ରେ ପରାସ୍ତ କରି ଭାରତ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଏସିଆନ ଗେମ୍ସରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିବା ଭାରତୀୟ ଦଳ ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲା। ପ୍ରତିଯୋଗିତାରେ ଚାଇନା, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଭଳି ଦଳ ଭାଗ ନେଇଥିଲେ।

# ଜାତୀୟ ଜଳକ୍ରୀଡ଼ାରେ ଓଡ଼ିଶାକୁ ୫ ପଦକ

ପାରାଦୀପ,୨୧।୧୧
(ଶରତ ରାଉତ)

ଆସାମର ଗୁଆହାଟିରେ ଅନୁଷ୍ଠିତ ସନ୍‌ରାଇଜ ୱାଟର ଫେଷ୍ଟିଭାଲ ୨୦୨୩ ଗତ ସୋମବାର ଶେଷ ହୋଇଛି। ଅନ୍ତିମ ଦିନରେ ଓଡ଼ିଶାର ୩ ଜଣ ଖେଳାଳି ପଦକ ଜିତିଛନ୍ତି। ଓଡିଶା ୟାଟିଂ ଆସୋସିଏଶନର ଡି ଶେଖରରାଓ (ସ୍ୱର୍ଣ୍ଣ), ନାରାୟଣ ମୁଣ୍ଡା (ରୌପ୍ୟ) ଓ ରାଜା ଅହମ୍ମଦ ଖାନ (ବ୍ରୋଞ୍ଜ) ଶେଷ ଦିନରେ ପଦକ ଜିତିଛନ୍ତି। ଏହା ସହିତ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ସମୁଦାୟ ୫ ପଦକ ହାସଲ କରିଛି।୧୭ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଥିଲା। ଏଥିରେ ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ଭୋପାଳ, ଓ ଆସାମରୁ ୮୦ ଜଣ ଅଂଶ ଗ୍ରହଣ କରିଥିଲେ। ରେସ ବୋର୍ଡ ଓ ୱିଣ୍ଡ ସର୍ଫିଂ ପରି ଦୁଇ ପ୍ରକାର ଜଳକ୍ରୀଡା ହୋଇଥିଲା। ଓଡିଶା ୟାଟିଂ ଆସୋସିଏଶନ ସମ୍ପାଦକ ସବିର ବକ୍ସଙ୍କ ତତ୍ତ୍ୱାବଧାନରେ ଖେଳାଳି ମାନେ ଯାଇଥିଲେ। ଆସନ୍ତା ୨୦୨୪ ଜାନୁୟାରୀରେ ଲାକ୍ଷାଦ୍ୱୀପ ଠାରେ ହେବାକୁ ଥିବା ସେଲ ଇଣ୍ଡିଆ ଲାକ୍ଷାଦ୍ୱୀପ ଫେଷ୍ଟିଭାଲ ପାଇଁ ଦୁଇ ଜଣ ଖେଳାଳି ମନୋନୀତ ହୋଇଛନ୍ତି।



ୟାଟିଂ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ପଦକବିଜେତା।

# ଦର୍ଶକ ସଂଖ୍ୟାରେ ରେକର୍ଡ ଭାଙ୍ଗିଲା ଚଳିତ ବିଶ୍ୱକପ୍

ନୂଆଦିଲ୍ଲୀ,୨୧।୧୧(ପି.ଟି.)

ସଦ୍ୟ ସମାପିତ ୨୦୨୩ କ୍ରିକେଟ ବିଶ୍ୱକପ୍ ଦର୍ଶକ ସଂଖ୍ୟାରେ ରେକର୍ଡ ଭାଙ୍ଗିଛି। ସାଢେ ୬ ସପ୍ତାହ ଧରି ଏହି ବିଶ୍ୱକପ୍ ଦର୍ଶକଙ୍କ ମନୋରଞ୍ଜନ କରିଥିବା ବେଳେ ରବିବାର ଅନୁଷ୍ଠିତ ଫାଇନାଲରେ ଆୟୋଜକ ଭାରତକୁ ପରାସ୍ତ କରି ଷଷ୍ଠ ଥର ପାଇଁ ଟାଇଟଲ ହାସଲ କରିଥିଲା ଅଷ୍ଟ୍ରେଲିଆ। ଆଇସିସି ପକ୍ଷରୁ ମଙ୍ଗଳବାର ପ୍ରକାଶିତ ତଥ୍ୟ ଅନୁସାରେ ଟୁର୍ନାମେଣ୍ଟରେ ୬ଟି ମ୍ୟାଚ୍ ବାକି ରହିଥିବା ବେଳେ ଏହା ଦର୍ଶକ ସଂଖ୍ୟାରେ ୨୦୧୫ ସଂସ୍କରଣର ଦର୍ଶକ ସଂଖ୍ୟାକୁ ଅତିକ୍ରମ କରିଥିଲା। ବିଶ୍ୱକପ ଶେଷ ହେବା ବେଳକୁ ଏହା ସର୍ବାଧିକ ଦର୍ଶକ ଉପସ୍ଥିତ ଥିବା କ୍ରିକେଟ ବିଶ୍ୱକପ୍ ପାଲଟି ଯାଇଥିଲା। ଟୁର୍ନାମେଣ୍ଟ ଶେଷ ହେବା ବେଳକୁ ଷ୍ଟାଡିୟମରେ ମ୍ୟାଚ୍ ଦେଖିଥିବା ଦର୍ଶକଙ୍କ ସଂଖ୍ୟା ୧୨,୫୦,୩୦୭ ଅତିକ୍ରମ କରିଥିଲା। ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୧୫ ବିଶ୍ୱକପ୍‌ରେ ୧୦,୧୬,୪୨୦ ରହିଥିଲା। ସେହିପରି ଇଂଲଣ୍ଡରେ ଖେଳା ଯାଇଥିବା ୨୦୧୯ ସଂସ୍କରଣରେ ଦର୍ଶକଙ୍କ ସଂଖ୍ୟା ୭,୫୨,୦୦୦ ରହିଥିଲା।

୧୦ ଟିମ୍ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ସମୁଦାୟ ୪୮ ମ୍ୟାଚ୍ ଖେଳାଯାଇଥିଲା। ସେହିପରି ପ୍ରତି ମ୍ୟାଚ୍‌ରେ ହାରାହାରି ଦର୍ଶକ ସଂଖ୍ୟା ୨୬ ହଜାର ରହିଥିଲା। ୧୯୭୫ରୁ ଦିନିକିଆ ବିଶ୍ୱକପ୍ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଏହାର ୧୩ତମ ସଂସ୍କରଣ ସମାପ୍ତ ହୋଇଛି।


ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ।

# ଟ୍ରାନ୍ସଜେଣ୍ଡର ଖେଳାଳିଙ୍କୁ ବ୍ୟାନ୍ କଲା ଆଇସିସି

**ପୁରୁଷ ଭାବେ ଯୌବନ ହାସଲ କରିଥିଲେ ଖେଳି ପାରିବେନି**

ଅହମଦାବାଦ,୨୧।୧୧(ପି.ଟି.)

ଟ୍ରାନ୍ସଜେଣ୍ଡର ଖେଳାଳି ମାନଙ୍କୁ ମହିଳା କ୍ରିକେଟରୁ ବ୍ୟାନ୍ କରିଛି ଆଇସିସି। ମଙ୍ଗଳବାର ଆଇସିସିର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁ ଖେଳାଳି ମାନେ ପୁରୁଷ ଭାବେ ଯୌବନ ହାସଲ କରି ସାରିଥିବେ ସେମାନେ ମହିଳା ବର୍ଗରେ କ୍ରିକେଟ ଖେଳି ପାରିବେ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ଲିଙ୍ଗ ନିରୂପଣ ପାଇଁ ମଙ୍ଗଳବାର ଆଇସିସି ପକ୍ଷରୁ ନୂତନ ନିୟମ ଲାଗୁ କରାଯାଇଛି। ୯ ମାସ ଧରି ଏହି ନିୟମର ସମୀକ୍ଷା କରାଯିବା ପରେ ଆଇସିସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ଲିଙ୍ଗ ନିରୂପଣକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। କ୍ରିକେଟରେ ଏହାକୁ ନେଇ କୌଣସି ସ୍ପଷ୍ଟ ନିୟମ ରହି ନ ଥିବା ବେଳେ ୨୦୨୮ରେ କ୍ରିକେଟ ଅଲିମ୍ପିକ୍ସରେ ସାମିଲ ହେଉଥିବାରୁ ଏଭଳି ନଷ୍ପତ୍ତି ନିଆଯାଇଛି। ଏହା ସହିତ ବିଶ୍ୱର ପ୍ରଥମ ଟ୍ରାନ୍ସଜେଣ୍ଡର ଖେଳାଳି ଡାନିଏଲ ମ୍ୟାକଗାହେଙ୍କୁ ବ୍ୟାନ୍ କରାଯାଇଛି। ପୂର୍ବରୁ ଆଇସିସିର ରହିଥିବା ଆଇସିସିର ନିୟମ ମେଲ୍ ଟୁ ଫିମେଲ ନିୟମ ଅନୁସାରେ ଡାନିଏଲଙ୍କୁ ଖେଳିବାକୁ ସୁଯୋଗ ମିଳିଥିଲା। ଜନ୍ମରୁ ପୁରୁଷ ରହିଥିବା ଡାନିଏଲ ଅସ୍ତ୍ରୋପଚାର ପରେ ମହିଳା ହୋଇଥିଲେ। ଅଷ୍ଟ୍ରେଲିଆର ମୂଳ ନିବାସୀ ଡାନିଏଲ ୨୦୨୦ରେ କାନାଡାକୁ ଯାଇ ପୁରୁଷରୁ ମହିଳା ହେବାର ଚିକିତ୍ସା କରାଇଥିଲେ।

କାନାଡା ପକ୍ଷରୁ ଆସନ୍ତା ୨୦୨୪ ମହିଳା ଟି୨୦ ବିଶ୍ୱକପର ଯୋଗ୍ୟତା ପର୍ଯ୍ୟାୟ ଖେଳି ଡାନିଏଲ ମ୍ୟାକଗାହେ ଇତିହାସ ରଚିଥିଲେ। ୨୯ ବର୍ଷୀୟ ଡାନିଏଲ ଜଣେ ଓପନିଙ୍ଗ ବ୍ୟାଟର। ଲସଏଞ୍ଜେଲସରେ ସେପ୍ଟେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯାଇଥିଲା। ଟି୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବା ପାଇଁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଗୋଟିଏ ଗ୍ରୁପ୍‌ରେ ଖେଳିଥିଲା କାନାଡା। ବିଶ୍ୱରେ ଆଥଲେଟିକ୍ସ ଓ ସନ୍ତରଣ ପରି ଇଭେଣ୍ଟରେ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କୁ ମିକ୍ସଡ ଇଭେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥାଏ। ତେବେ ମହିଳା ଆଥଲେଟଙ୍କ ଟେଷ୍ଟୋଷ୍ଟେରନ ସ୍ତର ୨.୫ ନାନୋ ମୋଲ ପ୍ରତି ଲିଟର ରହିବା ଆବଶ୍ୟକ।



ବିଶ୍ୱର ପ୍ରଥମ ଟ୍ରାନ୍ସଜେଣ୍ଡର କ୍ରିକେଟର ଡାନିଏଲ ମ୍ୟାକଗାହେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୨/୨୦୨୩ Bhubaneswar, Wednesday, November 22/ 2023

# କାତାରଠାରୁ ହାରିଲା ଭାରତ

**ଭୁବନେଶ୍ୱର, ୨୧।୧୧**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଫିଫା ବିଶ୍ୱକପ ୨୦୨୬ ଓ ଏଏଫ୍‌ସି ଏସିଆନ କପ୍ ୨୦୨୭ କ୍ୱାଲିଫାୟର୍ସ ମ୍ୟାଚରେ ଭାରତ ୦-୩ ଗୋଲରେ କାତାରଠାରୁ ହାରି ଯାଇଛି। ଗ୍ରୁପ୍ ''ଏ'ରେ ସ୍ଥାନ ପାଇଥିବା ଭାରତର ଦ୍ୱିତୀୟ ମ୍ୟାଚରେ ଏହା ପ୍ରଥମ ପରାଜୟ। ୧୬ ତାରିଖରେ

**ଫିଫା ବିଶ୍ୱକପ ୨୦୨୬ ଓ ଏଏଫ୍‌ସି କ୍ୱାଲିଫାୟର୍ସ**

ଅନୁଷ୍ଠିତ ମ୍ୟାଚରେ ଭାରତ ୧-୦ ଗୋଲରେ କୁଏତ୍‌କୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ୨୦୨୪ ମାର୍ଚ୍ଚରେ ଭାରତ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ଆଫଗାନିସ୍ତାନକୁ ଭେଟିବ।

ଉଚ୍ଚ ର୍‍ୟାଙ୍କପ୍ରାପ୍ତ କାତାର ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଏହାର ଫଳ ମଧ୍ୟ ଦଳକୁ ମିଳିଥିଲା। ୪ର୍ଥ ମିନିଟରେ କର୍ନର କିକ୍‌ରୁ ଦଳପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ ମୁସ୍ତାଫା ତାରେକ ମାଶାଲ। ଭାରତୀୟ ଡିଫେଣ୍ଡରମାନେ ବଲକୁ କ୍ଲିୟର କରିବାରେ ଅସମର୍ଥ ରହିଥିଲେ। ୧୪ତମ ମିନିଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଘଟଣା ବଶତଃ ସନ୍ଦେଶ ଜିଙ୍ଗାନଙ୍କ କହୁଣି କାତାରର ବୌଲେମ ଖୌଖିଙ୍କ ଦେହରେ ଜୋରରେ ବାଜିଥିଲା। ଫଳରେ ଜିଙ୍ଗାନଙ୍କୁ ୟେଲୋ କାର୍ଡ ଦେଖାଇଥିଲେ ଥାଇଲାଣ୍ଡ ରେଫରି ଶିଭାକୋର୍ନ ପୁ-ଉଦୋମ। ୨୦ତମ ମିନିଟରେ କାତାର ଆଉଏକ ଗୋଲ ସ୍କୋରିଂର ନିକଟତର ହୋଇଥିଲା। ଭାରତୀୟ ଗୋଲପୋଷ୍ଟ ଏକପ୍ରକାର ଫାଙ୍କା ରହିଥିଲା। ମାତ୍ର ମୁସ୍ତାଫା ମାରିଥିବା ତୀବ୍ର ଶଟ୍‌କୁ ବ୍ଲକ୍ କରିବାରେ ସକ୍ଷମ ହୋଇଥିଲେ ଡିଫେଣ୍ଡର ସନ୍ଦେଶ ଜିଙ୍ଗାନ। ମ୍ୟାଚ ଆଗେଇବା ସହ ଭାରତ ମଧ୍ୟ ଆକ୍ରମଣ ଧାରାକୁ ଆସିଥିଲା। ୩୫ତମ ମିନିଟରେ ଗୋଲ ସ୍କୋରିଂ ପାଇଁ ଅପୂର୍ବ ସୁଯୋଗ ଆସିଥିଲା। କାତାର ଗୋଲ ପୋଷ୍ଟ ନିକଟରେ ଭାରତୀୟ ଖେଳାଳିମାନେ ପରସ୍ପର ମଧ୍ୟରେ ପାସ୍ ଦେଇ ବଲ୍‌କୁ ନିୟନ୍ତ୍ରଣକୁ ଆଣିଥିଲେ ହେଁ ଡି' ଏରିଆ ନିକଟରୁ ଲାଲେଙ୍ଗମାୱିଆ ମାରିଥିବା ଶଟ୍ ଗୋଲପୋଷ୍ଟ ଉପରେ ଚାଲି ଯାଇଥିଲା। ୪୨ତମ ମିନିଟରେ ଅନିରୁଦ୍ଧ ଥାପା ଗୋଲ ସ୍କୋରିଂର ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ବଲ୍ ଗୋଲପୋଷ୍ଟ ବାର୍ ନିକଟରେ ବାହାରେ ଚାଲି ଯାଇଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା କାତାର ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ପ୍ରଥମାର୍ଦ୍ଧ ଆରମ୍ଭ ପରି ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ମଧ୍ୟ କାତାର ଏକ ଗୋଲ ଦେବାରେ ସକ୍ଷମ ହୋଇଥିଲା। ୪୭ତମ ମିନିଟରେ ଖୌଖିଙ୍କ ଶଟ୍‌କୁ ଭାରତୀୟ ଗୋଲକିପର ଅମରିନ୍ଦର ସିଂ ଠିକଭାବେ ସେଭ୍ କରିପାରି ନ ଥିଲେ। ରିବାଉଣ୍ଡ ହୋଇ ଫେରି ଆସୁଥିବା ବଲ୍‌କୁ ଅଲମୋଜ ଅଲୀ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ କାତାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ମ୍ୟାଚର ଶେଷ ଭାଗରେ ଅର୍ଥାତ୍ ୮୫ତମ ମିନିଟରେ ଆବଦୁରିସାଗ୍ ୟୁସୁଫ ହେଡ୍ ଜରିଆରେ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇଥିଲେ।


ଭାରତ-କାତାର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

**କଳିଙ୍ଗ କର୍ନର**

## ମ୍ୟାଚ୍ ଦେଖିଲେ ୧୧,୦୦୦ ଦର୍ଶକ




**ଭୁବନେଶ୍ୱର, ୨୧।୧୧**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ-କାତାର ଫିଫା ବିଶ୍ୱକପ ୨୦୨୬ ଓ ଏଏଫ୍‌ସି କ୍ୱାଲିଫାୟର୍ସ ମ୍ୟାଚକୁ ୧୧,୦୦୦ ଦର୍ଶକ ଉପଭୋଗ କରିଥିଲେ। ପୂରା ଷ୍ଟାଡିୟମ ଦର୍ଶକରେ ଭରି ଯାଇଥିଲା। ଉଭୟାର୍ଦ୍ଧରେ ଗୋଲ ଦେଇ କାତାର ଯଦିଓ ଆଗୁଆ ରହିଥିଲା ତେବେ ଭାରତୀୟ ଖେଳାଳି ଯେତେବେଳେ ଗୋଲ ସୁଯୋଗ ସୃଷ୍ଟି କରୁଥିଲେ ଷ୍ଟାଡ଼ିୟମ କୋଳାହଳରେ କମ୍ପି ଉଠୁଥିଲା। ମାତ୍ର ଭାରତୀୟ ଦଳ ଅନେକ ସୁଯୋଗ ହାତଛଡ଼ା କରି ପରାଜୟ ସ୍ୱାଦ ପାଇଥିଲା।

### 'ବିଲିଭ୍ ରୋର୍'

ମ୍ୟାଚ ଆରମ୍ଭରେ ଷ୍ଟାଡିୟମର ଇଷ୍ଟଷ୍ଟାଣ୍ଡରେ ଦର୍ଶକମାନେ ବିଲିଭ୍ ରୋର୍ ଅର୍ଥାତ୍ ''ଚିତ୍କାରରେ ବିଶ୍ୱାସ' ଲେଖାଥିବା ବୃହତ୍ ବ୍ୟାନର ପ୍ରଦର୍ଶନ କରିଥିଲେ। ଏହି ଷ୍ଟାଣ୍ଡ ପ୍ରଥମେ ଭରି ଯାଇଥିବାବେଳେ ଦର୍ଶକମାନେ ଭାରତୀୟ ଦଳକୁ ଭରପୂର ସମର୍ଥନ କରିଥିଲେ। ମାତ୍ର ଦର୍ଶକ ସମର୍ଥନରୁ ଭାରତ ଫାଇଦା ନେଇପାରି ନ ଥିଲା।

# ୱେଡ୍ ଅଧିନାୟକ, ୱାର୍ନରଙ୍କୁ ବିଶ୍ରାମ

**ମେଲବୋର୍ନ, ୨୧।୧୧ (ପି.ଟି.)**

ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ମଙ୍ଗଳବାର ଦଳ ଘୋଷଣା କରାଯାଇଥିବା ବେଳେ ମାଥ୍ୟୁ ୱେଡଙ୍କୁ ଦଳରେ ଅଧିନାୟକ ରଖାଯାଇଛି। ଅନ୍ୟ ପକ୍ଷରେ ବିଶ୍ୱକପରେ ଦଳର ଟପ୍ ସ୍କୋରର ରହିଥିବା ଡେଭିଡ୍ ୱାର୍ନରଙ୍କୁ ଏହି ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯାଇଛି। ଆସନ୍ତା ନଭେମ୍ବର ୨୩ ତାରିଖରେ ବିଶାଖାପଟ୍ଟନମରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ ସହିତ ୫୩୫ ରନ୍ ସ୍କୋର କରିଥିବା ୱାର୍ନରଙ୍କ ବଦଳ ଖେଳାଳି ଭାବରେ ଆରୋନ ହାର୍ଡିଙ୍କୁ ସାମିଲ କରାଯାଇଛି। ସାଢେ ୬ ସପ୍ତାହ ଧରି କ୍ରିକେଟ ଖେଳିବା ପରେ ୱାର୍ନରଙ୍କୁ ବିଶ୍ରାମ ଦେବାକୁ କ୍ରିକେଟ ଅଷ୍ଟ୍ରେଲିଆ ନିଷ୍ପତ୍ତି ନେଇଛି। ଏହା ସହିତ ବିଶ୍ୱକପ ଖେଳିଥିବା ଖେଳାଳିଙ୍କ ମଧ୍ୟରୁ ମାତ୍ର ୭ ଜଣ ଟି ୨୦ ଦଳ ସହ ରହିବେ। ସନ୍ ଆବୋଟ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ଗ୍ଲେନ୍ ମ୍ୟାକ୍ସୱେଲ, ଷ୍ଟିଭ୍ ସ୍ମିଥ୍, ମାର୍କସ୍ ଷ୍ଟୋଇନିସ୍ ଓ ଆଡାମ ଜାମ୍ପା ଦଳ ସହିତ ରହିଛନ୍ତି।


ଡେଭିଡ ୱାର୍ନର

**ଟି୨୦ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଦଳ**

**ଅଷ୍ଟ୍ରେଲିଆ ଦଳ:** ମାଥ୍ୟୁ ୱେଡ୍(ଅଧିନାୟକ), ଆରୋନ୍ ହାର୍ଡି, ଜାସନ୍ ବେହ୍ରେଣ୍ଡ୍ରଫ୍, ନ୍ ଆବୋଟ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ଗ୍ଲେନ୍ ମ୍ୟାକ୍ସୱେଲ, ଷ୍ଟିଭ୍ ସ୍ମିଥ୍, ମାର୍କସ୍ ଷ୍ଟୋଇନିସ୍, ଆଡାମ ଜାମ୍ପା, ଟିମ୍ ଡେଭିଡ୍, ନାଥାନ ଏଲିସ୍, ତନଭୀର ସାଂଘା, ମ୍ୟାଟ୍ଟ ଶର୍ଟ, କେନ୍ ରିଚାର୍ଡସନ୍।


କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ-କାତାର ଫୁଟବଲ ମ୍ୟାଚକୁ ସ୍କୁଲ ପିଲାମାନେ ଉପଭୋଗ କରୁଛନ୍ତି।



ଓଡ଼ିଶା ଫୁଟବଲ ଏକାଡେମୀ ପରିସରରେ ମଙ୍ଗଳବାର ଏଆଇଏଫଏଫ-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ଏମ୍ଓୟୁ ସ୍ୱାକ୍ଷର ଅବସରରେ (ବାମରୁ) ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିଫାର ଗ୍ଲୋବାଲ ଫୁଟବଲ ଡେଭ୍‌ଲପ୍‌ମେଣ୍ଟ ମୁଖ୍ୟ ଆର୍ସେନ ୱେଙ୍ଗର ଓ ଏଆଇଏଫଏଫ ସଭାପତି କଲ୍ୟାଣ ଚୌବେ।

## ପାକିସ୍ତାନ ବୋଲିଂ କୋଚ୍ ହେଲେ ଗୁଲ୍, ଅଜମଲ

**ଲାହୋର, ୨୧।୧୧ (ପି.ଟି.):** ଦୁଇ ପୂର୍ବତନ ପାକିସ୍ତାନୀ ବୋଲର ଉମର ଗୁଲ୍ ଓ ସଇଦ୍ ଅଜମଲଙ୍କୁ ପାକିସ୍ତାନ ଦଳର ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ଉଭୟଙ୍କୁ ଯଥାକ୍ରମେ ପାକିସ୍ତାନ କ୍ରିକେଟ ଦଳର ଦ୍ରୁତ ବୋଲିଂ ଓ ସ୍ପିନ୍ ବୋଲିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ପାକିସ୍ତାନ ଦଳ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଉଭୟ ଖେଳାଳିଙ୍କୁ ନିଯୁକ୍ତି ମିଳିଛି। ଉମର ଗୁଲ୍ ପୂର୍ବରୁ ପାକିସ୍ତାନ ଦଳର ବୋଲିଂ କୋଚ୍ ଭୂମିକାରେ ନଜର ଆସିଥିଲେ।




# ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ବଲାଙ୍ଗୀର, ୨୧।୧୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

୩୫ତମ ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଏହି ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ, ବରିଷ୍ଠ ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ମୁରୁଲୀଧରନ୍, କେରଳ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ରାକେଶ ଶେଖର, ଫିଆନ୍‌ସି ଦଥାନ, ସୁଧୀର ଭାର୍ବେ ମଞ୍ଚାସୀନ ଥିଲେ। ଏହି ଜାତୀୟ ଚାମ୍ପିୟନଶିପ୍‌ରେ ସମଗ ଦେଶର ୩୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି, କୋଚ୍, ଅଫିସିଆଲ ଏବଂ ସହଯୋଗୀ ଅଂଶଗ୍ରହଣ କରିଛନ୍ତି। ସମାରୋହ ପ୍ରାରମ୍ଭରେ ଆୟୋଜକ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଭିଡିଓ ବାର୍ତ୍ତା ଯୋଗେ ସମସ୍ତ ପ୍ରତିଯୋଗୀ, କୋଚ୍ ଓ ଅଫିସିଆଲଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜିଲାପାଳ ରାଣା ତାଙ୍କ ଉଦ୍‌ଘାଟନୀ ବକ୍ତବ୍ୟରେ ଚାମ୍ପିୟନଶିପ୍‌ର ସଫଳ ଆୟୋଜନ ପାଇଁ ଭାରତୀୟ ବ୍ୟାଡମିଣ୍ଟନ ସଂଘ, ଓଡ଼ିଶା ବ୍ୟାଡମିଣ୍ଟନ ସଂଘ, ଜିଲା ବ୍ୟାଡମିଣ୍ଟନ ସଂଘ, ରାଜ୍ୟ ସରକାର ଏବଂ ଓଡିଶା ଖଣି ନିଗମକୁ ଧନ୍ୟବାଦ ଜଣାଇଥିଲେ। ବଲାଙ୍ଗୀର ସହରରେ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ହେବା ଦ୍ୱାରା ଭବିଷ୍ୟତରେ ଛୋଟ ସହର ଏବଂ ଗାଁରୁ ଆନ୍ତର୍ଜାତିକ ଖେଳାଳି ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ମୁରଲୀଧରନ୍, ଏସ୍‌ପି ଖିଲାରୀ, ଆଡଭୋକେଟ ଅମରେନ୍ଦ୍ର ମିଶ୍ର କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ତଥା ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍ ସଂଯୋଜକ ସୁରୁଲାଲ ମଟାରୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଯୋଜକ ମଟାରୀ ଏବଂ ରାଜ୍ୟ ସଂଘ ସମ୍ପାଦକ ନିଲିନ୍ କୁମାର ବ୍ୟାଡମିଣ୍ଟନ ଖେଳ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଆୟୋଜକ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ର ଏବଂ ଜିଲାପାଳ ଚଞ୍ଚଳ ରାଣାଙ୍କୁ ସ୍ମାରକୀ ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଘାଟନୀ ପ୍ରଥମ ପର୍ଯ୍ୟାୟ ବାଳକ ବିଭାଗ ମ୍ୟାଚ୍‌ରେ କେରଳର ଶ୍ରୀଯୋଶ୍ରୀ ଈଶ୍ୱର, ଝାଡ଼ଖଣ୍ଡର ଶ୍ରୀରାମ ରତନ, ପଞ୍ଜାବର ସାତ୍ତ୍ୱିକ ଭାଟିଆ, ହରିଆଣାର ଜତିନ୍ କୁମାର, ବାଳିକା ବିଭାଗରେ ମହାରାଷ୍ଟ୍ରର ସ୍ୱୟାରା ସେଲର, ହରିଆଣାର ଜିବିକା ସହଲଟ୍, ଉତ୍ତର ପ୍ରଦେଶର ଆଗ୍ରିମା ସିଂ, ଗୋଆର ଆର୍ଯ୍ୟା ମୈତ୍ରୀ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ମଞ୍ଚାସୀନ ଅତିଥି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ